ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ରବିବାର, ଜୁଲାଇ ୨୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 21/2024 Page 16 ₹ 7.00 | BALASORE
୫୦ଶ ଭାଗ ୨୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 237 ମୂଲ୍ୟ ₹୭/-

# ୟୁପିଏସ୍‌ସି ଅଧ୍ୟକ୍ଷଙ୍କ ଇସ୍ତଫା

## କଂଗ୍ରେସ ବାରିଲା ଦୁର୍ନୀତି ଗନ୍ଧ

**ନୂଆଦିଲ୍ଲୀ,୨୦।୭**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଅଧ୍ୟକ୍ଷ ପଦରୁ ମନୋଜ ସୋନି ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ପଦ ଛାଡୁଥିବା କହିଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୯ ମେ'ରେ ଶେଷ ହେବାର ଥିଲା। ୫ ବର୍ଷ ପୂର୍ବରୁ ସେ ଇସ୍ତଫା ଦେବାକୁ ନେଇ ବିରୋଧୀ ଦଳ କଂଗ୍ରେସ ଦୁର୍ନୀତିର ଗନ୍ଧ ବାରିଛି। ୟୁପିଏସ୍‌ସିରେ ବ୍ୟାପକ ଦୁର୍ନୀତି ଲାଗି ରହିଛି। ମନୋଜ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହୁଥିବାବେଳେ କମିଶନରେ ହୋଇଥିବା ବର୍ତ୍ତମାନର ବିବାଦରୁ ଖସିଯିବା ପାଇଁ ସେ ପଦ ଛାଡ଼ିଥାଇପାରନ୍ତି ବୋଲି କଂଗ୍ରେସ କହିଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ୍‌କର ଜାଲ୍ ପ୍ରମାଣପତ୍ର ଦେଇ ଆଇଏଏସ୍ ପାଇଥିବା ନେଇ ଖୋଳତାଡ଼ ଚାଲିଥିବାବେଳେ ୟୁପିଏସ୍‌ସି ଅଧ୍ୟକ୍ଷ ଏହା ସମେତ ଆହୁରି ଅନେକ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ଉଠିଲାଣି।


ମନୋଜ ସୋନି


ପୂଜା ଖେଡ୍‌କର

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଭାଜପା-ଆର୍‌ଏସ୍‌ଏସ୍ ଭାରତର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ବ୍ୟବସ୍ଥିତ ଢଙ୍ଗରେ ଦଖଲ କରିବାରେ ଲାଗିଛନ୍ତି। ଫଳରେ ସେହିସବୁ ଅନୁଷ୍ଠାନଗୁଡ଼ିକର ଖ୍ୟାତି, ସାଧୁତା ଏବଂ ସ୍ୱୟଂକ୍ରିୟତା ନଷ୍ଟ ହେଉଛି। ୟୁପିଏସ୍‌ସିରେ ଦୁର୍ନୀତି ଜାତୀୟ ସ୍ତରରେ ଚିନ୍ତାର କାରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ ମନ୍ତ୍ରୀ ନିଜକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ ବୋଲି ଖାର୍ଗେ ଆହ୍ୱାନ ଦେଇଛନ୍ତି। ବହୁସଂଖ୍ୟାରେ ଅଯୋଗ୍ୟ ଆଶାୟୀ ଜାଲ୍ ଜାତି ପ୍ରମାଣପତ୍ର ଏବଂ ମେଡିକାଲ ସାର୍ଟିଫିକେଟ ଦେଇ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବାରୁ ତ୍ରୁଟିଶୂନ୍ୟ ବ୍ୟବସ୍ଥାରେ ଠକେଇ ବଢ଼ିଥିବା ଜଣାପଡୁଛି ବୋଲି ଖାର୍ଗେ ଏକ୍ସ'ରେ ଲେଖିଛନ୍ତି। ରାତିରାତି ଉଜାଗର ରହି ସିଭିଲ ସର୍ଭିସ ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିବା ଅନେକ ଲକ୍ଷ ସଚ୍ଚୋଟ ଆଶାୟୀଙ୍କ ପ୍ରତି ଏହା ଅପମାନ। ୨୦୨୩ରେ ନିଯୁକ୍ତି ପାଇଥିବା ମନୋଜ କାର୍ଯ୍ୟକାଳ ୫ ବର୍ଷ ବାକି ଥାଇ ୟୁପିଏସ୍‌ସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା କ୍ଷୋଭର ବିଷୟ। ତାଙ୍କ ଇସ୍ତଫାକୁ କାହିଁକି ମାସେ ହେଲା ଚାପି ରଖାଯାଇଥିଲା। ବ୍ୟାପକ ଦୁର୍ନୀତି ସହ ଇସ୍ତଫାର କୌଣସି ସମ୍ପୃକ୍ତି ରହିଛି କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ମନୋଜଙ୍କୁ ଗୁଜରାଟରୁ ଆଣି ୟୁପିଏସ୍‌ସି ଅଧ୍ୟକ୍ଷ ଭାବେ ପଦୋନ୍ନତି ଦେଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସିଭିଲ୍ ସର୍ଭାଣ୍ଟମାନଙ୍କୁ ଭାରତର ଇସ୍ପାତ ଫ୍ରେମ୍ ବୋଲି କହୁଥିଲେ। କିନ୍ତୁ ମୋଦି ସରକାର ଶାସନର ପ୍ରତ୍ୟେକ ସ୍ତରକୁ ନିୟନ୍ତ୍ରଣକୁ ନେବା ପାଇଁ ହତାଶ ଉଦ୍ୟମ କରି ସେଗୁଡ଼ିକୁ ନଷ୍ଟ କରିସାରିଲେଣି ବୋଲି ଖାର୍ଗେ କହିଛନ୍ତି। ୟୁପିଏସ୍‌ସି ପ୍ରଶାସନରେ ବ୍ୟାପକ ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ୟୁପିଏସ୍‌ସି ଦେଶର ସବୁଠୁ ମର୍ଯ୍ୟାଦାପୂର୍ଣ୍ଣ ପରୀକ୍ଷା ପରିଚାଳନା କରିଥାଏ। ଏଥିରେ କୃତକାର୍ଯ୍ୟ ହେଉଥିବା ଛାତ୍ରୀଛାତ୍ର ଶାସନ ବ୍ୟବସ୍ଥାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଥାନ୍ତି। ଦେଶର କୋଟି କୋଟି ଲୋକଙ୍କ ଆସ୍ଥା ଏବଂ ଦୈନନ୍ଦିନ ଶାସନ କାର୍ଯ୍ୟ ଏହି ଅନୁଷ୍ଠାନର ପେସାଦାର ବ୍ୟବସ୍ଥା ସହ ଜଡ଼ିତ। ୟୁପିଏସ୍‌ସି ପ୍ରକ୍ରିୟାରେ ଅନିୟମିତତା ଖବର ବିସ୍ମୟକର, ଯାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ସ୍ୱପ୍ନ ଓ ବିଶ୍ୱାସକୁ ଆଘାତ ଦେଇଥିବା ପ୍ରିୟଙ୍କା କହିଛନ୍ତି।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଏବେ ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ

**ଭୁବନେଶ୍ୱର,୨୦।୭**
**(ଅନିଲ ଦାସ)**

ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ବଦଳାଇ ଦେଇଛନ୍ତି। ଏନେଇ ଶନିବାର କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଏଣିକି 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' ନାମରେ ନାମିତ ହେବ। ଏଥିସହିତ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ସମ୍ମାନକୁ ନେଇ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଏହି ପୁରସ୍କାର ଆରମ୍ଭ କରାଯାଇଥିଲା। ସେ ଏହି ପୁରସ୍କାର ତାଙ୍କ ବାପା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ। ମୋଟ ୫ଟି ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଉଥିଲା। ନୂଆ ସରକାର ଏହାର ନାଁ ବଦଳାଇବା ସହିତ ଆହୁରି ୩ଟି ବର୍ଗକୁ ଏହି ପୁରସ୍କାର ପାଇଁ ସାମିଲ କରିଛନ୍ତି। ପୂର୍ବରୁ ଲାଇଫ-ଟାଇମ୍ ଆଚିଭ୍‌ମେଣ୍ଟ, କ୍ରୀଡ଼ା ଓ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ, କୋଚିଂରେ ଉତ୍କୃଷ୍ଟତା, କ୍ରୀଡ଼ା ସାମ୍ବାଦିକତାରେ ଉତ୍କୃଷ୍ଟତା ଓ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ଯୋଗଦାନ ପାଇଁ ଏହି ପୁରସ୍କାର ଦିଆଯାଉଥିଲା। ଏବେ ଏହି ୫ଟି ବର୍ଗ ସହିତ ବର୍ଷର ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ବର୍ଷର ଶ୍ରେଷ୍ଠ ଆଥଲେଟ୍ ☞ପୃଷ୍ଠା-୪

# ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକ



**କଟକ/ ଜୟପୁର,୨୦।୭**
**(ଶିଳ୍ପା ପ୍ରିୟଦର୍ଶିନୀ/ ପବନ ପାଣିଗ୍ରାହୀ)**

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। କଟକ ଏସ୍‌ସିବି ମେଡିକାଲରେ ଶନିବାର ଭୋର ୫ଟା ୪୫ ମିନିଟରେ ହୃଦ୍‌ଘାତ ଯୋଗୁ ପୂଜାରୀଙ୍କ ମୃତ୍ୟୁ ହୋଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି। ମୃତ୍ୟୁ ଖବର ପାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏସ୍‌ସିବିରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପତାକାରେ ତାଙ୍କ ମରଶରୀରକୁ ଆଚ୍ଛାଦିତ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ଏସ୍‌ସିବି ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ମରଶରୀରକୁ କୋରାପୁଟ ପଠାଯାଇଛି।

କମଳା ପୂଜାରୀ ନାରୀ ସଶକ୍ତୀକରଣରେ ପ୍ରମୁଖ ଭୂମିକା ବହନ କରିଥିଲେ। ଦେଶୀ ଧାନ ଗବେଷଣା ଓ ସଂରକ୍ଷଣ ପାଇଁ କୋରାପୁଟ ଜିଲାର ଏକମାତ୍ର ଆଦିବାସୀ ମହିଳା ଭାବେ ସେ ସମଗ୍ର ଦେଶରେ ପରିଚିତ ଥିଲେ। ଓଡ଼ିଶାରେ ରହିଥିବା ପାରମ୍ପରିକ ଧାନ କିସମ ସଂରକ୍ଷଣ କ୍ଷେତ୍ରରେ ଲୋପ ପାଇଯାଉଥିବା ଦେଶୀ ଧାନକୁ ସଂଗ୍ରହ ଓ ସଂରକ୍ଷଣ କରି କମଳା କୋରାପୁଟ ଜିଲା, ରାଜ୍ୟ ଓ ଦେଶକୁ ବିଶ୍ୱ ଦରବାରରେ ପରିଚିତ କରିଥିଲେ। ସେ ୧୪୦ ପ୍ରକାର ଲୋପ ପାଇଯାଇଥିବା ଅତି ଦୁର୍ଲଭ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ** ବିଚାରଧାରାର ଦଳ

# ଏନ୍‌ଇଇଟି-ୟୁଜି: ସାନି ଫଳରୁ ଦୁର୍ନୀତି ସ୍ପଷ୍ଟ

**ନୂଆଦିଲ୍ଲୀ,୨୦।୭**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିର କେନ୍ଦ୍ରୱାରି ଏବଂ ସହରୱାରି ପରୀକ୍ଷାଫଳ ପ୍ରକାଶ କରିଛି। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ର ଯେଉଁଠି ୬ ଜଣ ଛାତ୍ର ୭୨୦ରୁ ୭୨୦ ନମ୍ବର ରଖିଥିଲେ, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ୬୮୨ରୁ ଅଧିକ ନମ୍ବର ରଖିପାରି ନାହାନ୍ତି। ତେଣୁ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଦୁର୍ନୀତି ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି।



ହରିୟାଣାର ବାହାଦୁରଗଡ଼ସ୍ଥିତ ହରଦୟାଲ ପବ୍ଲିକ୍ ସ୍କୁଲ୍‌ରେ ୪୯୪ ଛାତ୍ରୀଛାତ୍ର ଏନ୍‌ଇଇଟି ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମାତ୍ର ପିଲା ସର୍ବାଧିକ ୬୮୨ ନମ୍ବର ରଖିଛନ୍ତି। ମାତ୍ର ୧୩ ଜଣ ପରୀକ୍ଷାର୍ଥୀ ୬୦୦ରୁ ଅଧିକ ନମ୍ବର ରଖିବାକୁ ସକ୍ଷମ ହୋଇଛନ୍ତି। ତେବେ ଜୁନ୍ ୪ରେ ପ୍ରକାଶିତ ଫଳାଫଳରେ ୬ ଜଣ ୧୦୦ ପ୍ରତିଶତ ନମ୍ବର କିପରି ହାସଲ କରିଥିଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ୬ ଜଣଙ୍କ ବ୍ୟତୀତ ଅନ୍ୟ ୨ ଜଣ ପରୀକ୍ଷାର୍ଥୀ ଯଥାକ୍ରମେ ୭୧୮ ଏବଂ ୭୧୯ ନମ୍ବର ରଖିଥିଲେ। ସାନି ଫଳାଫଳରେ ସେମାନଙ୍କ ରେଜଲ୍ଟ କମିଗଲା କିପରି ? ତେଣୁ ପରୀକ୍ଷାରେ ଅସାଧୁ ଉପାୟ ବଳରେ ଏହି ୮ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଅଧିକ ନମ୍ବର ହାସଲ କରିବାକୁ ସକ୍ଷମ ହୋଇଥିଲେ ବୋଲି ଜଳଜଳ ହୋଇ ଦେଖାଯାଉଛି। ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବାର ପ୍ରମାଣ ନାହିଁ ବୋଲି କହି କେନ୍ଦ୍ର ସରକାର ଏବଂ ଏନ୍‌ଟିଏ କର୍ତ୍ତୃପକ୍ଷ ସାନି ପରୀକ୍ଷାକୁ ଏଡ଼ାଇଦେବାକୁ ବସିଥିବାବେଳେ କେବଳ ଗୋଟିଏ ପରୀକ୍ଷା କେନ୍ଦ୍ରର ସାନି ଫଳାଫଳରୁ ଅନିୟମିତତା ସ୍ପଷ୍ଟ ହୋଇଯାଇଛି।

ମେ' ୫ରେ ଏନ୍‌ଇଇଟି-ୟୁଜି ପରୀକ୍ଷା ବିଦେଶର ୧୪ ସହର ସମେତ ମୋଟ ୫୭୧ଟି ସହରର ୪,୭୫୦ କେନ୍ଦ୍ରରେ ହୋଇଥିଲା ଏବଂ ୨୪ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷାରେ ଭାଗ ନେଇଥିଲେ। ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବା ପରେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଜଣକ ପାଇଁ ଅନ୍ୟ ଜଣେ ପରୀକ୍ଷା ଦେବା, ମୋଟା ଅଙ୍କର ଟଙ୍କା ନେଇ ବ୍ଲାଙ୍କ୍ ଉତ୍ତର ଖାତାରେ ଉତ୍ତର ଲେଖିଦେବା ଆଦି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। ଉକ୍ତ ପରୀକ୍ଷାକୁ ବାତିଲ କରାଯାଇ ସାନି ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଫଳରେ କେନ୍ଦ୍ରୱାରି ଏବଂ ସହରୱାରି ଫଳାଫଳ ପ୍ରକାଶ କରିବାକୁ ଗତ ୧୮ ତାରିଖରେ ସର୍ବୋଚ୍ଚ ଅଦାଲତ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଥିଲେ। ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



**ଟ୍ରାକ୍ ଯୋଡ଼ିବାରେ ତ୍ରୁଟିରୁ ଗୋଣ୍ଡା ଟ୍ରେନ୍ ଦୁର୍ଘଟଣା**

ରେଳ ଟ୍ରାକ୍ ଯୋଡ଼ିବାରେ ତ୍ରୁଟିରୁ ଉତ୍ତରପ୍ରଦେଶର ଗୋଣ୍ଡା ଜିଲାରେ ଚଣ୍ଡିଗଡ଼-ଡିବ୍ରୁଗଡ଼ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର ତଦନ୍ତ କରୁଥିବା ବରିଷ୍ଠ ରେଲୱେ ଅଧିକାରୀମାନଙ୍କ ୫ ଜଣିଆ ଟିମ୍ ଏହା କହିଛି। ଗୁରୁବାର ଚଣ୍ଡିଗଡ଼-ଡିବ୍ରୁଗଡ଼ ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା।



**ସଂକ୍ଷେପରେ**

## ଭୀଷଣ ଗରମ: ୨ ଯବାନ ମୃତ

ଅହମ୍ମଦାବାଦ, ୨୦।୭

ଭାରତ ପାକିସ୍ତାନ ଅନ୍ତଃରାଷ୍ଟ୍ରୀୟ ସୀମାସ୍ଥିତ ଗୁଜରାଟର ହରାମି ନାଲା କ୍ରିକ୍ ଅଞ୍ଚଳରେ ପ୍ରବଳ ଗରମ ଯୋଗୁ ଶନିବାର ସୀମା ସୁରକ୍ଷା ବଳ(ବିଏସ୍ଏଫ୍)ର ଜଣେ ଅଧିକାରୀ ଓ ଜଣେ ଯବାନଙ୍କର ମୃତ୍ୟୁ ଘଟିଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଶ୍ୱ ଦେଓ ଓ ହେଡ୍ କନଷ୍ଟେବଳ ଦୟାଲ ରାମଙ୍କର ଡିହାଇଡ୍ରେସନ ଓ ହିଟ୍ ଷ୍ଟ୍ରୋକ୍ ଯୋଗୁ ମୃତ୍ୟୁ ଘଟିଥିବା ଆଧିକାରିକ ସୂତ୍ରରୁ ଜଣାପଡ଼ିଛି। ଅଧିକାଂଶ ସମୟ ସୀମା ସୁରକ୍ଷାରେ ନିୟୋଜିତ ରହୁଥିବାରୁ ସେମାନଙ୍କ ଶରୀର ଜଳୀୟଅଂଶ କମିଯାଇଥିଲା। ସୂଚନାଯୋଗ୍ୟ, ଗତ କିଛି ଦିନ ଧରି ଗୁଜରାଟର ରନ୍ ଅଫ୍ କଚ୍ଛ ଓ ହରାମି ନାଲା କ୍ରିକ୍ ଅଞ୍ଚଳରେ ତାପମାତ୍ରା ୩୪ରୁ ୩୬ ଡିଗ୍ରୀ ସେଲସିୟସ ରହୁଥିବାବେଳେ ଆର୍ଦ୍ରତା ସ୍ତର ୮୦ରୁ ୮୨% ଯାଏ ପହଞ୍ଚୁଛି।

## ଚାଇନାରେ ବ୍ରିଜ୍ ଭୁଶୁଡ଼ି ୧୨ ମୃତ



ବେଜିଂ, ୨୦।୭

ଲଗାଣ ବର୍ଷା ପ୍ରଭାବରେ ଉତ୍ତର ଚାଇନାର ସାନ୍କ୍ସି ପ୍ରଦେଶରେ ଏକ ହାଇ-ୱେ ବ୍ରିଜ୍ ଭୁଶୁଡ଼ି ପଡ଼ି ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ୧୨ ଜଣଙ୍କ ମୃତଦେହ ବାହାର କରିଥିବାବେଳେ ଏବେ ମଧ୍ୟ ବ୍ରିଜ୍ ତଳେ ପ୍ରବାହିତ ହେଉଥିବା ଜିନ୍କିଆନ ନଦୀରେ ୩୧ ଜଣ ନିଖୋଜ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଦୁର୍ଘଟଣା ଯୋଗୁ ଉକ୍ତ ବ୍ରିଜ୍ ଦେଇ ଯାଉଥିବା ୧୭ଟି କାର୍ ଓ ୮ଟି ଟ୍ରକ ଜିନ୍କିଆନ ନଦୀରେ ଖସି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିପରି ଲଗାଣ ବର୍ଷା ଯୋଗୁ ଚାଇନାର ସିଚୁଆନ ପ୍ରଦେଶରେ ବନ୍ୟା ସ୍ଥିତି ଦେଖାଦେଇଛି। ଏହି ବନ୍ୟାରେ ସ୍ଥାନୀୟ ସିହୁଆ ଗ୍ରାମର ୩୦ ଜଣ ନିଖୋଜ ହୋଇଛନ୍ତି।

# ବାଂଲାଦେଶରେ ଦେଖିଲାମାତ୍ରେ ଗୁଳି ନିର୍ଦ୍ଦେଶ

### ସଂରକ୍ଷଣ ବିରୋଧୀ ଆନ୍ଦୋଳନ: ସଂଘର୍ଷରେ ଗଲାଣି ୧୧୫ ଜୀବନ



ବାଂଲାଦେଶରେ କର୍ଫ୍ୟୁ ଜାରି ହୋଇଥିବାବେଳେ ଶନିବାର ଢାକାଠାରେ ସେନା ଯବାନମାନେ ପାଟ୍ରୋଲିଂ କରୁଛନ୍ତି।

ଢାକା,୨୦।୭

ବାଂଲାଦେଶ ସରକାରୀ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଦାବିରେ ଆନ୍ଦୋଳନ ଉଗ୍ର ହେବାରେ ଲାଗିଛି। ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟି ଇତିମଧ୍ୟରେ ୧୧୫ ଜଣଙ୍କ ଜୀବନ ଯିବା ସହ ବହୁସଂଖ୍ୟାରେ ଆହତ ହେଲେଣି। ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ବାଂଲାଦେଶର ସରକାରୀ ଗଣମାଧ୍ୟମ ବି-ଟିଭି କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଲ୍ଡିଂରେ ପୋଡ଼ାଜଳା ଜାରି ରଖିଥିବାରୁ ବାଂଲାଦେଶ ପୋଲିସ ସେମାନଙ୍କୁ ଦେଖିଲାମାତ୍ରେ ଗୁଳି ସମେତ କର୍ଫ୍ୟୁ ଆଇନକୁ କଡ଼ାକଡ଼ି ଲାଗୁ କରିଛି। ଶନିବାର ରାଜଧାନୀ ଢାକାର ବିଭିନ୍ନ ଭାଗରେ ସେନା ଯବାନମାନେ ପାଟ୍ରୋଲିଂ କରିଛନ୍ତି। ଦେଶବ୍ୟାପୀ ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିଥିବାବେଳେ ୧୫ ବର୍ଷ କାର୍ଯ୍ୟକାଳ ପରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ପ୍ରଥମଥର ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି।

ଶୁକ୍ରବାର ମଧ୍ୟରାତ୍ରରୁ କର୍ଫ୍ୟୁ ଜାରି ହୋଇଥିବାବେଳେ ଶନିବାର ଜନସାଧାରଣ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବା ପାଇଁ ମଧ୍ୟାହ୍ନରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହାକୁ କୋହଳ କରାଯାଇଥିଲା। ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ ବୋଲି ଆଶା କରାଯାଉଛି। ହିଂସାରେ ସମ୍ପୃକ୍ତ ଲୋକଙ୍କୁ ଆବଶ୍ୟକ ପଡ଼ିଲେ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ପୋଲିସ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶାସକ ଆୱାମି ଲିଗ୍ ଦଳର ସାଧାରଣ ସମ୍ପାଦକ ଓବାଇଦୁଲ୍ କାଦେର କହିଛନ୍ତି। କର୍ଫ୍ୟୁ ଯୋଗୁ ରାଜଧାନୀ ଢାକାର ରାସ୍ତାଘାଟ ଶୂନ୍ଶାନ ହାଇଯାଇଛି। ସଶସ୍ତ୍ର ଯବାନମାନେ ପାଟ୍ରୋଲିଂ ଚଳାଇଛନ୍ତି।

ବାଂଲାଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାମାନଙ୍କ ପାଇଁ ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିବାରୁ ଏହାର ପ୍ରତିବାଦରେ ଛାତ୍ର ସଂଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଥିଲେ। ଏଥିରେ ଅନ୍ୟମାନେ ସାମିଲ ହେବା ପରେ ଗତ ମଙ୍ଗଳବାର ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। କେବଳ ଶୁକ୍ରବାର ୪୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ୨୫ ଜଣଙ୍କ ଜୀବନ ଯାଇଥିଲା।

## ୧,୦୦୦ ଭାରତୀୟ ଛାତ୍ରୀଛାତ୍ର ଫେରିଲେଣି

ନୂଆଦିଲ୍ଲୀ,୨୦।୭

ବାଂଲାଦେଶରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିବାବେଳେ ସେଠାରୁ ପାଖାପାଖି ୧,୦୦୦ ଭାରତୀୟ ଛାତ୍ରୀଛାତ୍ର ସ୍ୱଦେଶ ଫେରିଆସିଲେଣି। ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାନ୍ତ ପଏଣ୍ଟ ଅତିକ୍ରମ କରାଇ ସେମାନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ପାଇଁ ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସେମାନଙ୍କ ସହଜ ପ୍ରତ୍ୟାବର୍ତ୍ତନ ପାଇଁ ବେସାମରିକ ବିମାନ ଚଳାଚଳ, ଇମିଗ୍ରେଶନ, ବନ୍ଦର ଏବଂ ସୀମାନ୍ତ ସୁରକ୍ଷା ବଳ ସହ ଯୋଗାଯୋଗ କରାଯାଇଛି। ବିଭିନ୍ନ ବନ୍ଦର ଦେଇ ୭୭୮ ଛାତ୍ରୀଛାତ୍ର ଭାରତ ଫେରିଥିବାବେଳେ ଢାକା ଏବଂ ଚିଟ୍ଟାଗଙ୍ଗ ଏୟାରପୋର୍ଟରୁ ବିମାନ ଯୋଗେ ପ୍ରାୟ ୨୦୦ ଜଣ ଫେରିଆସିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଏବେ ବି ସେଠାରେ ୪,୦୦୦ରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ରହିଥିବାବେଳେ ସେମାନଙ୍କ ସହ ଉଚ୍ଚାୟୁକ୍ତ ପକ୍ଷରୁ ନିୟମିତ ଯୋଗାଯୋଗ ଜାରି ରହିଛି। ବାଂଲାଦେଶରେ ଥିବା ନେପାଳ ଏବଂ ଭୁଟାନ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଭାରତ ଆସିବାରେ ସହାୟତା ଯୋଗାଇ ଦିଆଯାଉଛି। ବହୁ ଛାତ୍ରୀଛାତ୍ର ବିମାନ ଟିକେଟ କିଣିଥିଲେ ମଧ୍ୟ କର୍ଫ୍ୟୁ ଯୋଗୁ ସେମାନେ ଏୟାରପୋର୍ଟରେ ପହଞ୍ଚି ପାରିନାହାନ୍ତି। ବହୁ ବିମାନର ଉଡ଼ାଣ ବାତିଲ ହୋଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ବହୁ ଭାରତୀୟ ଛାତ୍ରୀଛାତ୍ର ଅଟକି ରହିଥିବା ଜଣାପଡ଼ିଛି।

## ୨୨ରେ ଆସିବ ଅର୍ଥନୈତିକ ସର୍ଭେ ରିପୋର୍ଟ

ନୂଆଦିଲ୍ଲୀ,୨୦।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୪-୨୫ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ଲୋକ ସଭାରେ ଆଗତ କରିବେ। ଆର୍ଥିକ ସର୍ଭେ ରିପୋର୍ଟ ହେଉଛି ମାର୍ଚ୍ଚ ୩୧ରେ ଶେଷ ହେଉଥବା ବର୍ଷରେ ସରକାରଙ୍କ ଆର୍ଥିକ ପ୍ରଦର୍ଶନ ଏବଂ ଅର୍ଥନୈତିକ ସ୍ଥିତି ଉପରେ ଆନୁଷ୍ଠାନିକ ରିପୋର୍ଟ କାର୍ଡ। ଭବିଷ୍ୟତ ନୀତି ପରିବର୍ତ୍ତନ ସମ୍ଭାବନା ସମ୍ପର୍କରେ ଏହା ସୂଚନା ଦେଇଥାଏ। ସାଧାରଣତଃ କେନ୍ଦ୍ରୀୟ ବଜେଟ ଉପସ୍ଥାପନର ଦିନକ ପୂର୍ବରୁ ଏହି ରିପୋର୍ଟ ଉପସ୍ଥାପନ କରାଯାଇଥାଏ। ଅର୍ଥମନ୍ତ୍ରୀ ସୀତାରାମନ୍ ଆସନ୍ତା ୨୩ରେ ୨୦୨୪-୨୫ ବର୍ଷର ବଜେଟ ଉପସ୍ଥାପନ କରିବେ।

## ଏନ୍ଇଇଟି ପ୍ରଶ୍ନପତ୍ର ଲିକ୍: ମାଷ୍ଟରମାଇଣ୍ଡ, ୨ ଏମ୍ବିବିଏସ୍ ଛାତ୍ର ଗିରଫ

ନୂଆଦିଲ୍ଲୀ,୨୦।୭

ଏନ୍ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାର ଅନ୍ୟତମ ମାଷ୍ଟରମାଇଣ୍ଡ ଏନ୍ଆଇଟି ଜାମସେଦପୁରର ବି.ଟେକ୍ ଛାତ୍ର ଶଶିକାନ୍ତ ପାଶ୍ୱାନଙ୍କୁ ସିବିଆଇ ଶନିବାର ଗିରଫ କରିଛି। ଏଥିସହ ଟଙ୍କା ନେଇ ପ୍ରଶ୍ନପତ୍ରର ଉତ୍ତର ଯୋଗାଇ ଦେଇଥିବା ୨ ଜଣ ଏମ୍ବିବିଏସ୍ ଛାତ୍ରଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ମିଶାଇ ସିବିଆଇ ମେଡିକାଲ ପ୍ରବେଶିକା ପରୀକ୍ଷା ଅନିୟମିତତା ମାମଲାରେ ୨୧ ଜଣଙ୍କୁ ଗିରଫ କଲାଣି। ଗିରଫ ୨ ଏମ୍ବିବିଏସ୍ ଛାତ୍ର ହେଲେ ରାଜସ୍ଥାନ ଭରତପୁର ମେଡିକାଲ ସ୍କୁଲ୍ର କୁମାର ମଙ୍ଗଳମ୍ ବିଷ୍ଣୋଇ(ଦ୍ୱିତୀୟ ବର୍ଷ) ଏବଂ ଦୀପେନ୍ଦର ଶର୍ମା (ପ୍ରଥମ ବର୍ଷ)। ହଜାରିବଗ୍ରେ ଥିବା ଏନ୍ଟିଏ ଟ୍ରଙ୍କରୁ ପ୍ରଶ୍ନପତ୍ର ଇଞ୍ଜିନିୟର ପଙ୍କଜ କୁମାର ଚୋରି କରିଥିବାବେଳେ ଉପରୋକ୍ତ ୨ ଛାତ୍ର ସେଗୁଡ଼ିକର ଉତ୍ତର ଯୋଗାଇ ଦେଇଥିଲେ। ମେ' ୫ ପରୀକ୍ଷା ଦିନ ଏମାନେ ହଜାରିବାଗରେ ଉପସ୍ଥିତ ଥିଲେ। ପୂର୍ବରୁ ୫ ଏମ୍ବିବିଏସ୍ ଛାତ୍ର ଗିରଫ ହୋଇଥିବା ସଲ୍ଭର ଗ୍ୟାଙ୍ଗରେ ଏମାନେ ସାମିଲ ଥିବା ଜଣାପଡ଼ିଛି।

## ମୁମ୍ବାଇରେ ବନ୍ୟା ସ୍ଥିତି

ମୁମ୍ବାଇ, ୨୦।୭

ଗତ ୩ ଦିନ ଧରି ମୁମ୍ବାଇରେ ଲଗାଣ ବର୍ଷା ଯୋଗୁ ସହରର ବହୁ ଅଞ୍ଚଳରେ ଜଳମଗ୍ନ ସ୍ଥିତି ଦେଖାଯାଇଛି। ମୁମ୍ବାଇ ଓ ଏହାର ଆଖପାଖ ସହର ଯଥା ପୁଣେ, ଠାଣେ ଓ ପାଲଘରକୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ମହାରାଷ୍ଟ୍ର ରାଜ୍ୟ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ଶୁକ୍ରବାର ମଧ୍ୟ ମୁମ୍ବାଇରେ ହାରାହାରି ୭୮ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପୂର୍ବ ଓ ପଶ୍ଚିମ ମୁମ୍ବାଇରେ ଯଥାକ୍ରମେ ୫୭ ଓ ୬୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି କେତେକ ପ୍ରମୁଖ ରାସ୍ତା ଓ ରେଳ ଟ୍ରାକରେ ପାଣି ଜମା ହୋଇଯିବାରୁ ମୁମ୍ବାଇର ସାଧାରଣ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଶନିବାର ଲଗାଣ ବର୍ଷା ଯୋଗୁ ମୁମ୍ବାଇର ସ୍ଥାନୀୟ ଟ୍ରେନ୍ଗୁଡ଼ିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଯାତାୟାତ କରୁଛି। ସେହିପରି ସହରରେ ଯାତ୍ରୀମାନଙ୍କ ପେଣ୍ଟସ୍ଥଳୀ କୁହାଯାଉଥିବା ଅନ୍ଧେରୀ ଓ ମାଲାଡ୍ ଭୂତଳ ମାର୍ଗରେ ପାଣି ଜମିଯିବାରୁ ସତର୍କତା ଦୃଷ୍ଟିରୁ ଏହାକୁ ବନ୍ଦ କରାଯାଇଛି।



ଲଗାଣ ବର୍ଷା ଯୋଗୁ ମୁମ୍ବାଇର ଏକ ରାସ୍ତାରେ ଅଣ୍ଟାଏ ପାଣି ମଧ୍ୟରେ ଲୋକେ ଯାଉଛନ୍ତି।

**ବୁଲା କୁକୁର ନିୟନ୍ତ୍ରଣ**

## ଯୋଜନା କରିବେ ୭ ଆଇଏଏସ୍ ଅଫିସର

ଭୋପାଳ, ୨୦।୭

ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ବୁଲା କୁକୁର ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତିକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ର୍ୟାଙ୍କର ୭ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଶନିବାର ନିଯୁକ୍ତି ଦେଇଛନ୍ତି। ଏହି ୭ ଅଧିକାରୀଙ୍କ କମିଟି ରାଜ୍ୟରେ କୁକୁରମାନଙ୍କର ବଢ଼ୁଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବେ। ସେହିପରି ଏହି କମିଟି ବୁଲା କୁକୁର ଆତଙ୍କକୁ ରୋକିବା ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତକରି ଜିଲା ସ୍ତରରେ କାର୍ଯ୍ୟକାରୀ କରିବ। ତେବେ ମଧ୍ୟପ୍ରଦେଶର ବିଭିନ୍ନ ହସ୍ପିଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ କୁକୁର କାମୁଡ଼ା ମାମଲା



ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ରାଜଧାନୀ ଭୋପାଳର ବିଭିନ୍ନ ହସ୍ପିଟାଲରୁ ପ୍ରତ୍ୟେକ ଦିନ ହାରାହାରି ୫୫ଟି କୁକୁର କାମୁଡ଼ା ମାମଲା ସାମ୍ନାକୁ ଆସୁଛି। ୨୦୨୨ରେ ଭୋପାଳରେ ସମୁଦାୟ ୮,୧୨୨ କୁକୁର କାମୁଡ଼ା ଘଟଣା ଘଟିଥିବାବେଳେ ୨୦୨୩ରେ ଏହି ସଂଖ୍ୟା ଦୁଇଗୁଣିତ ହୋଇ ୧୬,୩୮୭ରେ ପହଞ୍ଚିଥିଲା। ସେହିପରି ଚଳିତ ବର୍ଷର ପ୍ରଥମ ୫ ମାସରେ ୭,୭୨୮ କୁକୁର କାମୁଡ଼ା ମାମଲା ଭୋପାଳର ବିଭିନ୍ନ ହସ୍ପିଟାଲରୁ ରେକର୍ଡ ହୋଇଛି।

## ୨୦୨୦ କୋଭିଡ୍‌ରେ ଅଧିକ ୧୧.୯ ଲକ୍ଷ ମୃତ୍ୟୁ

ନୂଆଦିଲ୍ଲୀ,୨୦।୭(ପି.ଟି.)

୨୦୨୦ର କୋଭିଡ୍ ମହାମାରୀରେ ଭାରତରେ ଅଧିକ ୧୧.୯ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା, ଯାହାକି ୨୦୧୯ ତୁଳନାରେ ୧୭ ପ୍ରତିଶତ ଅଧିକ ବୋଲି ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଜଣାପଡ଼ିଛି। ସରକାରୀ ଭାବେ ଯେଉଁ ମୃତ୍ୟୁସଂଖ୍ୟା ଦର୍ଶାଯାଇଥିଲା, ଏହା ତା'ର ୮ ଗୁଣା ହୋଇଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଆକଳନର ୧.୫ ଗୁଣା ବୋଲି ଗବେଷକମାନେ କହିଛନ୍ତି। ତେବେ କେନ୍ଦ୍ର ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ସାଇନ୍ସ ଆଡ୍ଭାନ୍ସେସ୍‌ରେ ପ୍ରକାଶିତ ଏହି ଅଧ୍ୟୟନ ଅସ୍ଥିର ଏବଂ ଅସ୍ୱୀକାର୍ଯ୍ୟ ଆକଳନ ଉପରେ ଆଧାରିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

**ସରକାରୀ ହିସାବଠାରୁ ୮ ଗୁଣ ଅଧିକ**

ଅକ୍ସଫୋର୍ଡ ୟୁନିଭର୍ସିଟି ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କୁ ନେଇ ଗଠିତ ଟିମ୍ ୭.୬୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ତଥ୍ୟକୁ ବ୍ୟବହାର କରି ଜାଣିବାକୁ ପାଇଛନ୍ତି ଯେ, ଭାରତରେ ୨୦୧୯ ଏବଂ ୨୦୨୦ ମଧ୍ୟରେ ସମ୍ଭାବ୍ୟ ଆୟୁରେ ପରିବର୍ତ୍ତନ ହୋଇଥିଲା। ମହାମାରୀଜନିତ ସାରା ବିଶ୍ୱର ଅତିରିକ୍ତ ମୃତ୍ୟୁସଂଖ୍ୟାର ଏକ-ତୃତୀୟାଂଶ ଭାରତରେ ହୋଇଥିବା ଆକଳନ କରାଯାଇଛି। ଏଥିପାଇଁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ (ଏନ୍ଏଫ୍ଏଚ୍ଏସ୍-୫)ର ତଥ୍ୟ ନିଆଯାଇଥିଲା। ଅଧ୍ୟୟନ ଅନୁଯାୟୀ ଦେଶରେ ମହିଳାମାନଙ୍କ ଆୟୁଷ ୩.୧ ବର୍ଷ କମିଥିବାବେଳେ ପୁରୁଷଙ୍କ ଆୟୁ ୨.୧ ବର୍ଷ କମିଥିଲା। ପରିବାରଗୁଡ଼ିକରେ ସ୍ୱାସ୍ଥ୍ୟସେବା ଏବଂ ସମ୍ବଳ ବଣ୍ଟନରେ ଲିଙ୍ଗଗତ ଅସମାନତା ଏହାର ସମ୍ଭାବ୍ୟ କାରଣ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ତେବେ ଉଚ୍ଚ ଆୟକାରୀ ଦେଶଗୁଡ଼ିକରେ ଭିନ୍ନ ଧାରା ଦେଖିବାକୁ ମିଳିଛି। ସେଠାରେ ମହାମାରୀ ସମୟରେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ମୃତ୍ୟୁସଂଖ୍ୟା ଅଧିକ ଥିଲା। ଉଚ୍ଚ ଜାତିର ହିନ୍ଦୁ ସମ୍ପ୍ରଦାୟଗୁଡ଼ିକର ଆୟୁଷ ୧.୩ ବର୍ଷ କମିଥିବାବେଳେ ମୁସଲମାନ ଏବଂ ଅନୁସୂଚିତ ଜନଜାତିଙ୍କ ଆୟୁଷ ଯଥାକ୍ରମେ ୫.୪ ବର୍ଷ ଏବଂ ୪.୧ ବର୍ଷ କମିଛି। ଏହି ଧର୍ମୀୟ ସମ୍ପ୍ରଦାୟ ଏବଂ ଜନଜାତି ଆୟୁଷଗତ ଅସମାନତାର ସମ୍ମୁଖୀନ ହୋଇଆସିଥିବାବେଳେ ମହାମାରୀ ସମୟରେ ଏହା ଆହୁରି ବଢ଼ିଯାଇଥିଲା ବୋଲି ଗବେଷକ ଆଶିଷ ଗୁପ୍ତା କହିଛନ୍ତି।

ଅଧ୍ୟୟନରେ ଆହୁରି କୁହାଯାଇଛି, ଭାରତରେ କୋଭିଡ୍ ବେଳେ ସବୁ ବୟସବର୍ଗରେ ମୃତ୍ୟୁସଂଖ୍ୟା ବଢ଼ିଥିଲା। କମ୍ ବୟସ୍କ ଏବଂ ବୟସାଧିକ୍ୟଙ୍କ ମୃତ୍ୟୁସଂଖ୍ୟା ସବୁଠୁ ଅଧିକ ଥିଲା। ଅନ୍ୟପକ୍ଷରେ ଉଚ୍ଚ ଆୟକାରୀ ଦେଶରେ ୬୦ ବା ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ମୃତ୍ୟୁସଂଖ୍ୟା ବଢ଼ିଥିଲା। ଭାରତର ଅନେକ ଅଞ୍ଚଳ କୋଭିଡ୍ ସଂକ୍ରମଣରୁ ଅଧିକ ଅସୁରକ୍ଷିତ ଥିବାରୁ କମ୍ ବୟସ୍କଙ୍କ ମୃତ୍ୟୁସଂଖ୍ୟା ବଢ଼ିବା ଏହାର କାରଣ ହୋଇପାରେ ବୋଲି କୁହାଯାଇଛି।

**ଫୁର୍ସତ୍**

## କାର୍‌ରେ ଅହମ୍ମଦାବାଦରୁ ଲଣ୍ଡନ

**୧୬ ଦେଶ ଦେଇ ୧୦,୫୦୦ କି.ମି. ଯାତ୍ରା**

ଲଣ୍ଡନ

ଏକ ଭାରତୀୟ ଗୁଜରାଟୀ ପରିବାର ସବୁଠାରୁ ଲମ୍ବା ସମୟ ଧରି ସଡ଼କ ଯାତ୍ରା କରିବାର ରେକର୍ଡ ସୃଷ୍ଟି କରିଛି। ଅହମ୍ମଦାବାଦ ନିବାସୀ ଦମନ ଠାକୁର ଓ ତାଙ୍କ ପରିବାରର ଏହି ଯାତ୍ରା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ପରିବାର ନିଜ ୭୩ ବର୍ଷର ଏକ ପୁରୁଣା କାର୍‌ରେ ଅହମ୍ମଦାବାଦରୁ ଲଣ୍ଡନ ପର୍ଯ୍ୟନ୍ତ ୧୦,୫୦୦ କିଲୋମିଟର ଦୂରତାକୁ ୭୩ ଦିନରେ ଅତିକ୍ରମ କରିଛନ୍ତି। ୧୬ଟି ଦେଶ





ଅତିକ୍ରମ କରି ଶେଷରେ ଏହି ପରିବାର ଲଣ୍ଡନରେ ପହଞ୍ଚି ରେକର୍ଡ ସୃଷ୍ଟି କରିଛନ୍ତି। ଏହି କୌତୂହଳପୂର୍ଣ୍ଣ ଯାତ୍ରା ସମ୍ପର୍କରେ ଦମନ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି।

ଏହି ପୋଷ୍ଟର କ୍ୟାପ୍‌ଶନରୁ ଜଣାପଡ଼ିଛି, ଦମନ ନିଜ ପରିବାର ସହ ତାଙ୍କ ଘରେ ଥିବା ୧୯୫୦ ଦଶକର ପ୍ରସିଦ୍ଧ କାର 'ଏମ୍‌ଜି ୱାଇଟି ଲାଲ୍ ପରୀ'ରେ ଏକ ଦୁଃସାହସିକ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଏହି ପୁରୁଣା କାର ବ୍ରିଟେନର ଆବିଙ୍ଗଡନ୍‌ସ୍ଥିତ ଏକ କାରଖାନାରେ ନିର୍ମିତ ହୋଇଥିବା ଦମନ କହିଛନ୍ତି। ତେଣୁ ସେ ଏହି ଲମ୍ବା ଯାତ୍ରାର ସୂଚୀ ପ୍ରସ୍ତୁତ କରିବା ସମୟରେ ଲଣ୍ଡନକୁ ଅନ୍ତିମ ଗନ୍ତବ୍ୟସ୍ଥଳ ଭାବେ ରଖିଥିଲେ। ଏହି ଯାତ୍ରା ନିମନ୍ତେ ଅହମ୍ମଦାବାଦସ୍ଥିତ ଘରୁ ସେ ଓ ତାଙ୍କ ପରିବାର ନିଜ ସହ ୮୦ କିଲୋଗ୍ରାମର ଖାଦ୍ୟ ନେଇ ବାହାରିଥିବା ଦମନ କହିଛନ୍ତି। ପ୍ରଥମେ ସେମାନେ ସଡ଼କ ପଥ ଯୋଗେ ମୁମ୍ବାଇରେ ପହଞ୍ଚିଥିଲେ। ମୁମ୍ବାଇରୁ ସମୁଦ୍ର ଦେଇ ଦମନଙ୍କ ପରିବାର ଦୁବାଇ ଅଭିମୁଖେ ଯାତ୍ରା କରିଥିଲେ, ଯେଉଁଥିପାଇଁ ତାଙ୍କୁ ୧୩ ଦିନର ସମୟ ଲାଗିଥିଲା। ଦୁବାଇରୁ ଏହି ପରିବାର ପୁନଃ ନିଜ 'ଏମ୍‌ଜି ୱାଇଟି ଲାଲ୍ ପରୀ' କାର୍ ଯୋଗେ ସଡ଼କପଥରେ ଯାତ୍ରା କରି ପ୍ରାୟ ୨ ମାସ ପରେ ବ୍ରିଟେନରେ ପହଞ୍ଚିଥିଲେ ବୋଲି ଦମନ ନିଜ ପୋଷ୍ଟର କ୍ୟାପଶନ୍‌ରେ ଉଲ୍ଲେଖ କରିଛନ୍ତି।

## ୧୦ମ ଥର ଦେଖିବାକୁ ମିଳିବ ତବୁ, ଅଜୟଙ୍କ କେମେଷ୍ଟ୍ରି

**ମୁମ୍ବାଇ:** ଆସନ୍ତା ଅଗଷ୍ଟ ୨ରେ ରିଲିଜ୍ ହେବାକୁ ଥିବା ରୋମାଣ୍ଟିକ୍ ଡ୍ରାମା ଚଳଚ୍ଚିତ୍ର 'ଔରୋ ମେ କହାଁ ଦମ୍ ଥା' ମାଧ୍ୟମରେ ଅଭିନେତା ଅଜୟ ଦେବଗନ୍ ଓ ଅଭିନେତ୍ରୀ ତବୁଙ୍କୁ ବଡ଼ ପରଦାରେ ଦଶମ ଥର ପାଇଁ ଏକାଠି ଦେଖିବାକୁ ମିଳିବ। ଏହାପୂର୍ବରୁ ଉଭୟଙ୍କୁ 'ଦୃଶ୍ୟମ୍', 'ଦୃଶ୍ୟମ ୨', 'ବିଜୟପଥ', 'ହକିକଥ', 'ଦେ ଦେ ପ୍ୟାର୍ ଦେ', 'ତକ୍ଷକ୍ ', 'ଫିତୁର୍', 'ଗୋଲ୍‌ମାଲ୍ ଏଗେନ୍' ଏବଂ 'ଭୋଲା' ଫିଲ୍ମରେ ଏକାଠି ଦେଖିବାକୁ ମିଳିଛି। 'ଔରୋ ମେ କହାଁ ଦମ୍ ଥା' ଫିଲ୍ମରେ ତବୁଙ୍କ ଚରିତ୍ରକୁ ନେଇ ଶନିବାର ଏକ ନୂଆ ପୋଷ୍ଟର ରିଲିଜ୍ ହୋଇଛି। ଫିଲ୍ମ ନିର୍ଦ୍ଦେଶକ ନୀରଜ ପାଣ୍ଡେ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ଔରୋ ମେ କହାଁ ଦମ୍ ଥା' ଫିଲ୍ମର ନୂତନ ପୋଷ୍ଟର ଶେୟାର କରି ତବୁଙ୍କୁ ଟ୍ୟାଗ୍ କରିଛନ୍ତି। ଏହି ପୋଷ୍ଟରେ ତବୁଙ୍କର ଏକ ଫଟୋ ରହିଛି। ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ନୀରଜ ଲେଖିଛନ୍ତି, ଫିଲ୍ମରେ ତବୁଙ୍କୁ ବସୁଧା ଭୂମିକାରେ ଦେଖିବାକୁ ମିଳିବ। ସେ ଏହି ଚରିତ୍ରକୁ ଶକ୍ତିଶାଳୀ ଏବଂ ସ୍ୱତନ୍ତ୍ର କରିଛନ୍ତି। ଫିଲ୍ମରେ ତବୁ ଓ ଅଜୟଙ୍କ ବ୍ୟତିତ ସାଇ ମାଞ୍ଜରେକର, ଶାନ୍ତନୁ ମାହେଶ୍ୱରୀ, ଜିମି ଶେରଗିଲ ପ୍ରମୁଖ ମଧ୍ୟ ନଜର ଆସିଛନ୍ତି। ପ୍ରଥମେ ଏହି ଚଳଚ୍ଚିତ୍ର ଜୁଲାଇ ୫ରେ ରିଲିଜ୍ ହେବାର ଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୧/୨୦୨୪ | Bhubaneswar, Sunday, July 21/2024




ମାଲକାନଗିରି ପୌରପରିଷଦ ଅନ୍ତର୍ଗତ ୭ ନଂ. ୱାର୍ଡ଼ରେ ଶନିବାର ଘର ଭିତରେ ପଶିଥିବା ବର୍ଷା ଜଳ । (ଫଟୋ-ଦୁର୍ଯ୍ୟୋଧନ ପାତ୍ର)

# ସ୍କୁଲରେ ପ୍ରାର୍ଥନା ପରେ ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା

**ଭୁବନେଶ୍ୱର, ୨୦।୭(ଅସମାପିକା ସାହୁ)**

ରାଜ୍ୟର ସ୍କୁଲଗୁଡିକରେ ପିଲାଙ୍କ ପାଠପଢ଼ା ସହ ଖେଳକୁଦକୁ ଗୁରୁତ୍ୱ ଦିଆଯାଉଛି। ଏବେ କ୍ରୀଡ଼ା ସହିତ ସ୍କୁଲରେ ଯୋଗଶିକ୍ଷା ଦେବା ପାଇଁ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିସହ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପ୍ରୋତ୍ସାହନ ପାଇଁ ଗାଇଡ୍‌ଲାଇନ ଜାରି ହୋଇଛି। ଗତ ମେ' ୬ରେ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ହୋଇଥିବା ନିଷ୍ପତ୍ତିକୁ ନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏ ସମ୍ପର୍କିତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ପ୍ରାର୍ଥନା ପରେ ୧୦ ମିନିଟ ପାଇଁ ପିଲା ସ୍କୁଲରେ ଯୋଗ କରିବେ। କ୍ରୀଡ଼ା ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଦଣ୍ଡାୟମାନ ଅବସ୍ଥାରେ ହୋଇପାରୁଥିବା କିଛି ଯୋଗ, ପ୍ରାଣାୟାମ ତଥା ଶାରୀରିକ ବ୍ୟାୟାମ କରାଇବେ। ଏହା ପିଲାଙ୍କୁ ପାଠପଢ଼ାରେ ମନ ଲଗାଇବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି। ସେହିପରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ସ୍କୁଲରେ ପ୍ରତିଭା ଚିହ୍ନଟ ପାଇଁ ପରାମର୍ଶ ଦିଆଯାଇଛି। ୧୫ ଜିଲା ଶାରୀରିକ ଶିକ୍ଷା ଅଧିକାରୀ(ଡିପିଇଓ) ଏବଂ ୧୫ଜଣ ଭାରପ୍ରାପ୍ତ ଡିପିଇଓଙ୍କୁ ସ୍କୁଲ, ବ୍ଲକ ଓ ଜିଲାସ୍ତରରେ କ୍ରୀଡ଼ା ଆକ୍ଟିଭିଟିଜ୍‌ର ଯାଞ୍ଚ କରିବେ। ଯେଉଁ ସ୍କୁଲ ଜିଲାସ୍ତରରେ ଭଲ କରିବ, ସେହି ସ୍କୁଲକୁ କିଟ୍‌ସ ମିଳିବ। ଜାତୀୟ ଇଭେଣ୍ଟ ପାଇଁ ଯୋଗ୍ୟ ରାଜ୍ୟ ଟିମ୍‌କୁ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ମିଳିବ ବୋଲି ଉକ୍ତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି।

# ମାଲକାନଗିରି ଉବୁଟୁବୁ

## ୫ ନଦୀରେ ବନ୍ୟା

**ମାଲକାନଗିରି/ କାଲିମେଳା,୨୦।୭ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ)**

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ମାଲକାନଗିରି ଜିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କାଲିମେଳା ବ୍ଲକ୍‌ର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୦ ଓ ଏମ୍‌ଭି ୯୬ ଓ ପଡିଆ ବ୍ଲକ କନ୍ୟାଶ୍ରମ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟ ଊର୍ଦ୍ଧ୍ୱରେ ବର୍ଷା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ମାଲକାନଗିରିରୁ ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ସହ ପଡୋଶୀ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାକୁ ମଧ୍ୟ ଯୋଗାଯୋଗ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ମାଲକାନଗିରି ବ୍ଲକ୍ ଚଲାଣଗୁଡା ସଦର ପଞ୍ଚାୟତରୁ ଛତିଶଗଡ ସୁକ୍‌ମାକୁ ଯିବା ରାସ୍ତା ଚଲାଣଗୁଡା ଗ୍ରାମ ନିକଟରେ ମଧ୍ୟ ନଦୀ ଉପରୁ ବର୍ଷାଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରିରୁ ସୁକ୍‌ମାକୁ ଯିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଅନେକ ଶହ ଗାଡି ନଦୀର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଦେଖିବାକୁ ମିଳିଛି। ସେହିପରି ଟିଟିବେରିରୁ ମାଟାପାକା ରାସ୍ତାରେ ବର୍ଷା ଜଳ ପ୍ରବାହିତ ହୋଇ ଯାତାୟାତ ଠପ୍ ହୋଇଯାଇଛି। ଚାଷଜମିରେ ବର୍ଷାଜଳ ପ୍ରବେଶକରି ହିଡ଼ ଭାଙ୍ଗିବା ସହ ଧାନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେହିପରି କତାମେଟାଠାରୁ କୁଡୁମୁଲୁଗୁମ୍ମାକୁ ସଂଯୋଗ କରୁଥିବା ସିରିପେଟା ଗ୍ରାମ ନିକଟରେ ମୁଖ୍ୟ ରାସ୍ତା ଉପରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଅଗ୍ନିଶମ ବାହିନୀ କାଟି ରାସ୍ତା ସଫା କରିଛନ୍ତି।

ସେହିପରି ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ପାହାଡ ଉପରୁ ବର୍ଷା ଜଳ ପ୍ରବାହିତ ହୋଇ ଖଇରପୁଟରୁ ମୁଦୁଲିପଡା ଓ ଅଣ୍ଡ୍ରାହାଲ ଦୁଇଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜିଲାରେ ଲଗାଣ ବର୍ଷାରେ ଖଇରପୁଟଠାରୁ ବଣ୍ଡାଘାଟି ଯିବା ରାସ୍ତା ମାଙ୍କଡ଼ଖୋଲା ନିକଟରେ ପାହାଡ ଉପରୁ ବର୍ଷାଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି କୁଡୁମୁଲୁଗୁମାଠାରୁ ସିରିପେଟା ମଧ୍ୟରେ ଥିବା ନବନିର୍ମିତ ପୋଲ ସଂଯୋଗୀକରଣ ରାସ୍ତା ଧୋଇହୋଇଯିବାରୁ ଯାତାୟାତ ବନ୍ଦ ହୋଇଯାଇଛି। ଅପରପକ୍ଷରେ ଜିଲା ପ୍ରଶାସନ ତରଫରୁ ପୋଟେରୁ, ଏମ୍‌ଭି ୯୦, ☞ପୃଷ୍ଠା-୪

# ଯୁକ୍ତ୨ କଟ୍ ଅଫ୍ ମାର୍କ: ଶୀର୍ଷରେ ରେଭେନ୍‌ଶା

| | ଉଚ୍ଚ ମାଧ୍ୟମିକ ସ୍କୁଲ ନାମ (ବିଜ୍ଞାନ) | କଟ୍ ଅଫ୍ ମାର୍କ |
|---|---|---|
| ୧ | ରେଭେନ୍‌ଶା ଏଚ୍ଏସ୍ଏସ୍, କଟକ | ୯୧.୫୦% |
| ୨ | ବିଜେବି ଏଚ୍ଏସ୍ଏସ୍, ଭୁବନେଶ୍ୱର | ୮୭% |
| ୩ | ସରସ୍ୱତୀ ବିଦ୍ୟାମନ୍ଦିର ଏଚ୍ଏସ୍ଏସ୍, ନୀଳକଣ୍ଠନଗର, ବ୍ରହ୍ମପୁର | ୮୪.୮୩% |
| ୪ | ଜାତୀୟ କବି ବୀର କିଶୋର ଏଚ୍ଏସ୍ଏସ୍, କଟକ | ୮୪.୧୭% |
| ୫ | ଫକୀର ମୋହନ ଏଚ୍ଏସ୍ଏସ୍, ବାଲେଶ୍ୱର | ୮୪% |
| ୬ | ଉପେନ୍ଦ୍ର ନାଥ ଏଚ୍ଏସ୍ଏସ୍, ସୋର, ବାଲେଶ୍ୱର | ୮୩.୬୭% |
| ୭ | ଗଙ୍ଗାଧର ମେହେର ଏଚ୍ଏସ୍ଏସ୍, ସମ୍ବଲପୁର | ୮୧.୪୦% |
| ୮ | ଶୈଳବାଳା ମହିଳା ଏଚ୍ଏସ୍ଏସ୍, କଟକ | ୮୧% |
| ୯ | ନୟାଗଡ଼ ଏଚ୍ଏସ୍ଏସ୍ | ୮୦.୮୩% |
| ୧୦ | ରାଉରକେଲା ଏଚ୍ଏସ୍ଏସ୍ | ୮୦.୬୦% |

| | ଉଚ୍ଚ ମାଧ୍ୟମିକ ସ୍କୁଲ ନାମ (ବାଣିଜ୍ୟ) | କଟ୍ ଅଫ୍ ମାର୍କ |
|---|---|---|
| ୧ | ରେଭେନ୍‌ଶା ଏଚ୍ଏସ୍ଏସ୍, କଟକ | ୭୭% |
| | ରାଉରକେଲା ଏଚ୍ଏସ୍ଏସ୍ | |
| ୨ | ବିଜେବି ଏଚ୍ଏସ୍ଏସ୍, ଭୁବନେଶ୍ୱର | ୭୦% |
| ୩ | ଜାତୀୟ କବି ବୀର କିଶୋର ଏଚ୍ଏସ୍ଏସ୍, କଟକ | ୬୮.୬୭% |
| ୪ | ମ୍ୟୁନିସିପାଲ ଏଚ୍ଏସ୍ଏସ୍, ରାଉରକେଲା | ୬୮% |
| ୫ | ଶଶିଭୂଷଣ ରଥ ମହିଳା ଏଚ୍ଏସ୍ଏସ୍, ବ୍ରହ୍ମପୁର | ୬୫% |
| ୬ | ଗଙ୍ଗାଧର ମେହେର ଏଚ୍ଏସ୍ଏସ୍, ସମ୍ବଲପୁର | ୬୪.୮୩% |
| ୭ | ଭବାନୀପାଟଣା ମହିଳା ଏଚ୍ଏସ୍ଏସ୍ | ୬୪.୪୦% |
| ୮ | ରାଜଧାନୀ ଏଚ୍ଏସ୍ଏସ୍, ଭୁବନେଶ୍ୱର | ୬୩.୬୦% |
| ୯ | ଖଲ୍ଲିକୋଟ ଏଚ୍ଏସ୍ଏସ୍, ବ୍ରହ୍ମପୁର | ୬୩.୧୭% |
| ୧୦ | ରମାଦେବୀ ମହିଳା ଏଚ୍ଏସ୍ଏସ୍, ଭୁବନେଶ୍ୱର | ୫୭.୫୦% |

| | ଉଚ୍ଚ ମାଧ୍ୟମିକ ସ୍କୁଲ ନାମ (କଳା) | କଟ୍ ଅଫ୍ ମାର୍କ |
|---|---|---|
| ୧ | ରେଭେନ୍‌ଶା ଏଚ୍ଏସ୍ଏସ୍, କଟକ | ୭୫.୧୭% |
| ୨ | ରାଉରକେଲା ଏଚ୍ଏସ୍ଏସ୍ | ୭୪.୩୩% |
| ୩ | ବିଜେବି ଏଚ୍ଏସ୍ଏସ୍, ଭୁବନେଶ୍ୱର | ୭୨.୩୩% |
| ୪ | ଫକୀର ମୋହନ ଏଚ୍ଏସ୍ଏସ୍, ବାଲେଶ୍ୱର | ୭୧.୫୦% |
| ୫ | ଭବାନୀପାଟଣା ଏଚ୍ଏସ୍ଏସ୍ | ୭୦.୮୦% |
| ୬ | ଶୈଳବାଳା ମହିଳା ଏଚ୍ଏସ୍ଏସ୍, କଟକ | |
| | ଆଞ୍ଚଲ ଏଚ୍ଏସ୍ଏସ୍, ପଦ୍ମପୁର, ବରଗଡ଼ | ୭୦.୫୦% |
| ୭ | ଧରଣୀଧର ଏଚ୍ଏସ୍ଏସ୍, କେନ୍ଦୁଝର | ୭୦.୩୩% |
| ୮ | କମଗାଁ ଏଚ୍ଏସ୍ଏସ୍, ଭଟ୍ଲି, ବରଗଡ଼ | ୭୦.୧୭% |
| ୯ | ଗଙ୍ଗାଧର ମେହେର ଏଚ୍ଏସ୍ଏସ୍, ସମ୍ବଲପୁର | ୭୦% |
| | ଭବାନୀପାଟଣା ମହିଳା ଏଚ୍ଏସ୍ଏସ୍ | |
| | ଶଶିଭୂଷଣ ରଥ ମହିଳା ଏଚ୍ଏସ୍ଏସ୍, ବ୍ରହ୍ମପୁର | |
| | ରମାଦେବୀ ମହିଳା ଏଚ୍ଏସ୍ଏସ୍, ଭୁବନେଶ୍ୱର | |
| | ଅନୁଗୋଳ ଏଚ୍ଏସ୍ଏସ୍ | |
| ୧୦ | ସାମନ୍ତ ଚନ୍ଦ୍ରଶେଖର ଏଚ୍ଏସ୍ଏସ୍, ପୁରୀ | ୬୮.୬୭% |

**ଭୁବନେଶ୍ୱର, ୨୦।୭(ଅସମାପକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମବର୍ଷରେ ନାମଲେଖା ପାଇଁ ଶନିବାର ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ମୋଟ ୪,୭୬,୦୯୩ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪,୨୬,୪୭୨ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। କଳାରେ ୨,୭୧,୪୯୨ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୧,୧୭,୨୭୩, ବାଣିଜ୍ୟରେ ୨୪,୩୫୪, ଉପଶାସ୍ତ୍ରୀରେ ୮,୩୭୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪,୯୭୮ଜଣ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨,୨୨,୬୯୭ଜଣ ଛାତ୍ରୀ ଥିବା ବେଳେ ୨,୦୩,୭୫୫ଜଣ ଛାତ୍ର ଏବଂ ଅନ୍ୟାନ୍ୟ ୨୦ଜଣ ରହିଛନ୍ତି। ତେବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡରୁ ଆବେଦନ କରିଥିବା ୪,୪୮,୧୩୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ୩,୯୯,୪୪୫ ଜଣ ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। କଟ୍ ଅପ୍ ମାର୍କରେ ରେଭେନ୍‌ଶା ଶୀର୍ଷରେ ରହିଛି। କଳାରେ ଏଠାରେ ପ୍ରଥମ ପର୍ଯ୍ୟାୟ କଟ୍ ଅପ୍ ମାର୍କ ସର୍ବାଧିକ ୭୫.୧୭% ରହିଥିବାବେଳେ ବିଜ୍ଞାନରେ ୯୧.୫୦% ଓ ବାଣିଜ୍ୟରେ ୭୭% ରହିଛି। ବାଣିଜ୍ୟରେ ରେଭେନ୍‌ଶା ସହ ରାଉରକେଲା ଉଚ୍ଚ ମାଧ୍ୟମିକ ସ୍କୁଲ (ଏଚ୍ଏସ୍ଏସ୍) ମିଳିତ ଭାବେ ଶୀର୍ଷରେ ରହିଛି। କଳାରେ ରାଉରକେଲା ଏଚ୍ଏସ୍ଏସ୍ ଦ୍ୱିତୀୟ ଏବଂ ଭୁବନେଶ୍ୱର ବିଜେବି ଏଚ୍ଏସ୍ଏସ୍ ତୃତୀୟ ☞ପୃଷ୍ଠା-୪




# ବନ୍ଧୁକ ପାଇଁ ବନ୍ଧୁଙ୍କୁ ହତ୍ୟା

**ସୋର, ୨୦।୭(ଜନ୍ମେଜୟ ମିଶ୍ର)**

ବନ୍ଧୁକ ପାଇଁ ୨୦ହଜାର ଟଙ୍କା ଦେଇଥିଲେ। ହେଲେ ବନ୍ଧୁକ ନ ମିଳିବାରୁ ରାସ୍ତା ଉପରେ ନିଜ ବନ୍ଧୁଙ୍କୁ ଛୁରୀରେ ଖଣ୍ଡ ବିଖଣ୍ଡିତ କରିବା ପରେ ଫୋପାଡି ପଳାଇଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ ନଂ.ଜାତୀୟ ରାଜପଥ ତଳନଗରଠାରେ। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ରବିନାରାୟଣ ଗୁଲି ଓ ତାଙ୍କ ଘର ପୁରୀ ଜିଲା ଟାଉନ ଥାନା ଗୁଣ୍ଡିଚା ମନ୍ଦିର ନିକଟରେ।



ମୃତ ରବିନାରାୟଣ ଗୁଲି

ରବିନାରାୟଣ ବାହାନଗା ବ୍ଲକ ତାଳପଦା ଭିଲ୍ଲା ଗ୍ରାମରେ ବିବାହ କରିଥିଲେ। ସେ ବାହାଘର ପରେ ଗୋପାଳପୁରରେ ଘରଭଡା ନେଇ ରହୁଥିଲେ। ସେ ପୁରୀ ଟାଉନ ଥାନା ଚୁଡ଼ଙ୍ଗସାହି ଗ୍ରାମର ଶିବୁନା ପାତ୍ର ଓ ଅନ୍ୟ ଜଣେ ଦୋଳମଣ୍ଡପ ସାହିର ପ୍ରତ୍ୟୁଷ ସେନାପତିଙ୍କଠାରୁ ୨୦ ହଜାର ଟଙ୍କା ନେଇ ବନ୍ଧୁକ ଦେବେ ବୋଲି କହିଥିଲେ। ହେଲେ ପରେ ଧରାଛୁଆଁ ଦେଉ ନ ଥିବାରୁ ଶୁକ୍ରବାର ଶିବୁନା ଓ ପ୍ରତ୍ୟୁଷ ଗୋପାଳପୁର ଆସିଥିଲେ। ସନ୍ଧ୍ୟାରେ ରବିନାରାୟଣଙ୍କୁ ବାହାନା କରି ଘରୁ ଡାକି ଆଣିଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ ୧୬ ନଂ.ଜାତୀୟ ରାଜପଥ ତଳନଗରଠାରେ ରବିନାରାୟଣଙ୍କ ପେଟ, ପିଠିକୁ ଛୁରାମାଡ଼ କରିଥିଲେ। ସେ ରାସ୍ତାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଶିବୁନା ଓ ପ୍ରତ୍ୟୁଷ ବାଇକ୍‌ରେ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ତାଙ୍କ ମୋବାଇଲରୁ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ରବିନାରାୟଣଙ୍କ ସ୍ତ୍ରୀଙ୍କ ବୟାନକୁ ଆଧାର କରି ପୋଲିସ ଯାଞ୍ଚ ଆରମ୍ଭ କରିଥିଲା। ରବିନାରାୟଣଙ୍କ ମୋବାଇଲ ଫୋନରୁ ହତ୍ୟାକାଣ୍ଡର ସୁରାଗ ପାଇ ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସୋର ପୋଲିସ ସେହି ରାତିରେ ଭୁବନେଶ୍ୱର କମିଶନରେଟ ପୋଲିସ ଓ ପୁରୀ ଟାଉନଥାନା ପୋଲିସ ସହାୟତାରେ ପୁରୀ ଯାଇ ଦୁଇ ବନ୍ଧୁଙ୍କୁ ଗିରଫ କରିଥିଲେ। ଦୁଇ ବନ୍ଧୁଙ୍କଠାରୁ ଛୁରୀ, ହେଲମେଟ୍ ଓ ରବିନାରାୟଣଙ୍କ ବାଇକ୍ ଜବତ କରାଯାଇଥିବା ଏସ୍‌ପି ସାଗରିକା ନାଥ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ସୋର ଥାନାରେ ମାମଲା(ନଂ.୬୬୩/୨୪) ରୁଜୁ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜରାଶ୍ରମ ପକ୍ଷରୁ ରବିନାରାୟଣ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ, ସ୍ଥାନ: ସ୍ୱପ୍ନ ମନ୍ଦିର ଜରାଶ୍ରମ, ରସୁଲଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଗ୍ଲୋବାଲ ଏଡୁ ଫେଷ୍ଟ ୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ବୀରସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ଭିଏସ୍ଏସ୍ ନଗର, ସମୟ: ଅପରାହ୍ନ ୪ଟା।
- ଟାଇମପାସ୍ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ନଅଟି ନାଟକର ଏକ ସଂକଳନ ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ ଲୋକାର୍ପଣ, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନଶନ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୫ଟା।
- ସଂଭାବନା ପକ୍ଷରୁ ନୃତ୍ୟ ଓ ସଙ୍ଗୀତର ସମଷ୍ଟି 'ତାନ ତରଙ୍ଗିଣୀ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଶିଶୁ ସାହିତ୍ୟ ପୁସ୍ତକ 'ପାଠ ପଢ଼ିବା ଜଗତ ଜିଣିବା'ର ଉନ୍ମୋଚନ ଉତ୍ସବ, ସ୍ଥାନ: କଳିଙ୍ଗ ଭାରତୀ ବିଦ୍ୟାମନ୍ଦିର, ଚାନ୍ଦିନୀଚୌକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବୋଧକୃଷ୍ଣ ମିଶନ, କଟକ ପକ୍ଷରୁ ଗୁରୁ ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର-୧୦, ସମୟ: ସନ୍ଧ୍ୟା ୬ଟା।
- ଇଭୋଲୁସନ ଅଫ୍ ଓଡ଼ିଆ ସିନେମା: ଏ ହିଷ୍ଟୋରିକାଲ ଷ୍ଟଡି ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଗୁରୁପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଶ୍ରୀସିରିଡ଼ି ସାଇ ମନ୍ଦିର, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସକାଳ ୭ଟା।
- ଜିଲା ପ୍ରେସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ଓୟୁଜେ ପକ୍ଷରୁ ଚାରା ରୋପଣ, ସ୍ଥାନ: ଅଳେଇ ଠାକୁରାଣୀ ମନ୍ଦିର ପରିସର, ଉଇଲକିଶନ ନଗର ନୂଆଗାଁ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ମହାବୀର କ୍ଲବ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଟାଙ୍ଗିଆପଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀସିରିଡ଼ି ସାଇବାବା ମନ୍ଦିର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପାଇକରାପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମାର୍କୋଣା ଆଥଲେଟିକ ଆସୋସିଏଶନର ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ସକାଳ ୬ଟା।
- ପୁସ୍ତକ 'ଜନ୍ମ ଜାତକ', 'ଭଗବାନ ତୁମେ ଭୁଲ୍ କଲ' ଓ 'ସ୍ମୃତି ତର୍ପଣ'ର ଶୁଭ ଲୋକାର୍ପଣ ଉତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସାଇ ମନ୍ଦିର, ଚନ୍ଦନା, ଅଗ୍ରୱାଲା ଛକ, ସମୟ:ପୂର୍ବାହ୍ନ ୧୦ଟା।
- ଫକୀର ମୋହନ କଲେଜ ଓ ବିଏସ୍‌କେ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଭୂମିକନ୍ୟା ସଙ୍ଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ପରିସର, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।
- ଏଲ୍ଆଇସି ଅଭିକର୍ତ୍ତା ସମ୍ମିଳନୀ, ସ୍ଥାନ: ଏଟିସି ହଲ୍, ଏଲ୍ଆଇସି ଅଫିସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ରବି ନାରାୟଣଙ୍କ ମନ୍ଦିର ସୂର୍ଯ୍ୟ ପୂଜା, ହୋମ ଏବଂ ରବି ଗାୟତ୍ରୀ ଜପ, ସ୍ଥାନ: ଡ଼ଅଁର, ହାଟଡିହୀ,ସମୟ: ସକାଳ ୭ ଟା।
- ମା' ବିଶ୍ୱ ତାରିଣୀଙ୍କ ମନ୍ଦିରରେ ପୂର୍ଣ୍ଣିମା ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦୀ, ହାଟଡ଼ିହୀ,ସମୟ: ସକାଳ ୭ ଟା।
- ଶୁଣ୍ଢି ସମାଜର ସାଂଗଠନିକ ବୈଠକ, ସ୍ଥାନ: ଘଟଗାଁ, ମା' ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଆଷାଢ଼ ପୂର୍ଣ୍ଣିମା ଉପଲକ୍ଷେ ପୂଜା ଉତ୍ସବ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୭ ଘଟିକା ୩୦ ଏବଂ ସନ୍ଧ୍ୟା ୭ ଟା
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ପ୍ରତିଭା ସମ୍ବର୍ଦ୍ଧନା ଜ୍ଞାପନ ଉତ୍ସବ, ସ୍ଥାନ: ଏମ୍‌ପିସି ଉଚ୍ଚ ବିଦ୍ୟାଳୟ ବେତନଟୀ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- କୁଡୁମୀ ସେନାର ସାଧାରଣ ପରିଷଦ ବୈଠକ, ସ୍ଥାନ: ସପ୍ତିକ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୧ ଟା।
- ସଦଭାବନା ସମିତି ପକ୍ଷରୁ ସନ୍ଥ ଦିବସ, ସ୍ଥାନ: ଦୁର୍ଗା ହୋଟେଲ ବାରିପଦା, ସମୟ: ସନ୍ଧ୍ୟା ୬ ଟା।
- ଶିରିଡ଼ି ସାଇନାଥ ମନ୍ଦିରରେ ଶ୍ରୀଗୁରୁ ସାଇନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: ଉଦଳା-କପ୍ତିପଦା ରୋଡ୍ ପୁରୁଣାପାଣି, ସମୟ: ସକାଳ ୯ଟା।
- ଆଞ୍ଚଳିକ ଗୁରୁପୂଜନ କମିଟି ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଐତିହାସିକ କଣ୍ଢେଇ ଯାତ୍ରା, ସ୍ଥାନ:ଖାସ୍ବା ସାହି, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ରକ୍ତଦାନ ଶିବିର ଏବଂ ମାଗଣା ଚକ୍ଷୁ ପରୀକ୍ଷା, ସ୍ଥାନ: ଆସିକା ଚିନ୍ମୟ ମିଶନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି କୁର୍ମ କ୍ଷତ୍ରିୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗୁରୁଦକ୍ଷିଣା କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ଦୁର୍ଗାମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରୀ ଦଳର ଦୌଡ଼େଶ୍ୱର ମନ୍ଦିର ପରିଦର୍ଶନ, ସ୍ଥାନ: କରମୂଳ ଗ୍ରାମ ନଦୀକୂଳ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ବୈଠକ, ସ୍ଥାନ: ଢେଙ୍କାନାଳ ଯାଉଁଳିପୋଖରୀ ମଠ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଭାଷାର ଶାସ୍ତ୍ରୀୟତା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଢେଙ୍କାନାଳ ସୂର୍ଯ୍ୟ ମଣ୍ଡପ, ସମୟ: ସନ୍ଧ୍ୟା ସାଢ଼େ ୬ଟା।
- ରାଜ୍ୟ ଚେସ୍ ଚୟନ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଆର୍‌କେ ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସମୀକ୍ଷା ବୈଠକ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମଲଟି ମୋଡାଲ ଲଜେଷ୍ଟିକ ପାର୍କ ମଧ୍ୟରେ ବହୁମୁଖୀ ୱେୟାରହାଉସ ଲୋକାର୍ପଣ, ସ୍ଥାନ: କଙ୍କର ଲଜେଷ୍ଟିକ ପାର୍କ, ରଙ୍ଗିଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ସାଇ ପରିବାର ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋଲଡେନ ଭିଲ୍ଲା, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା

## ନୟାଗଡ଼

- ବ୍ୟାସ ପୂର୍ଣ୍ଣିମା, ସ୍ଥାନ:ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ପୀଠ ଓ ସିଦ୍ଧାମୂଳାସ୍ଥିତ ଗୋକୁଳାନନ୍ଦ ପୀଠ, ସମୟ: ସକାଳ ସାଢ଼େ ୬ଟା ।
- ବିଶ୍ୱଶାନ୍ତି ଅନ୍ନପୂର୍ଣ୍ଣା ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ଗାଁ ବ୍ଲକର ପଣ୍ଡିଖାରୀ, ସମୟ: ଅପରାହ୍ନ ୫ଟା।
- ସେବା ଉତ୍ସବର ୭ ଦିବସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର , ସ୍ଥାନ: ଦଶପଲ୍ଲା ବ୍ଲକ ଘୁଗୁଡିପଡ଼ାର ମର୍ଦ୍ଦାବାଡି ସ୍କୁଲ , ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଶାନ୍ତି ମହଯଜ୍ଞର ଅଙ୍କୁରାରୋପଣ, ସ୍ଥାନ: ମା ସିଦ୍ଧେଶ୍ୱରଙ୍କ ପୀଠ ସୋଲପଟା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ଗୁରୁ ପୂର୍ଣ୍ଣିମା ଅବସରରେ ହୋମ ପୂର୍ଣ୍ଣାହୁତି, ସ୍ଥାନ: ରାୟଗଡ଼ା ରେଲୱେ କଲୋନୀସ୍ଥିତ ସିରିଡ଼ି ସାଇ ମନ୍ଦିର, ସମୟ: ସକାଳ ୯ ଟା।

## ନବରଙ୍ଗପୁର

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଗୁରୁପୂର୍ଣ୍ଣିମା, ସ୍ଥାନ: ନବରଙ୍ଗପୁର ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୭ଟା ୩୦।
- ଗୁରୁପୂର୍ଣ୍ଣିମା ଉପଲକ୍ଷେ ସାଇ ମନ୍ଦିରରେ ଅଭିଷେକ, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ

- କୋରାପୁଟ ସାହିତ୍ୟ ପରିବାରର ବାର୍ଷିକ ସାହିତ୍ୟ ଉତ୍ସବ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମାଲକାନଗିରି

- ବିଭିନ୍ନ ଆଶ୍ରମରେ ଗୁରୁପୂର୍ଣ୍ଣିମା, ସ୍ଥାନ: ଚିତ୍ରକୋଣ୍ଡା, ସମୟ: ସକାଳ ୭ଟା

## ସମ୍ବଲପୁର

- ସମ୍ବଲପୁରୀ ବୁଲେଟିନ ସକାଶେ ଚୟନ ଶିବିର, ସ୍ଥାନ: ସମ୍ବଲପୁର ଆକାଶବାଣୀ, ଠାକୁରଙ୍କ ସ୍ୱମନ୍ଦିର ପ୍ରବେଶ ନୀତି ବିଜେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଲବସପୁର ଗ୍ରାମ, ସମୟ: ସକାଳ ୯ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ସାର୍ବଜନୀନ ପାଠାଗାର, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- -ବ୍ୟାସ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ : ସିଦ୍ଧେଶ୍ୱରୀ ଧର୍ମ ସଂସଦ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା୩୦ ।
- ଏବିଭିପି ସମ୍ବଲପୁର ଶାଖାର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ନନୀ ଆୟୋଜନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ଗୁରୁ ସତ୍ୟନାରାୟଣ ଉଦ୍ୟାନ ସମୟ : ପୂର୍ବାହ୍ନ ୧୧ଟା।
- କୁଲତା ସମାଜ ପକ୍ଷରୁ ସପ୍ତାହିକ ବୈଠକ, ସ୍ଥାନ : ଦାନୀପାଲିସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ : ଅପରାହ୍ନ ୫ଟା ୩୦ ।
- ହୀରାଖଣ୍ଡ ସାମୁଖ୍ୟର ସ୍ଥାପନା ଦିବସ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଗୁରୁପୂର୍ଣ୍ଣିମା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱାତ୍ମ ଚେତନା ପରିଷଦ,ଖୁଜେନପାଲି, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୯ଟା ।
- ଗୁରୁପୂର୍ଣ୍ଣିମା ଉତ୍ସବ,ସ୍ଥାନ: ଶିବାନନ୍ଦ ଆଶ୍ରମ, ଭଗବତୀନଗର, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା

- ପ୍ରସୂତି ଓ ମହିଳାଙ୍କ ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୪ଟା।
- ଧ୍ୟାନଯୋଗ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଶାନ୍ତି ଧ୍ୟାନ ୨ୟ ଦିବସ , ସ୍ଥାନ:ବ୍ୟସଦେବ ଗୁମ୍ଫା, ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର,ସ୍ଥାନ: କୋଏଲ ବ୍ୟାଙ୍କ ବସ୍ତି,ପାନପୋଷ, ସମୟ: ସକାଳ ୯ଟା ୩୦।
- ଅଣ୍ଡର-୧୭ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଡ୍ୟାନ୍ସ, ଫ୍ୟାସନ ଶୋ' ପ୍ରତିଯୋଗିତା,ସ୍ଥାନ:ସଂସ୍କୃତି ଭବନ, ଏଲଆଇସି ଅଫିସ ସମ୍ମା,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗୁରୁ ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ଆତ୍ମଚେତନା ସଂଘ, ଉର୍ଦ୍ଧୁନା (କୁହ୍ନାଡିହି), ଭଟଲି, ସମୟ: ସକାଳ ୬ଟା।
- ସଂସ୍କାର ଭାରତୀ ପକ୍ଷରୁ ଗୁରୁ ପୂଜନ ସମାରୋହ, ସ୍ଥାନ: କମଗାଁ, ଭଟଲି, ସମୟ: ସକାଳ ୭ଟା।
- ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼ (ଓଡ଼ିଆ ବିଭାଗ), ସମୟ: ସକାଳ ୭ଟା ୩୦।
- ଜିଲା ସଂକୀର୍ତ୍ତନ ପରିଷଦର ପୂଜ୍ୟପୂଜା ସମାରୋହ, ସ୍ଥାନ: ପାତ୍ର କଲ୍ୟାଣ ମଣ୍ଡପ, ଖଜୁରଟିକ୍ରା, ବରଗଡ଼, ସମୟ: ସକାଳ ୮ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଣ୍ଡା, ପାଇକମାଲ, ସମୟ: ସକାଳ ୮ଟା ୩୦।
- ମାଗଣା କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା, ପଦ୍ମପୁର, ସମୟ: ସକାଳ ୯ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିରାଟରା ପ୍ରାଥମିକ ସ୍କୁଲ, ଭଟଲି, ସମୟ: ସକାଳ ୯ଟା।
- ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଡଃ ଆମ୍ବେଦକର ଭବନ, ବରପାଲି, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ସତ୍ୟସାଇ ସେବା ସଂଗଠନ ତରଫରୁ ପ୍ରେମତରୁ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଆଇଁଲି, ସମୟ: ସକାଳ ୮ଟା।
- ପୂର୍ବତନ ବିଧାୟକଙ୍କ ସ୍ମୃତିସଭା ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ହାବସପୁର କୃପା ସିନ୍ଧୁ ଉଚ୍ଚ ବିଦ୍ୟାଳୟ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ବୀରନରସିଂହପୁର ନର୍ସରୀ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୁରୁପୂଜନ ଉତ୍ସବ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ଅପରାହ୍ନ ୫ଟା ୩୦ ମିନିଟ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ କାଡକ ଆରତୀ, ସ୍ଥାନ: ସାଇଧାମ ସଂସ୍ଥାନ, ପ୍ରଧାନପାଟ, ଦେବଗଡ଼, ସମୟ: ସକାଳ ୬ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ ମହାସ୍ନାନ, ସ୍ଥାନ: ସାଇଧାମ ସଂସ୍ଥାନ, ପ୍ରଧାନପାଟ, ଦେବଗଡ଼, ସମୟ: ସକାଳ ୮ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ ପାଲିଙ୍କି ଯାତ୍ରା, ସ୍ଥାନ: ସାଇଧାମ ସଂସ୍ଥାନଠାରୁ ନଗର ପରିକ୍ରମା, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଭଏସ ଜିନିୟସ ସିଜନ-୧୧ କାର୍ଯ୍ୟକ୍ରମ ପାଇଁ ପ୍ରଥମ ଅଡ଼ିସନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସରରେ ମଧ୍ୟାହ୍ନ ଆରତୀ, ସ୍ଥାନ: ସାଇଧାମ ସଂସ୍ଥାନ, ପ୍ରଧାନପାଟ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଗୁରୁପୂର୍ଣ୍ଣିମା ଉତ୍ସବ ଅବସରରେ ପ୍ରସାଦ ସେବନ, ସ୍ଥାନ: ସାଇଧାମ ସଂସ୍ଥାନ, ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶ୍ରୀଗୁରୁଦକ୍ଷିଣା ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସଂଘ କାର୍ଯ୍ୟାଳୟ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଗୁରୁ ପୂର୍ଣ୍ଣିମା ଅବସରରେ ଉଦୟ-ଅସ୍ତ ନାମଯଜ୍ଞ, ସ୍ଥାନ: ସିଦ୍ଧେଶ୍ୱର ପୀଠ, ଦେଉଳଝରୀ, ବୀରମହାରାଜପୁର, ସମୟ:ପୂର୍ବାହ୍ନ ୧୦ଟା।
- ସୋନପୁର ପଏଁରୀ ଅନୁଷ୍ଠାନ ପକ୍ଷରୁ ଗୁରୁପୂର୍ଣ୍ଣିମା ଅବସରରେ ତପ୍ସିଶ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ପଏଁରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ପୁରାଣପାଠ, ସ୍ଥାନ: ତ୍ରିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଡ଼ିଆଳ ବିଇଓ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଖରିଆର ରୋଡ ଜୈନ ଭବନ, ସମୟ: ସକାଳ ୯ଟା।
- ଗୁରୁ ପୂର୍ଣ୍ଣିମା ଓ ସଦଗୁରୁ କବିର ଆରତି, ସ୍ଥାନ: ନୂଆପଡ଼ା ସଦର ପତୋରା ରାଜୀବ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ସଦର ବ୍ଲକ ପରକୋଡ ପଞ୍ଚାୟତ ଜାମଳି ଗାଁ ସନ୍ଥ ଶ୍ରୀ ଆଶାରାମ ଜୀ ବାପୁ ଆଶ୍ରମ, ସମୟ: ସକାଳ ୮ଟା।

## ଝାରସୁଗୁଡ଼ା

- ଫୁଟବଲ ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଝାରସୁଗୁଡ଼ା ସହର ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରାବଣ ମାସ ସୋମବାର ପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀଜଗନ୍ନାଥଙ୍କ ଅଧରପଣା ନୀତି ଓ ନିଳାଦ୍ରୀ ବିଜେ, ସ୍ଥାନ: ଝାରସୁଗୁଡ଼ା ସହର କୁକୁଡ଼ଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ପ୍ରଥମ ପୃଷ୍ଠାରୁ...

## ପଦ୍ମଶ୍ରୀ କମଳା ପୂଜାରୀଙ୍କ ...

କିସମର ଦେଶୀ ଧାନ ସଂଗ୍ରହ କରିପାରିଥିଲେ। ପାରମ୍ପରିକ ରୀତିରେ ବିନା ସରକାରୀ ସହାୟତାରେ କେବଳ ଗୋବର ଖତ ବ୍ୟବହାର କରି ସେ କଳାଜିରା, ହଳଦୀଗଣ୍ଠି, ଝିଲ୍ଲୀ, ଲଦିଆରି, ଉମୁରିଆଚୁଡି, ଲଲାଟ, ଘଣ୍ଟିଆ, ବରପକ, ସପୁରୀ, ଗଠିଆ, ପାରା, ମୋରା ଆଦି ଦେଶୀ ଧାନ ସଂରକ୍ଷଣ କରିଛନ୍ତି। ଏହି ବିହନ ୧୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ। ବିଭିନ୍ନ ସମୟରେ ଆଖପାଖ ଅଞ୍ଚଳ ମହୁଲି, ବାଲିଗୁଡା, ବାଲିଆ, କୁମ୍ଭାରପଡା ସହ ଅନେକ ଗ୍ରାମର ଗ୍ରାମବାସୀଙ୍କୁ ଏକାଠି କରି ସେ ପାରମ୍ପରିକ କୃଷି ପଦ୍ଧତିରେ ଚାଷ କରିବାକୁ ସଚେତନ କରୁଥିଲେ। ପ୍ରେରଣା ଦେଉଥିଲେ। କମଳାଙ୍କ ଏହି ମହତ କାର୍ଯ୍ୟରେ ସହଯୋଗ ପାଇଁ ଜୟପୁରସ୍ଥିତ ଏମଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ପ୍ରଥମେ ସହାୟତାରେ ହାତ ବଢାଇଥିଲେ। ସୂଚନାଅନୁଯାୟୀ, ଗତ ଗୁରୁବାର ଅସୁସ୍ଥ ଅବସ୍ଥାରେ କମଳାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଜୟପୁର ମେଡିକାଲରୁ କଟକ ଏସ୍‌ସିବି ମେଡିକାଲ ଅଣାଯାଇ ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କମଳାଙ୍କ ଚିକିତ୍ସା ନେଇ ମେଡିକାଲର ମେଡିସିନ ବିଭାଗ ପ୍ରଫେସର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଡାକ୍ତରୀ ଟିମ ଗଠନ କରାଯାଇ ତାଙ୍କ ଚିକିତ୍ସା କରାଯାଉଥିଲା। ପୂର୍ବରୁ ତାଙ୍କର କିଡ୍‌ନୀଜନିତ ସମସ୍ୟା ରହିଥିବାବେଳେ ଜ୍ୱର, ପାଟିରେ ସଂକ୍ରମଣ ଥିବା ପରିଲକ୍ଷିତ ହୋଇଥିଲା। ଯାହାଦ୍ୱାରା ସେ ମେଡିକାଲରେ ଭର୍ତ୍ତି ହେବାର ଦୁଇଦିନ ପୂର୍ବରୁ ଖାଦ୍ୟ ଖାଇପାରୁ ନ ଥିଲେ, ଏହାସହ ଦାନ୍ତ ବ୍ୟଥା, ରକ୍ତହୀନତା ଲକ୍ଷଣ ସମେତ କ୍ରିଏଟିନ୍ ସଂଖ୍ୟା ବଢ଼ିଥିବା ଦେଖାଦେଇଥିଲା। ପୂର୍ବରୁ ସେ ଏସ୍‌ସିବି ମେଡିକାଲରେ ଦୁଇଥର ଚିକିତ୍ସା ହୋଇ ସୁସ୍ଥ ହୋଇ କୋରାପୁଟ ଫେରିଥିଲେ । କମଳାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ବିଜୁ ପଟ୍ଟନାୟକ କ୍ରୀଡ଼ା...

(ଜୁନିୟର ବର୍ଗ) ଓ ବର୍ଷର ଶ୍ରେଷ୍ଠ ସ୍ପୋର୍ଟ୍ସ ଟେକ୍ନିକାଲ ଅଫିସିଆଲ/ସପୋର୍ଟ ଷ୍ଟାଫ୍ ବର୍ଗକୁ ଏଥିରେ ଯୋଡ଼ାଯାଇଛି। ନୂତନ ଭାବେ ଗଠନ କରାଯାଇଥିବା ୩ଟି ବର୍ଗର ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଲେଖାଏ ରହିଛି। ଏସବୁ ସହିତ ପୁରସ୍କାର ପାଇବାକୁ ଥିବା କ୍ରୀଡ଼ାବିତ୍, କୋଚ୍ ଓ କ୍ରୀଡ଼ା ସାମ୍ବାଦିକଙ୍କ ଯୋଗ୍ୟତା ଓ ଚୟନ ପ୍ରକ୍ରିୟା ଆଦିକୁ ନେଇ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି।

## ମାଲକାନଗିରି ...

ଏମ୍‌ଭି ୯୬, କାଙ୍ଗୁରୁକୋଣ୍ଡା ନଦୀ ନିକଟରେ ପୋଲିସ ଦ୍ୱାରା ବାରିକେଟ୍ କରାଯାଇ ପୋଲ ଉପରେ ଯାତାୟାତ ନ କରିବାକୁ ବାରଣ କରାଯାଇଛି। ସେହିପରି ନଦୀର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଗାଡିଗୁଡିକର ଯାତ୍ରୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର ସହ ସେମାନଙ୍କ ଖାଦ୍ୟପେୟ ଓ ଅନ୍ୟାନ୍ୟ ସୁବିଧା ପ୍ରଶାସନ ଦ୍ୱାରା କରାଯାଇଛି। ଏପରି ପରିସ୍ଥିତିରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟିଦେଇ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍, ବନ୍ୟାର ମୁକାବିଲା ନିମନ୍ତେ ପ୍ରସ୍ତୁତ ଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଜିଲାରେ ଶନିବାର ସକାଳ ୧୦ଟା ସୁଦ୍ଧା ମାଲକାନଗିରି ବ୍ଲକ୍‌ରେ ୧୫.୨ ମି.ମି. ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକରେ ୪୩.୦ ମି.ମି. , ଖଇରପୁଟ ବ୍ଲକରେ ୫୨.୦ ମି.ମି. , ଚିତ୍ରକୋଣ୍ଡା ବ୍ଲକରେ ୧୫.୪ ମି.ମି. , କୋରୁକୋଣ୍ଡା ବ୍ଲକରେ ୩୩.୦ ମି.ମି. , ପଡ଼ିଆ ବ୍ଲକ୍‌ରେ ୨୫.୩ ମି.ମି. , କାଲିମେଳା ବ୍ଲକରେ ୧୫.୦ ମି.ମି. ବର୍ଷା ରେକର୍ଡ ହୋଇଛି। ଜିଲାରେ ମୋଟ ୧୯୮.୯ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୨୮.୪୧ ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

## ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି: ରାଜସ୍ୱ ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର, ୨୦।୭(ଅନିଲ ଦାସ)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରିରେ ୧୯୦ ମିଲିମିଟର ବର୍ଷା ହୋଇଥିବା ବେଳେ ନବରଙ୍ଗପୁରରେ ୭୦.୧ ମିଲିମିଟର ଏବଂ କୋରାପୁଟରେ ୬୭.୪ ମିଲିମିଟର ବର୍ଷା ହୋଇଛି। ମାଲକାନଗିରି ଜିଲାର ଖଇରପୁଟ ବ୍ଲକରେ ସର୍ବାଧିକ ୨୨୧. ୨ ମିଲିମିଟର ବର୍ଷା ହୋଇଛି। ସେହିପରି ଜିଲାର ୪ଟି ବ୍ଲକରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଥିଯୋଗୁ ମାଲକାନଗିରି ଜିଲାର କେତେକ ସ୍ଥାନରେ ରାସ୍ତା ଓ ପୋଲ ଉପରେ ପାଣି ଚାଲୁଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲାର ବନ୍ୟା ପରିସ୍ଥିତି ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ସତ୍ୟବ୍ରତ ସାହୁଙ୍କ ସହ ଶନିବାର ପୁରୀରୁ ଭିଡିଓ କନଫରେନ୍ସି ଜରିଆରେ ସମୀକ୍ଷା କରିଛନ୍ତି। ତହସିଲଦାର ଓ ବିଡିଓଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ପାଣି ଚାଲୁଥିବା ରାସ୍ତା ଉପରେ ଯାତାୟାତକୁ ନିୟନ୍ତ୍ରଣ କରିବା ପାଇଁ ଏସ୍ଆର୍‌ସି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ପାଣି ବୁଡି ରହିଥିବା ରାସ୍ତା ଓ ପୋଲ ନିକଟରେ ସ୍ଥାନୀୟ ପୋଲିସ ମୁତୟନ କରିବାକୁ କୁହାଯାଇଛି। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। କୌଣସି ସ୍ଥାନରେ ବନ୍ୟା ପରିସ୍ଥିତି ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ପାଣି ଛାଡ଼ିଯିବା ପରେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଲୋକମାନେ ନିଜ ଘରକୁ ଫେରିଯିବେ ବୋଲି ସେ କହିଛନ୍ତି।

## ଯୁକ୍ତ୨ କଟ୍ ଅଫ୍ ମାର୍କ...

ସ୍ଥାନରେ ରହିଛି। ସେହିପରି ବିଜ୍ଞାନରେ ଭୁବନେଶ୍ୱର ବିଜେବି ଏଚ୍ଏସ୍ଏସ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଏଚ୍ଏସ୍ଏସ୍ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ଭୁବନେଶ୍ୱର ବିଜେବି ଏଚ୍ଏସ୍ଏସ୍ ଦ୍ୱିତୀୟରେ ଥିବା ବେଳେ କଟକର ଜାତୀୟ କବି ବୀର କିଶୋର ଏଚ୍ଏସ୍ଏସ୍ ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଉପଶାସ୍ତ୍ରୀରେ କଟ୍ ଅପ୍ ମାର୍କ ୬୦.୩୩% ସହ ବରଗଡ଼ ଜିଲାର ଲାଲାଜୀ ଗୋପାଳଜୀ ସଂସ୍କୃତ ଏଚ୍ଏସ୍ଏସ୍ ଏବଂ ଧନ୍ଦାମୂଳକ ଶିକ୍ଷାରେ ୭୨.୮୩% ସହ କଳାହାଣ୍ଡି ଜିଲା ଧର୍ମଗଡ଼ ଏଚ୍ଏସ୍ଏସ୍ ପ୍ରଥମ ସ୍ଥାନରେ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୨ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇବେ। ପ୍ରତି ଘଣ୍ଟାରେ ୧୫ଜଣଙ୍କର ନାମଲେଖା ଶେଷ ହେବ। ଅଗଷ୍ଟ ୫ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୭ରୁ ୧୦ତାରିଖ ମଧ୍ୟରେ ନାମଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ମେଧା ତାଲିକା ପ୍ରକାଶ ପାଇବ। ୨୨ରୁ ୨୮ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ତେବେ ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କେନ୍ଦ୍ରସ୍ଥ ଶୁକ୍ର ହେତୁ ବନ୍ଧୁମାନଙ୍କ ସାହାଯ୍ୟରେ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବେ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିର ସମ୍ଭାବନା ରହିଛି। ଭ୍ରାତୃ ସମ୍ପର୍କ, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ସାମୟିକ ବାଧାପ୍ରାପ୍ତ ହୋଇପାରେ।

**ବୃଷ** – ରବି ଓ ଶୁକ୍ର ତୃତୀୟସ୍ଥ ଯୋଗୁ ବନ୍ଧୁଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟକୁ ଭଲ ରଖିବା ସହ ପାରିବାରିକ ଜୀବନକୁ ଆନନ୍ଦମୁଖର କରାଇବେ।

**ମିଥୁନ** – ଧନାଧିପ ସପ୍ତମସ୍ଥଜନିତ ମାନସିକ ଅସ୍ଥିରତା ଥିଲେ ମଧ୍ୟ ଆର୍ଥିକ ଦିଗ ଅନୁକୂଳ ରହିବ। ଆଜି ଭ୍ରମଣ, ରାଜନୀତି, ପ୍ରଶାସନ, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ହାସଲ କରିବେ।

**କର୍କଟ** – ରାଶ୍ୟାଧିପ ଷଷ୍ଠ ସ୍ଥାନ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଜନିତ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ରହିପାରିବେ ନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାରୁ ସହକର୍ମୀଙ୍କ ସହ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ରହିଛି। ବନ୍ଧୁଙ୍କଠାରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି ପୂର୍ବ ଶତ୍ରୁତା, ଦୂରଯାତ୍ରା, ବ୍ୟବସାୟରେ ପୁଞ୍ଜି ଲଗାଣ ସମ୍ବନ୍ଧୀୟ ଚିନ୍ତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପୂର୍ବରୁ ରହିଥିବା ବ୍ୟତିକ୍ରମକୁ ନେଇ ଚିନ୍ତିତ ରହିବେ। ଦ୍ୱାଦଶସ୍ଥ ଶୁକ୍ର ଯୋଗୁ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**କନ୍ୟା** – ମଙ୍ଗଳଙ୍କ ଦୋଷରୁ ସମ୍ପର୍କୀୟଙ୍କ ବିରୋଧ କାରଣରୁ ବିଚାର ବିଗିଡ଼ି ଯାଇପାରେ। ପୂର୍ବ ବିବାଦକୁ କେନ୍ଦ୍ର କରି ବ୍ୟବସାୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ। ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ।

**ତୁଳା** – କର୍ମସ୍ଥାନରେ ରାଶ୍ୟାଧିପତି ଅବସ୍ଥାନ କରି ପ୍ରତ୍ୟେକ କ୍ଷେତ୍ରରେ କାମ ହାସଲ କରାଇବେ। ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ଉପକୃତ ହେବେ।

**ବିଛା** – ମଙ୍ଗଳଙ୍କ ସହ ବୃହସ୍ପତିଙ୍କ ସଂଯୋଗରୁ ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ରାଜନୀତି, ଆଇନ, ପାରିବାରିକ, ପ୍ରଶାସନ, ଯାନବାହନ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** – ଗୁରୁ ଷଷ୍ଠସ୍ଥ ଯୋଗୁ ନିଜର କୌଣସି ଅତୀତ ଘଟଣାକୁ ନେଇ ମନ ଭଲ ରହିବ ନାହିଁ। ତଥାପି କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଆକର୍ଷିତ କରାଇ କାମ ହାସଲ କରିପାରିବେ। ଆଜି ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** – ଆଜି ଇଚ୍ଛା ନ ଥାଇ ମଧ୍ୟ କୌଣସି କାମ କରିବାକୁ ପଡ଼ିପାରେ। ସପ୍ତମସ୍ଥ ରବି କର୍ମାଧିପଯୁକ୍ତ କାରଣରୁ ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ ହେବ। କୌଣସି ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହି ଯାଇଥିବା କାମ ସମ୍ପୂର୍ଣ୍ଣ କରିପାରନ୍ତି। ଶିଳ୍ପ, କଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**କୁମ୍ଭ** – ବକ୍ରି ଶନି ପ୍ରଭାବରେ ପାରିବାରିକ ଜୀବନରେ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ଅନୁକୂଳ ସ୍ଥିତିର ଉତ୍ପନ୍ନ ହୋଇପାରେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ** – ଆଜି କର୍ମଭାବସ୍ଥ ଚନ୍ଦ୍ର ପ୍ରଭାବରୁ ଯାହାକୁ ଯାହା କହିବେ, ସେହି ବ୍ୟକ୍ତି ଆପଣଙ୍କ କଥାକୁ ଅସ୍ୱୀକାର କରିବ ନାହିଁ। ସାମଗ୍ରିକ କ୍ଷେତ୍ରରେ ସମସ୍ତ ପ୍ରକାରର ସାହାଯ୍ୟ ପ୍ରାପ୍ତ କରାଇ ସହଜରେ କାମ ହାସଲ କରାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ଦୂରଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

ଆଜି ଜୁଲାଇ ୨୧ ତାରିଖ, ଆଷାଢ଼ ମାସର ଗୁରୁପୂର୍ଣ୍ଣିମା/ବ୍ୟାସପୂର୍ଣ୍ଣିମା ରବିବାର, ସର୍ବତ୍ର ଗୁରୁପୂଜା, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ.୦୫।୨୨ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୩ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ।




# ଶିମିଳିପାଳରେ ଚାଲିଛି ଗଛ କାଟି ପଟା ଚିରା

## କରତ ସହ କାଠପଟା ଜବତ, ୫ ଗିରଫ

ବାରିପଦା,୨୦।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ଗୁଡୁଗୁଡ଼ିଆ ରେଞ୍ଜ ଅଞ୍ଚଳରେ କାଠ ଚୋର ବେଧଡକ ଭାବେ ଗଛ କାଟି ପଟା ଚିରୁଛନ୍ତି। ଚମ୍ପା ଗଛକୁ କାଟି ପଟା ଚିରୁଥିବା ବେଳେ ବନବିଭାଗ ନଜରକୁ ଆସିଛି। ଶନିବାର ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ ଅନୁଯାୟୀ ବେଆଇନ ଗଛ କାଟିବା ଅଭିଯୋଗରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଯଶିପୁର ଥାନା କୁମଦଭାଡି ଅଞ୍ଚଳର ରାଜମା ଟୁଡୁ ଓ ମଙ୍ଗଲା ମାରାଣ୍ଡି, ଅସନବଣି ଅଞ୍ଚଳର ଗୋପୀନାଥ ପାତ୍ର, ନାନେ ସୋରେନ ଏବଂ ବସନ୍ତପୁର ଅଞ୍ଚଳର ସୁକାନ୍ତ ନାଏକ। ସେମାନଙ୍କ ନିକଟରୁ ୫ଟି ଚମ୍ପା ଗଛର ପଟା, ୨ଟି ବଡ଼ କରତ ଓ ୩ କୁରାଢ଼ୀ ବନ ବଭାଗ




ଜବତ କରିଛି। ସୂଚନା ଅନୁଯାୟୀ, ଅଭୟାରଣ୍ୟରେ ଥିବା ବଡ଼ ବଡ଼ ମୂଲ୍ୟବାନ ଗଛଗୁଡିକୁ କାଟି ଚୋରା ଚାଲାଣକାରୀମାନେ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟକୁ ଚୋରାରେ ଚାଲାଣ କରିଥାନ୍ତି।

ସୀମାନ୍ତରେ ପୋଲିସ କାଠ ଭ୍ୟାନ ଜବତ କରୁଥିଲେ ମଧ୍ୟ ଚୋରାଚାଲାଣକାରୀମାନ ଏଥିପ୍ରତି ଭୃକ୍ଷେପ ନ କରି ଅଭୟାରଣ୍ୟ ମଧ୍ୟରେ ଅନାୟାସରେ ଗଛ କାଟି ପଟା ଚିରି ଗାଡ଼ି ଯୋଗେ ଚାଲାଣ କରୁଛନ୍ତି। ଏପରିକି ଚୋରମାନେ ଅତ୍ୟାଧୁନିକ କରତ ଦ୍ୱାରା ଗଛଗୁଡ଼ିକ କାଟିବା ପରେ ଲଗ୍ ଓ ପଟା କରି ଚାଲାଣ କରିବାରେ ସକ୍ଷମ ହୋଇପାରୁଛନ୍ତି। ଶିମିଳିପାଳ ପାଦଦେଶରେ ବସବାସ କରୁଥିବା ଲୋକଙ୍କ ସହାୟତାରେ କାଠ ଚୋରମାନେ ନିଜର କାର୍ଯ୍ୟକୁ ସଫଳ କରିବାରେ ଲାଗିଛନ୍ତି। ସରକାରଙ୍କ ପକ୍ଷରୁ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜାରି ରହିଛି। ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଚାରା ବଣ୍ଟନ କରାଯିବା ସହ ରୋପଣ କାର୍ଯ୍ୟକ୍ରମ ଜାରିରହିଛି। ଏପରିସ୍ଥଳେ ଶିମିଳିପାଳରେ ପ୍ରବେଶ କରୁଥିବା କାଠ ଚୋରଙ୍କୁ ରୋକିବା ସହ ସଚେତନତା କାର୍ଯ୍ୟକ୍ରମ ଆବଶ୍ୟକ ରହିଛି। ଆଗାମୀ ଦିନରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂକୁ କଡାକଡି କରିବା ସହ କେବଳ ପ୍ରବେଶ ପଥ ନୁହେଁ ବରଂ ଚଳପ୍ରଚଳ କରୁଥିବା ଅଞ୍ଚଳଗୁଡ଼ିକରେ ନଜର ରଖିବାକୁ ଜିଲାବାସୀ ଦାବି କରିଛନ୍ତି। କ୍ଲିନ୍ ଶିମିଳିପାଳ ଅଭିଯାନରେ ସାମିଲ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟଶୈଳୀରେ ମନ୍ଥରତା ଯୋଗୁ ତାହା ସଫଳ ହେବାରେ ବିଳମ୍ବ ଦେଖାଦେଇଛି । ତେବେ ସମ୍ପୂର୍ଣ୍ଣ ଶିକାରୀମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି ।

# ଏନ୍‌କାଉଣ୍ଟରରେ ମାଓବାଦୀଙ୍କ ମୃତ୍ୟୁ

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍ମା ଜିଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଜଗରଗୁଣ୍ଡା ଥାନା ଅଞ୍ଚଳର ପାହାଡ଼ ଏବଂ ଜଙ୍ଗଲରେ ମାଓବାଦୀ ସଂଗଠନ ଏରିଆ କମିଟି କର୍ମକର୍ତ୍ତା ଉପସ୍ଥିତି ଖବର ପୋଲିସକୁ ମିଳିବା ପରେ ଏକ ଦଳ ସର୍ଚ୍ଚ ଅପେରଶନରେ ବାହାରି ତୁମାରଗଟ୍ଟା ସିଙ୍ଗାବରମ ଜଙ୍ଗଲରେ ପହଞ୍ଚିଥିଲେ। ଏହା ଦେଖି ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହେବା ପରେ ଡିଆର୍‌ଜି ଯବାନମାନେ ଘଟଣାସ୍ଥଳରେ ସର୍ଚ୍ଚ କରିବା ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ସହ ବନ୍ଧୁକ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ। ମୃତ ମାଓବାଦୀଙ୍କ ପରିଚୟ ମିଳିପାରି ନାହିଁ।

# ଚିତ୍ରୋତ୍ପଳା ନଦୀରେ ବୁଡ଼ି ବି-ଟେକ୍ ଛାତ୍ର ନିଖୋଜ

## ଓଡ୍ରାଫ୍ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

ପାଟକୁରା,୨୦।୭(ରବୀନ୍ଦ୍ର ନାଥ ବାରିକ)

ଶନିବାର କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ପାଟକୁରା ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ଧୀରେନ କୁମାର ବାରିକ ଓ କ୍ଷଣପ୍ରଭା ପରିଡ଼ାଙ୍କ ଏକମାତ୍ର ପୁଅ କୌଶିକ ବାରିକ(୧୮)ଚିତ୍ରୋତ୍ପଳା ନଦୀରେ ବୁଡି ନିଖୋଜ ଅଛନ୍ତି । ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ନଦୀରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ, କୌଶିକ ଭୁବନେଶ୍ୱର ରୟାଲ କଲେଜରେ +୨ବିଜ୍ଞାନ ପଢିବା ପରେ ସିଲକନ ଇଞ୍ଜିନିୟରିଂ କଲେଜରେ ବି-ଟେକ୍ କରୁଥିଲେ। କଲେଜ ଛୁଟି ଥିବାରୁ ସେ ଗାଁକୁ ଆସିଥିଲେ। ଶନିବାର ସକାଳ ପ୍ରାୟ ସାଢ଼େ ୯ଟା ସମୟରେ କୌଶିକ ଗ୍ରାମର ଅନ୍ୟ ୩ ଜଣ ସାଙ୍ଗଙ୍କ ସହିତ ଚିତ୍ରୋତ୍ପଳା ନଦୀର ମହାପୁରୁଷ ତୁଠକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବାବେଳେ କୌଣସି କାରଣରୁ କୌଶିକ ନଦୀରେ ବୁଡ଼ିଯାଇ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ବିଫଳ ହେବାରୁ ସେମାନେ ଚିତ୍କାର କରିଥିଲେ । ସେଠାରେ ଥିବା ଗାଁର ଲୋକମାନେ କୌଶିକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ବିଫଳ ହେବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଅପରାହ୍ନରେ ପ୍ରଶାସନ ପକ୍ଷରୁ ଓଡ୍ରାଫ୍ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏହି ଘଟଣା ପରେ ଜଗନ୍ନାଥପୁର ଗ୍ରାମ ତଥା ପାଟକୁରାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# ରାସ୍ତା ତଳକୁ ଖସି ପଡ଼ିଲା ଯାତ୍ରୀବାହୀ ବସ୍

## ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ: ୨ ଗୁରୁତର

ବୌଦ୍ଧ,୨୦।୭ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସରସରା ନିକଟରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରୋଇ ଯାତ୍ରୀବାହୀ ବସ୍ ରାସ୍ତା ତଳକୁ ଖସି ପଡିବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଘରୋଇ ଯାତ୍ରୀବାହୀ ବସ୍ ମହାଦେବ ଭୁବନେଶ୍ୱରରୁ ୪୦ ଜଣ ଯାତ୍ରୀଙ୍କୁ ଧରି ମାଲକାନଗିରି ଯାଉଥିଲା । ବସ୍‌ଟି ବିଳମ୍ବିତ ରାତିରେ ବୌଦ୍ଧ ଥାନା ଅଧୀନ ସରସରା ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା । ଏହି ଦୁର୍ଘଟଣାରେ ଆହତମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇ ପଡିଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ, ଦମକଳ ବାହିନୀ ଓ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାରେ ବସ୍ କଣ୍ଡକ୍ଟର ଗୁରୁତର ହୋଇଥିବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଯାତ୍ରୀଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।


भारतीय रिज़र्व बैंक

ଭାରତୀୟ ରିଜର୍ଭ ବ୍ୟାଙ୍କ

**RESERVE BANK OF INDIA**

www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ**

**ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଲୋକପାଳ ଯୋଜନା (ଆରବି-ଆଇଓଏସ୍)**

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଲୋକପାଳ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ୍ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧୀନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଲୋକପାଳ'' ପଦ୍ଧତି ଗ୍ରହଣ କରେ। ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଲୋକପାଳ ଯୋଜନା/ଅଫିସ୍ ମାଧ୍ୟମରେ, ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ।
- ଆରବି-ଆଇଓଏସ, 2021 ଅଧୀନରେ ଆସୁ ନ ଥିବା ସଂସ୍ଥାଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.inରୁ ପାଇପାରିବେ।

**ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କ'ଣ କରିବେ?**

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ।

**ଆରବିଆଇ ଲୋକପାଳଙ୍କୁ କେବେ ଯୋଗାଯୋଗ କରିବେ?**

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଲୋକପାଳଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ**-ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** – ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ।

ଧ୍ୟାନ ଦିଅନ୍ତୁ:
- ଆରବି-ଆଇଓଏସରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ।
- ଅଭିଯୋଗ ଅନ୍ୟ କୌଣସି ମଞ୍ଚ (ଯେପରି ନ୍ୟାୟାଳୟ) ରେ ବିଚାର ହୋଇ ନ ଥିବ / ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଲୋକପାଳ ଦ୍ୱାରା ପୂର୍ବରୁ ବିଚାର ହୋଇ ନ ଥିବ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନ କରି ଆରବିଆଇ ଲୋକପାଳଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ।**

**ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?**

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସ ର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ, ସେକ୍ଟର-17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017"କୁ ପଠାଯାଇ ପାରିବ।

**ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?**

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ। ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶୁକ୍ରବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି।

**ଅଧିକ ସୂଚନା ପାଇଁ**

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଲୋକପାଳ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ - https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

(ଡିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)
**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡିଆଇସିଜିସି)**
ମହାପ୍ରବନ୍ଧକ
ଡିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ,
ବାଇକୁଲା, ମୁମ୍ବାଇ - 400 008
ଇ-ମେଲ୍: dicgc.complaints@rbi.org.in
ଟେଲିଫୋନ୍ ନମ୍ବର: 022-2302 8000, ବିସ୍ତାର ନମ୍ବର 8000

"ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

# ବିଚାରଧାରାର ଦଳ



ଆକାର ପଟେଲ

ଏକ ନିର୍ଦ୍ଦିଷ୍ଟ ବିଚାରଧାରାକୁ ନେଇ ଗଠିତ ଦଳଗୁଡ଼ିକର ଦୁର୍ବଳ ନେତାମାନେ ସେମାନଙ୍କ ଅପେକ୍ଷା ଅଧିକ କଠୋର ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଯୋଗୁ ସର୍ବଦା ଅସୁରକ୍ଷିତ ରହିଥାନ୍ତି। ଉତ୍ତରପ୍ରଦେଶ ଘଟଣାକୁ ବୁଝିବାବେଳେ ଏହି ବିଷୟ ଉପରେ ଧ୍ୟାନଦେବା ଆବଶ୍ୟକ। ଭବିଷ୍ୟତରେ ଏକ ଅଳ୍ପମତ ସରକାରରେ ଯାହା ଘଟିବ ବୋଲି ଆମେ ମନେକରୁଛୁ ଏହା ତାହାର ଏକ ଦୃଷ୍ଟାନ୍ତ। ୟୁପିର ଦୋକାନୀମାନଙ୍କୁ ସେମାନଙ୍କ ନାମ ଲେଖିବାକୁ ବାଧ କରାଯିବା ଭଳି ସିଦ୍ଧାନ୍ତକୁ ଦିଲ୍ଲୀରେ ଭାଜପାର ସହଯୋଗୀମାନେ ସମସ୍ତେ ବିରୋଧ କରିଛନ୍ତି। ଦୋକାନୀମାନଙ୍କୁ ଏହା କରିବାକୁ କହିବାର କୌଣସି ସ୍ପଷ୍ଟ କାରଣ ବାହାରକୁ ଦେଖାଯାଉ ନାହିଁ, ବରଂ ବିବାଦ ସୃଷ୍ଟି କରିବା ବ୍ୟତୀତ ଏହା ଆଉ କିଛି ନୁହେଁ। ଏଥିପାଇଁ କୌଣସି ଦାବି କରାଯାଇ ନ ଥିଲା ଏବଂ ଅତୀତରେ ଏହା ଏକ ସମସ୍ୟା ବି ହୋଇନାହିଁ। ଲକ୍ଷ୍ୟ କରନ୍ତୁ, ଏହା ଘଟିବାର ଗୋଟିଏ ଦିନ ପୂର୍ବରୁ ପ୍ରକାଶିତ ଏକ ଖବର ତୁଳନାରେ ଏହି ପ୍ରସଙ୍ଗ ବଡ଼ ଆକାର ଧାରଣ କରିଛି। ସେହି ଖବରଟି ଥିଲା, ଲୋକ ସଭା ନିର୍ବାଚନରେ ପରାଜୟ ପାଇଁ ୟୁପି ମୁଖ୍ୟମନ୍ତ୍ରୀ ଅସୁବିଧାର ସମ୍ମୁଖୀନ ହେବା। ପରବର୍ତ୍ତୀ ସମୟରେ କ'ଣ ହେବ ସେ ନେଇ ସମସ୍ତ ନ୍ୟୁଜ୍ ଚ୍ୟାନେଲରେ କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ତାହା ଆଉ କାହାଣୀ ହୋଇ ରହିନାହିଁ ଏବଂ ମୁଖ୍ୟମନ୍ତ୍ରୀ ଘଟଣାର ମୋଡ଼ ବଦଳାଇବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ଏହାକୁ ନେଇ ସହଯୋଗୀଙ୍କ ମଧ୍ୟରେ ମତଭେଦ ଏବଂ ଅସନ୍ତୋଷ ଦେଖାଦେଇଛି। ଏଭଳି କରିବାକୁ କାହିଁକି ସେମାନଙ୍କୁ ସୁଯୋଗ ଦେଉଛ ? ଜୁନ୍ ୪ ପରେ କିଛି ପରିବର୍ତ୍ତନ ହୋଇନାହିଁ ବୋଲି ଯଦି ଭାବୁଥାଅ ତେବେ ତାହା ଭୁଲ୍ ଧାରଣା ଓ ବାସ୍ତବରେ ଏହା ସାହାଯ୍ୟ କରିବ ନାହିଁ। ସମସ୍ତେ ଏହା ବୁଝିଛନ୍ତି। ତେବେ ଏହା କାହିଁକି କରାଯାଉଛି। ୟୁପିର ପଦକ୍ଷେପକୁ ମଧ୍ୟ ଖୋଲାଖୋଲି ବିରୋଧ କରାଯାଇପାରିବ ନାହିଁ ଏବଂ ଏହା ହେଉଛି ବୈଚାରିକ ଦଳର ସମସ୍ୟା। ଭାଜପା ତା' ସମ୍ପୂର୍ଣ୍ଣ ଇତିହାସରେ ଯାହା କରି ଆସିଛି ମୁଖ୍ୟମନ୍ତ୍ରୀ ତାହା କେବଳ ହିଁ କରୁଛନ୍ତି, କାରଣ ତାହା ଦଳର ବିଚାରଧାରା। ଆମେ ପୂର୍ବରୁ ଏହି ସମାନ ପରିସ୍ଥିତିର ଝଲକ ଦେଖିଛୁ। ୨୦ ବର୍ଷ ପୂର୍ବେ ଜଣେ ଦୁର୍ବଳ ନେତାଙ୍କଠାରୁ ଅଧିକ କଠୋର ଆହ୍ୱାନକାରୀଙ୍କୁ ପ୍ରଥମେ ଦେଖାଯାଇଥିଲା।

ଗୁଜରାଟ ଗୋଧ୍ରା ଦଙ୍ଗାରେ ପ୍ରାୟ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ଏହାର ମାତ୍ର ୧ ମାସ ପରେ ଏପ୍ରିଲ ୨୦୦୨ରେ ଗୋଆରେ ଭାଜପା ଜାତୀୟ କାର୍ଯ୍ୟନିର୍ବାହୀ ବୈଠକ ହୋଇଥିଲା। ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମୁଖ୍ୟମନ୍ତ୍ରୀ ମୋଦିଙ୍କୁ ପଦ ଛାଡ଼ିବାକୁ କହିପାରନ୍ତି। 'ବାଜପେୟୀ କେମିତି ହିନ୍ଦୁତ୍ୱର ଗାୟକ ପାଲଟିଗଲେ' ଶୀର୍ଷକ ଏକ ପତ୍ରିକାରେ ୨୯ ଏପ୍ରିଲ ୨୦୦୨ରେ ପ୍ରକାଶ ପାଇଥିଲା। ବୈଠକର ପରବର୍ତ୍ତୀ ଘଟଣା ବିଷୟରେ ଏଥିରେ ଏହିପରି ଦର୍ଶାଇଯାଇଥିଲା– ''ପାର୍ଟି ଅଧ୍ୟକ୍ଷ ଜନ୍ କୃଷ୍ଣମୂର୍ତ୍ତି ଯେମିତି ତାଙ୍କ ଲିଖିତ ଅଧ୍ୟକ୍ଷୀୟ ଭାଷଣ ଶେଷ କରିଛନ୍ତି ମୋଦି ଉଠିପଡ଼ି ଗମ୍ଭୀର ଓ ଶୁଦ୍ଧ ହିନ୍ଦୀରେ କହିଥିଲେ, ''ଅଧ୍ୟକ୍ଷଜୀ, ମୁଁ ଗୁଜରାଟ ଉପରେ କହିବାକୁ ଚାହେଁ... ଦଳର ଦୃଷ୍ଟିକୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହା ଉପରେ ସ୍ୱତନ୍ତ୍ର ଓ ସ୍ପଷ୍ଟ ଚର୍ଚ୍ଚା ହେବା ଦରକାର। ସେଥିପାଇଁ ମୁଁ ଏହି ସଞ୍ଚାଳକମଣ୍ଡଳ ସମ୍ମୁଖରେ ମୋର ଇସ୍ତଫା ଦେବାକୁ ଚାହୁଁଛି। ଏବେ ସମୟ ଆସିଛି, ଆମକୁ ସ୍ଥିର କରିବାକୁ ହେବ, ଏଠାରୁ ଆଗକୁ ଦଳ ଏବଂ ଦେଶକୁ କେଉଁ ଦିଗକୁ ନେବା ଉଚିତ।'' ତାଙ୍କୁ ଅଧିକ କହିବାର ଆବଶ୍ୟକତା ନ ଥିଲା। ଗୋଟିଏ ଝଟକାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ପୂରା ପଦକ୍ଷେପକୁ ଠପ୍ କରିଦେଇଥିଲେ। ସେ ତାଙ୍କ ସମର୍ଥକମାନଙ୍କୁ ଉତ୍ସାହିତ କରିଥିଲେ, ଯେଉଁମାନେ ମୁଣ୍ଡଗଣତି ପାଇଁ ଠିଆ ହୋଇଯାଇଥିଲେ। ମୋଦି ଏବଂ ଭିଏଚ୍‌ପି ସଦସ୍ୟଙ୍କ ବିରୋଧରେ କହିଥିବା ଖାଦ୍ୟମନ୍ତ୍ରୀ ଶାନ୍ତା କୁମାର ଭର୍ତ୍ସନାର ସମ୍ମୁଖୀନ ହେବା ସହ ଏକ ଶୃଙ୍ଖଳା କମିଟିର ସାମ୍ନା କରିଥିବା ଦେଖିବାକୁ ମିଳିଥିଲା। ଏମିତି କି ସେ କ୍ଷମା ମାଗିବାକୁ ବାଧ ହୋଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ନିଜସ୍ୱ ଭାବମୂର୍ତ୍ତି ଏବଂ ମେଣ୍ଟର ଏକତା ପାଇଁ ମୋଦିଙ୍କ ଇସ୍ତଫାକୁ ଯୁକ୍ତିଯୁକ୍ତ ମନେକରିଥାଇପାରନ୍ତି, କିନ୍ତୁ ମୋଦି ସମର୍ଥକଙ୍କ ଉଗ୍ର ମାନସିକତା ବିରୋଧରେ ଯିବା ଲାଗି ତାଙ୍କ ପାଖରେ ଆଉ କୌଣସି ରାସ୍ତା ନ ଥିଲା। ସେ ଏହି ପ୍ରସଙ୍ଗକୁ ଦୂରକରିବା ଲାଗି ଗୋଟେ ଦିନ ଚେଷ୍ଟା କରିଥିଲେ, ହେଲେ ତାହାକୁ ମଧ୍ୟ ବିରୋଧ କରାଯାଇଥିଲା।

ମୋଦିଙ୍କୁ ମୁକାବିଲା କରିବାରେ ବାଜପେୟୀ ଅକ୍ଷମ ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଗୁଜରାଟରେ ନେତୃତ୍ୱ ବଦଳାଇବାକୁ ଭାଜପାର ଅକ୍ଷମତା ଯୋଗୁ ମୋଦି ସାରା ଦେଶରେ ଏବଂ ବିଶ୍ୱରେ ଏକ ଖ୍ୟାତି ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ବାବ୍ରି ମସ୍‌ଜିଦ ପତନ ପରେ ଏକ ଦଶନ୍ଧି ଧରି ଦୁଃଖ ପ୍ରକାଶ କରିଆସୁଥିବା ହିନ୍ଦୁତ୍ୱ ଶେଷ ହେବାକୁ ଯାଉଥିଲା। ସେତେବେଳେ ଭାଜପା କ୍ୟାଡର ଏବଂ ସଂଘରେ ଜଣେ ପ୍ରକୃତ ହିରୋ ଥିଲେ, ଯିଏକି ବାସ୍ତବରେ ସେମାନଙ୍କ ନେତାଙ୍କ ଇଚ୍ଛା ଅନୁଯାୟୀ କହୁଥିଲେ ଏବଂ ଅନୁଭବ କରୁଥିଲେ ଓ କାମ କରୁଥିଲେ। ୪ ଜୁନ୍‌ର ଘଟଣା ଯୋଗୁ ବର୍ତ୍ତମାନ ସେହି ଚମକ ଚାଲିଯାଇଛି। ଯଦି ପ୍ରଧାନମନ୍ତ୍ରୀ ସରକାରଙ୍କ ଭିତରେ ସୁରୁଖୁରୁରେ କାର୍ଯ୍ୟ କରିବାକୁ ଚାହାନ୍ତି, ତେବେ ଅନାବଶ୍ୟକ ଭାବେ ସହଯୋଗୀଙ୍କୁ ଉତ୍ତେଜିତ କରୁଥିବା ଏହିଭଳି ବିଷୟଗୁଡ଼ିକଠାରୁ ଦୂରେଇ ରହିବାକୁ ପଡ଼ିବ।

ଭାଜପାର ଏବେ ୨୪୦ ସାଂସଦ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀ ତାଙ୍କ ଭାବମୂର୍ତ୍ତିକୁ ଉଦାରବାଦ କରିବାକୁ ଚେଷ୍ଟା କରୁଛନ୍ତି। ସେ ଅନ୍ୟମାନଙ୍କ ପାଇଁ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ସୃଷ୍ଟି କରିଛନ୍ତି ଏବଂ ତାହା ଏବେ ଘଟୁଛି। ଏଭଳି ଘଟଣା ଭାଜପା ଭିତରେ ମଧ୍ୟ ଜାରି ରହିବ। ପାର୍ଟିରେ ଯେଉଁମାନେ ବିପଦରେ ଥିବା ଅନୁଭବ କରୁଛନ୍ତି, କିମ୍ବା ନିଜର ସ୍ଥିତି ହରାଇବାକୁ ଯାଉଛନ୍ତି କିମ୍ବା ଅନୁଭବ କରୁଛନ୍ତି ଯେ ସେମାନେ ଅନ୍ୟମାନଙ୍କ ଉପରେ କୌଣସି ପ୍ରକାର ମତ ଦେବା ଆବଶ୍ୟକ, ସେମାନେ ଏହି ସୂତ୍ର ବ୍ୟବହାର କରିବାକୁ ବିଚାର କରିବେ। ଅନେକେ ପ୍ରକୃତରେ ଏହାକୁ ପ୍ରୟୋଗ କରିବେ, ଯେପରି ଆମେ ଦେଖୁଛୁ। ବିଚାରଧାରାସମ୍ମତ ଦଳଗୁଡ଼ିକର ଏହା ହେଉଛି ସମସ୍ୟା। ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ଭିନ୍ନ ତୃତୀୟ ପାଳି ହେବାକୁ ଯାଉଥିବାବେଳେ ପର୍ଯ୍ୟବେକ୍ଷକମାନଙ୍କ ପାଇଁ ଏହା ମଧ୍ୟ ଆକର୍ଷଣୀୟ ହେବ ବୋଲି କୁହାଯାଉଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 2 | | | | |
| | | | 4 | | | 6 | | |
| | 5 | 7 | | 3 | | | | |
| | | | | | 4 | | | 1 |
| | | | | | | 8 | | 9 |
| | | 9 | 1 | | | 3 | 2 | |
| 3 | | | | 5 | | | | 2 |
| | | | 6 | 4 | | | | 5 |
| | | | 9 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 4 | 5 | 3 | 6 | 8 | 9 | 1 |
| 1 | 6 | 9 | 4 | 8 | 2 | 5 | 7 | 3 |
| 8 | 5 | 3 | 7 | 9 | 1 | 4 | 6 | 2 |
| 5 | 3 | 6 | 8 | 1 | 7 | 9 | 2 | 4 |
| 4 | 7 | 1 | 9 | 2 | 3 | 6 | 5 | 8 |
| 9 | 8 | 2 | 6 | 5 | 4 | 1 | 3 | 7 |
| 3 | 9 | 7 | 1 | 4 | 5 | 2 | 8 | 6 |
| 2 | 4 | 8 | 3 | 6 | 9 | 7 | 1 | 5 |
| 6 | 1 | 5 | 2 | 7 | 8 | 3 | 4 | 9 |

ଗତକାଲିର ଉତ୍ତର

# କାଠଗଡ଼ାରେ ସଂଶୋଧିତ ବିଶ୍ୱବିଦ୍ୟାଳୟ ଆଇନ



ସତ୍ୟକାମ ମିଶ୍ର

ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ୨୦୨୦ ମସିହାରେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଏକ ସଂସ୍କାର ଆଣିଥିଲେ। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଶାସନ ଓ ନିଯୁକ୍ତିକୁ ସ୍ୱଚ୍ଛ କରିବା ଏବଂ ତାହାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ରେ କିଛି ସଂଶୋଧନ କରାଯାଇଥିଲା। ବିଶେଷକରି କୁଳପତି ଚୟନ, ସିଣ୍ଡିକେଟ ଗଠନ ଓ ଅଧ୍ୟାପକ ତଥା ଅନ୍ୟାନ୍ୟ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଥିଲା। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ କ୍ଷମତା ଓ କାର୍ଯ୍ୟଧାରାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଏହି କ୍ଷେତ୍ରରେ ପୂର୍ବରୁ ଅନୁସୃତ ନିୟମ ଓ ପଦ୍ଧତିଗୁଡ଼ିକ ଅକ୍ଷୁଣ୍ଣ ରହିଥିଲା। ମୋଟ ଉପରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କ୍ଷମତା କୌଣସି ମତେ ହ୍ରାସ କରାଯାଇ ନ ଥିଲା। ଏହା ସତ୍ତ୍ୱେ କିଛି ବ୍ୟକ୍ତି ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ହ୍ରାସ ହେଲା ବୋଲି ଅଭିଯୋଗ କଲେ। ଜଣେ ଅବସରପ୍ରାପ୍ତ ପ୍ରଫେସର ଏହି ସଂଶୋଧନକୁ ବିରୋଧ କରି ଓଡ଼ିଶା ଉଚ୍ଚନ୍ୟାୟାଳୟରେ ବିଶ୍ୱବିଦ୍ୟାଳୟ ଆଇନରେ ହୋଇଥିବା ସଂଶୋଧନଗୁଡିକ ବିଶ୍ୱବିଦ୍ୟାଳୟର ସ୍ୱାଧୀନତାକୁ ସଂକୁଚିତ କରୁଥିବା ଦର୍ଶାଇ ତାହାକୁ ବାତିଲ କରିବାପାଇଁ ଆବେଦନ କଲେ।

ଉଚ୍ଚ ନ୍ୟାୟାଳୟ ବିସ୍ତୃତ ଶୁଣାଣି ପରେ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ସରକାର ବିଶ୍ୱବିଦ୍ୟାଳୟ ଆଇନରେ କରିଥିବା ସଂଶୋଧନକୁ ବୈଧ ଘୋଷଣା କରିଥିଲେ। ଅଧ୍ୟାପକ ଚୟନ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟଗୁଡିକରେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ କର୍ମଚାରୀ ପ୍ରବରଣ ଆୟୋଗକୁ କ୍ଷମତା ପ୍ରଦାନ କରାଗଲା। ଫଳରେ ସେ କ୍ଷେତ୍ରରେ ନିଯୁକ୍ତି ପାଇଁ ଗଳାବାଟର ସୁଯୋଗ ରହିଲା ନାହିଁ। ଉପରୋକ୍ତ କାରଣରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏହାକୁ ବିରୋଧ କରି ମକଦ୍ଦମା ହେଲା। ସେ ଯାହାହେଉ, ସେହି ମକଦ୍ଦମା ଖାରଜ ହେବାପରେ ସଂଶୋଧିତ ଆଇନ ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଧ୍ୟାପକ ଚୟନ ପ୍ରକ୍ରିୟା ଆରମ୍ଭ ହେଲା। ଏକ ସ୍ୱଚ୍ଛ ଓ ନିରପେକ୍ଷ ପ୍ରକ୍ରିୟା ମାଧ୍ୟମରେ ପ୍ରାୟ ୨୦୦ ଅତ୍ୟନ୍ତ ମେଧାବୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦିଆଗଲା। କିନ୍ତୁ ଦୁଃଖର କଥା, ରାଜ୍ୟରେ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା ଓ ଚୟନ ପ୍ରକ୍ରିୟା ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାବେଳେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି), ସଂଶୋଧିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୨୦ ୟୁଜିସିର ନିୟମାବଳୀକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଉଚ୍ଚତମ ନ୍ୟାୟାଳୟରେ ମକଦ୍ଦମା ଦାଏର କଲେ ଏବଂ ଉଚ୍ଚତମ ନ୍ୟାୟାଳୟ ସଂଶୋଧିତ ଆଇନର କାର୍ଯ୍ୟକାରିତା ଉପରେ ଗତ ବର୍ଷ ମେ ୨୦ରେ ରହିତାଦେଶ ଜାରି କଲେ। ପ୍ରଥମେ ତିନିମାସ ପାଇଁ ରହିତାଦେଶ ଜାରି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହା ବୃଦ୍ଧିପାଇ ଅଦ୍ୟାବଧି ବଳବତ୍ତର ରହିଛି। ଫଳରେ ଦ୍ରୁତ ଗତିରେ ଚାଲିଥିବା ଅଧ୍ୟାପକ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଗଲା। ଉଚ୍ଚତମ ନ୍ୟାୟାଳୟର ରହିତାଦେଶ ବଳବତ୍ତର ଥିବା ଯୋଗୁ ଚୟନ ପ୍ରକ୍ରିୟା ବନ୍ଦ ରହି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଅଧ୍ୟାପକ ପଦବୀ ପୂରଣ କରାଯାଇ ପାରୁନି। ଏହା ଦ୍ୱାରା ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ ସ୍ଥାଣୁ ଅବସ୍ଥାକୁ ଆସିଗଲାଣି। କୌଣସିମତେ କାମ ଚଳାଇବା ପାଇଁ ଠିକା ଅଧ୍ୟାପକ ନିଯୁକ୍ତି ବ୍ୟବସ୍ଥା ଗ୍ରହଣ କରାଯାଉଛି ଯାହା କି ଭବିଷ୍ୟତରେ ମାଲିମକଦ୍ଦମା ସକାଶେ କ୍ଷେତ୍ର ପ୍ରସ୍ତୁତ କରୁଛି। ବହୁ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ ହେଉଛି, ସେ ସବୁ କ୍ଷେତ୍ରରେ ୟୁଜିସି ମୁଣ୍ଡ ପୂରାଉ ନ ଥିବା ସ୍ଥଳେ ଓଡ଼ିଶା ପାଇଁ ୟୁଜିସି ଏତେ ତତ୍ପର କାହିଁକି? ୟୁଜିସି ଦ୍ୱାରା ଦାଖଲ ହୋଇଥିବା ଯାଚିକାରେ ମୁଖ୍ୟତଃ କୁଳପତି ଚୟନ ଓ ଅଧ୍ୟାପକ ଚୟନ ପ୍ରକ୍ରିୟାକୁ ବିରୋଧ କରାଯାଇଛି। ସଂଶୋଧିତ ଆଇନରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପାଇଁ ୟୁଜିସି ନିର୍ଦ୍ଧାରଣ କରିଥିବା ଯୋଗ୍ୟତାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। କେବଳ ଅଧ୍ୟାପକ ଚୟନ ଦାୟିତ୍ୱ କୁଳପତିଙ୍କ ପାଖରୁ ଓଡ଼ିଶା ଲୋକସେବା ଆୟୋଗକୁ ହସ୍ତାନ୍ତର ହୋଇଛି। ଏହାଦ୍ୱାରା ୟୁଜିସିର କୌଣସି ନିୟମ କିମ୍ବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇନାହିଁ।




ବିହାରରେ ଅନେକ ଦିନରୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ ଗଠିତ ହୋଇଛି। ୟୁଜିସି ତାହାର ବିରୁଦ୍ଧାଚରଣ କରିନାହିଁ। ଓଡ଼ିଶାରେ କୁଳପତି ଚୟନ ଓ ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ପ୍ରିୟାପ୍ରୀତି ତୋଷଣ ହେଉଥିବା ଅଭିଯୋଗ ହେଉଥିଲା। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ଚୟନରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ପାଇଁ ସେହି ବ୍ୟକ୍ତିମାନଙ୍କର ପୂର୍ବତନ ଶିକ୍ଷକ କିମ୍ବା ଗବେଷଣାର ମାର୍ଗଦର୍ଶକଙ୍କୁ ସାକ୍ଷାତ୍‌କାର ପାଇଁ ଡାକିବା ଭଳି ଦୁର୍ନୀତିର ବହୁ ଉଦାହରଣ ଅଛି। ଏହିପରି ବହୁ ଘଟଣା ଘଟୁଥିଲା। କିଛି କୁଳପତି ଏହିଭଳି ଅନିୟମିତତାର ଅବସାନ ଉଦ୍ଦେଶ୍ୟରେ ନିରପେକ୍ଷ ସଂସ୍ଥା ମାଧ୍ୟମରେ ଅଧ୍ୟାପକ ଓ ଅଣଅଧ୍ୟାପକ ପଦବୀଗୁଡିକ ପୂରଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏହି ସବୁ ସମାଲୋଚନାର ଉର୍ଦ୍ଧ୍ୱରେ ରଖି ଶିକ୍ଷାଦାନର ଗୁଣାତ୍ମକ ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର ଅଧ୍ୟାପକ ଓ କର୍ମଚାରୀ ଚୟନ ପ୍ରକ୍ରିୟାରେ ଯେଉଁ ସଂସ୍କାର କଲେ ତାକୁ ଭଣ୍ଡୁର କରିବାକୁ ପ୍ରଚେଷ୍ଟା ଚାଲିଛି।

ବିଶ୍ୱବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ବଜାୟ ରଖିବା ୟୁଜିସିର ଦାୟିତ୍ୱ। ଗୋଟିଏ ରାଜ୍ୟର ସରକାର ନିଜେ ପ୍ରଣୟନ କରିଥିବା ଏକ ଆଇନରେ କିଛି ସଂଶୋଧନ କରିବା ତାଙ୍କର ନିଜର ଅଧିକାରଭୁକ୍ତ। ଏହି ସଂଶୋଧନର ଉଦ୍ଦେଶ୍ୟକୁ ନ ବୁଝି କିମ୍ବା ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ନ କରି ସିଧା ଉଚ୍ଚତମ ନ୍ୟାୟାଳୟକୁ ଯିବା ୟୁଜିସି ପକ୍ଷରେ ଏକ ସ୍ୱାଭାବିକ ଆଚରଣ ନୁହେଁ। ରାଜ୍ୟରେ ସଂଶୋଧିତ ଆଇନକୁ ବାତିଲ କରିବା ପାଇଁ ଦାବି କରାଗଲାଣି। ଏହା ଭିତରେ ୟୁଜିସି ଖାଲି ପଡ଼ିଥିବା ଅଧ୍ୟାପକ ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାରନ୍ତରେ ସଂଶୋଧିତ ଆଇନକୁ ବାତିଲ କରି ପୁନଶ୍ଚ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅଧ୍ୟାପକ ଚୟନ କରିବା କ୍ଷମତା ହସ୍ତାନ୍ତର କରିବା ପାଇଁ ୟୁଜିସି ବାଧ କରୁଛି। ଯଦି ଏହା କରାଯାଏ ତା'ହେଲେ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ ଆହୁରି ଘନୀଭୂତ ହେବ ଏବଂ ମେଧାବୀ ପିଲାମାନେ ଅଧ୍ୟାପକ ହେବାରୁ ବଞ୍ଚିତ ହେବେ। ଶିକ୍ଷାଦାନର ମାନ ହ୍ରାସ ପାଇବ। ଓଡ଼ିଆ ପିଲାମାନେ ଜାତୀୟ ସ୍ତରରେ ହେଉଥିବା ପରୀକ୍ଷାଗୁଡ଼ିକରେ ସଫଳତା ହାସଲ କରିପାରିବେ ନାହିଁ। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ହେଲେ ସମାଜର ଦୁର୍ବଳ ଶ୍ରେଣୀର ପିଲାମାନେ ଏହା ଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବେ। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସଶକ୍ତ ଆଧୁନିକ ଶିକ୍ଷା ବ୍ୟବସ୍ଥା ଅପରିହାର୍ଯ୍ୟ। ଆମର ଆଶା ଓ ବିଶ୍ୱାସ ସେ ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟ ଦେଇଥିବା ରହିତାଦେଶକୁ ଉଠାଇବା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ମେଧାବୀ ବ୍ୟକ୍ତିଙ୍କ ପ୍ରବେଶକୁ ପ୍ରୋତ୍ସାହନ ଦେବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ସେଲ୍ଟର ଛକ, କଟକ
ମୋ- ୯୪୩୭୨୭୭୩୧୩

# ଆଶାର ଅଗ୍ରଦୂତ

ବ୍ୟକ୍ତିତ୍ୱ



ଜିଗ୍ୟାସୁ ଅଗ୍ରୱାଲ

ସମଗ୍ର ଦେଶରେ ଏବେ ପୂଜା ଖେଡ୍‌କରଙ୍କ ନାମକୁ ନେଇ ଚର୍ଚ୍ଚା। ବିଶେଷକରି କେନ୍ଦ୍ର ଲୋକ ସେବା ଆୟୋଗ(ୟୁପିଏସ୍‌ସି) ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ପାଇଁ ପୂଜାଙ୍କ କେଲେଙ୍କାରିଜନିତ ପ୍ରକାଶ ପାଉଥିବା ତଥ୍ୟସବୁ ରୋଚକ ସ୍ତରରେ ପହଞ୍ଚିବାରେ ଲାଗିଛି। ଜାତି ଓ ଭିନ୍ନକ୍ଷମ ପ୍ରମାଣପତ୍ରର ମିଥ୍ୟା ତଥ୍ୟ ଦେଇ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଚାକିରି ପାଇଥିବା ମହାରାଷ୍ଟ୍ର କ୍ୟାଡରର ଏହି ଶିକ୍ଷାନବିସ(ପ୍ରୋବେସନାରୀ) ଅଧିକାରୀ ବିଭିନ୍ନ ଧରଣର ଚଞ୍ଚକତା କରି ୧୨ ଥର ଏହି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷା ଦେଇପାରିଥିଲେ। ପୂଜାଙ୍କ ପିତା ଜଣେ ଅମଲାତନ୍ତ୍ରୀ ହୋଇଥିବାରୁ ଝିଅର କ୍ୟାରିୟର ପାଇଁ ସେ ଉଚ୍ଚସ୍ତରରେ ଅନେକ କାରସାଦି କରିଥିବା ଆଲୋଚନା ହେଉଛି। ଭାରତର ସବୁଠାରୁ ମର୍ଯ୍ୟାଦାଜନକ ପରୀକ୍ଷା ଭାବେ ସିଭିଲ୍ ସର୍ଭିସ ରହିଆସିଛି। ଏଥିରେ ସଫଳତା ହାର ପ୍ରାୟ ୦.୧ ପ୍ରତିଶତ। ଏପରି କି ଜଣେ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀ ସହଜରେ ଏହି ଚାକିରି ପାଇଯିବାର କୌଣସି ନିଶ୍ଚିତତା ନ ଥାଏ। ଯେତେ ଯାହା ବି ହେଉ, ପ୍ରତିବର୍ଷ ଅସଂଖ୍ୟ ବିଦ୍ୟାର୍ଥୀ ଏହି ଚାକିରି ପାଇଁ କଠୋର ପରିଶ୍ରମ କରୁଥିବାର ଦେଖାଯାଇଥାଏ। ଯେଉଁମାନେ ଅକୃତକାର୍ଯ୍ୟ ହୋଇଥାଆନ୍ତି, ସେମାନଙ୍କ ମନ ଭାଙ୍ଗିଯାଇଥାଏ। କେତେକ ହତାଶ ହୋଇଯାଉଥିବା ବେଳେ ଆଉ କେତେକ ନୂଆ କ୍ୟାରିୟର ଗଢ଼ିବାରେ ମନୋନିବେଶ କରନ୍ତି। ହତାଶ ହୋଇଯାଉଥିବା ବିଦ୍ୟାର୍ଥୀଙ୍କୁ ସାନ୍ତ୍ୱନା ଦେବା ସହ ନୂଆ କ୍ୟାରିୟର ଦେଖାଇପାରୁଥିବା ବ୍ୟକ୍ତି ବା ସଂସ୍ଥା ସେମାନଙ୍କ ପାଇଁ ଆଶାର ଅଗ୍ରଦୂତ ପାଲଟିଥାଆନ୍ତି। ସେଭଳି ଜଣେ ବ୍ୟକ୍ତିତ୍ୱ ଜିଗ୍ୟାସୁ ଅଗ୍ରୱାଲଙ୍କୁ ନେଇ ଏବେ ପୂର୍ବତନ ୟୁପିଏସ୍‌ସି ଆଶାୟୀ (ଏକ୍ସ-ୟୁପିଏସ୍‌ସି ଆସ୍ପିରାଣ୍ଟ)ଙ୍କ ମଧ୍ୟରେ ସକାରାତ୍ମକ ଭାବନା ସୃଷ୍ଟି ହୋଇପାରିଛି। ଅନ୍ତତଃପକ୍ଷେ ଅକୃତକାର୍ଯ୍ୟ ବିଦ୍ୟାର୍ଥୀ ଧରିନେଲେଣି ସିଭିଲ୍ ସର୍ଭିସ ପରୀକ୍ଷା ଜୀବନରେ ସଫଳତା ପାଇଁ ଏକ ମାଧ୍ୟମ ହୋଇପାରେ, କିନ୍ତୁ ସେହିଠାରେ ସବୁକିଛି ସରିଯାଉନି।

ଜିଗ୍ୟାସୁ ଅଗ୍ରୱାଲ। ଉତ୍ତରପ୍ରଦେଶର ବିଷ୍ଣୋୟୀ ଗ୍ରାମରେ ଜନ୍ମିତ ଏହି ୨୭ ବର୍ଷୀୟ ଯୁବକ ସିଭିଲ୍ ସର୍ଭିସ ପରୀକ୍ଷାରେ ସଫଳତା ପାଇ ନ ଥିଲେ ମଧ୍ୟ ସେ 'ରିବାଉନ୍ସ' ନାମକ ପରାମର୍ଶ ସଂସ୍ଥା ଖୋଲି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି। ତାଙ୍କ ଯାତ୍ରାର କାହାଣୀ ଏହିପରି। ପାଟନାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି)ରୁ ସେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ଅର୍ଜନ କରିଥିଲେ। ତା' ପରେ ସ୍ୱିଡିଶ୍-ସୁଇସ୍ ମଲ୍ଟିନ୍ୟାଶନାଲ କର୍ପୋରେଶନ ଏବିବି ଲିମିଟେଡ୍‌ରେ ଯୋଗଦେଇଥିଲେ। ଗୋଟେ ଭଲ ଚାକିରି ମିଳିଥିଲେ ମଧ୍ୟ ସେଥିରୁ ଜୀବନର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଭାବିପାରି ନ ଥିଲେ। ତେଣୁ ସେ ସେହି ଚାକିରି ଛାଡ଼ି ସିଭିଲ ସର୍ଭିସ ପ୍ରସ୍ତୁତି ପାଇଁ ମନବଳାଇଥିଲେ। ପ୍ରତିଜ୍ଞା ଥିଲା ୩ ଥର ପରୀକ୍ଷା ଦେବେ। ୨୦୧୯ରୁ ୨୦୨୧ ଯାଏ ଏଥିଲାଗି ପ୍ରସ୍ତୁତ ହେଲେ। ପ୍ରଥମଥର ପ୍ରିଲିମ୍ସରେ ହେଲେ ଅକୃତକାର୍ଯ୍ୟ। ଦ୍ୱିତୀୟଥର ମୁଖ୍ୟ ବା ମେନ୍ସ ପରୀକ୍ଷା ଦେବାକୁ ଯୋଗ୍ୟ ହେଲେ। ହେଲେ ଶେଷଥର ୨୦୨୨ ମେନ୍ସ ତାଲିକାରେ ତାଙ୍କ ନାମ ଦେଖିବାକୁ ନ ପାଇବାରୁ ଆଖିରେ ଲୁହ ଆସିଯାଇଥିଲା। କ'ଣ କରିବେ ଜାଣିପାରି ନ ଥିଲେ। ସମାନ ଦଶା ତାଙ୍କ ସମ୍ପର୍କୀୟ ଭାଇ ଅକ୍ଷତ ଅଗ୍ରୱାଲଙ୍କ କ୍ଷେତ୍ରରେ କିଛି ବର୍ଷ ପୂର୍ବରୁ ଘଟିଥିଲା। ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିବା ପରେ ଅକ୍ଷତ ବର୍ଷକ ପାଇଁ ଚାକିରି କରିଥିଲେ। କିନ୍ତୁ ନବମ ଶ୍ରେଣୀ ପଢ଼ିବା ବେଳୁ ତାଙ୍କର ସିଭିଲ ସର୍ଭାଣ୍ଟ ହେବାର ଲକ୍ଷ୍ୟ ଥିବାରୁ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଯାଇ ଚାକିରି ଛାଡ଼ିଥିଲେ। ହେଲେ ଦୁଇଥର ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ସେ କର୍ପୋରେଟ୍ ଚାକିରି କରିଥିଲେ। ଯେତେବେଳେ ଜିଗ୍ୟାସୁ ସିଭିଲ୍ ସର୍ଭିସ ଯୁଦ୍ଧରେ ହାରିଗଲେ ତାଙ୍କୁ ସାନ୍ତ୍ୱନା ଦେଇଥିଲେ ଅକ୍ଷତ। ଉଭୟେ ସେମାନଙ୍କ ବନ୍ଧୁ, କଲେଜ ସହପାଠୀ ଓ ଏକ୍ସ-ୟୁପିଏସ୍‌ସି ଆସ୍ପିରାଣ୍ଟଙ୍କୁ ଭେଟିଲେ କିଛି ଗୋଟେ କରିବା ପାଇଁ। କେହି ସେମାନଙ୍କୁ ସାହାଯ୍ୟ କରିବାକୁ ଆସିଲେ ନାହିଁ। ସେହି ନାହିଁ ନାହିଁ ଭିତରେ ଅକ୍ଷତଙ୍କ ସହ ଜିଗ୍ୟାସୁଙ୍କ ବିଫଳତାର ମିଶ୍ରଣ ଘଟିବାରୁ ପରେ ଜନ୍ମ ନେଲା ନୂଆ ଚିନ୍ତା। ଏକ୍ସ-ୟୁପିଏସ୍‌ସି ଆସ୍ପିରାଣ୍ଟଙ୍କୁ ସାହାଯ୍ୟ କରିବା ଲାଗି ଗଢ଼ିଲେ 'ରିବାଉନ୍ସ'। ଏହା ଆଶାୟୀଙ୍କ ଜୀବନରେ ସଫଳତା ଆଣିବା ପାଇଁ ଦ୍ୱିତୀୟ ସୁଯୋଗ ଦେବାରେ କାର୍ଯ୍ୟରତ।

ଜିଗ୍ୟାସୁ କହନ୍ତି, ଲକ୍ଷ୍ୟ ହାସଲ ପାଇଁ ସେ ୬ ମାସ କେତେକ ଅନ୍‌ଲାଇନ୍ କୋର୍ସ କରିବା ସହ ୟୁଟ୍ୟୁବ୍ ଭିଡିଓ ଦେଖିଥିଲେ। ୨୦୨୩ ଅଗଷ୍ଟରେ ସେ ଗୋଟେ ପଲିଟିକାଲ କନ୍‌ସଲ୍‌ଟାନ୍ସି ଫାର୍ମରେ ଚାକିରି ପାଇଥିଲେ। କିନ୍ତୁ ଭାଇ ଅକ୍ଷତଙ୍କ ସହ ବାରମ୍ବାର କଥାବାର୍ତ୍ତା ବେଳେ ତାଙ୍କ ମୁଣ୍ଡକୁ ଆସିଥିଲା 'ରିବାଉନ୍ସ'ର ଚିତ୍ର। ବର୍ତ୍ତମାନ ଏହାରି ମାଧ୍ୟମରେ ସେ ଅକୃତକାର୍ଯ୍ୟ ହୋଇଥିବା ସିଭିଲ ସର୍ଭିସ ଆସ୍ପିରାଣ୍ଟଙ୍କୁ ଭିନ୍ନ କ୍ୟାରିୟର ଉପରେ ପରାମର୍ଶ ଦେଇଚାଲିଛନ୍ତି। ଆଶାୟୀଙ୍କ ଆଗ୍ରହ ଥିବା କ୍ଷେତ୍ର ଓ ଦକ୍ଷତାକୁ ପରଖିବା ପରେ ସେମାନଙ୍କ ପସନ୍ଦର କ୍ୟାରିୟର ବିଷୟରେ ରିବାଉନ୍ସ ପରାମର୍ଶ ଦେଉଛି। ଯେହେତୁ ବିଦ୍ୟାର୍ଥୀମାନେ ଏକ କଠିନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ, ସେମାନଙ୍କ ଆଗ୍ରହର କ୍ଷେତ୍ର ପାଇଯିବା ପରେ ସେଥିରେ ଚାକିରି ପାଇବା ସହଜ ହେଉଛି। ଏପରିକି କେତେକ ଆଶାୟୀ ବିଶ୍ୱ ବ୍ୟାଙ୍କରେ ନିଯୁକ୍ତି ପାଇଲେଣି। ପ୍ରାରମ୍ଭିକ ସଫଳତା ଦେଖି ଏବେ ଜିଗ୍ୟାସୁ ଓ ଅକ୍ଷତ ଉତ୍ସାହିତ। ଆଗକୁ ସେମାନେ 'ଅପ୍‌ସ୍କିଲିଂ କୋର୍ସେସ' ଆରମ୍ଭ କରିବାର ଯୋଜନା ରଖିଛନ୍ତି। କଠିନ ପରିଶ୍ରମ କରିଥିବା ସିଭିଲ ସର୍ଭିସ ଆଶାୟୀ ବିଦ୍ୟାର୍ଥୀଙ୍କ ଜ୍ଞାନ ଓ ବିଚାରଶୀଳ ଚିନ୍ତାଧାରା ତୀକ୍ଷ୍ଣ ରହିଥିବାରୁ ସେମାନେ ବିକଳ୍ପ ପାଇଗଲେ ସେଥିରେ ଭଲ କରିବେ ବୋଲି 'ରିବାଉନ୍ସ'ର ସହ-ପ୍ରତିଷ୍ଠାତା ଜିଗ୍ୟାସୁ ଆଶା ରଖିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଣିଷଙ୍କ ସେବା ପାଇଁ ସବୁଠି ବିଭିନ୍ନ ଏନ୍‌ଜିଓ ତଥା ବ୍ୟକ୍ତିବିଶେଷ ସମୟ ଦେଉଥିବାବେଳେ ପ୍ରାଣୀଙ୍କ କ୍ଷେତ୍ରରେ ଏହା କମ୍ ଦେଖିବାକୁ ମିଳେ। ତେବେ ପ୍ରାଣୀ ସେବାରେ ଯେଉଁ କେତେଜଣ ଉତ୍ସର୍ଗୀକୃତ, ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଚାରୁ ଖାରେ ଅନ୍ୟତମ। ଚାରୁ ଚାକିରି କରୁଛନ୍ତି, ତଥାପି ସେଥିରୁ ସମୟ ବାହାରକରି ଅସହାୟ ପ୍ରାଣୀଙ୍କ ସୁରକ୍ଷା କରୁଛନ୍ତି। ମୁଖ୍ୟତଃ ମା'ଠାରୁ ଅଲଗା ହୋଇଯାଇଥିବା ମାଙ୍କଡ଼ଛୁଆଙ୍କ ଯତ୍ନ ନେବା ସହ ଅନ୍ୟ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି। ସେ ୭୦ କୁକୁର, ୨୫ ବିଲେଇ ଓ ୫ଟି ପକ୍ଷୀ ଉଦ୍ଧାର କରିସାରିଲେଣି। ସେ ଏକ ଏନ୍‌ଜିଓ ଗଠନ କରିଛନ୍ତି। ଏଥିରେ ଥିବା ଟିମ୍ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ମୋଟ୍‌ରେ ଏଯାବତ୍ ଚାରୁ ଓ ତାଙ୍କ ଟିମ୍ ୫,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ସେମାନେ ପ୍ରାଣୀଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି, ଖାଇବାକୁ ଦେଉଛନ୍ତି ଓ ରହିବା ଲାଗି ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ପକ୍ଷାଘାତରେ ପୀଡ଼ିତ ପ୍ରାଣୀଙ୍କ ପାଇଁ ଥେରାପି ବ୍ୟବସ୍ଥା କରିଛନ୍ତି। ଏତେସବୁ କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ସେ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ଦାନ ଆକାରରେ ଗ୍ରହଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୭୫

- ଢାକାନଗରୀ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବନ୍ୟା ଫଳରେ ୧୧ ଜଣ ନିହତ ଓ ୨ ଲକ୍ଷରୁ ଅଧିକ ବ୍ୟକ୍ତି କ୍ଷତିଗ୍ରସ୍ତ।
- ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ୭୦ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ଫିନ୍‌ଲାଣ୍ଡର କୁମାରୀ ଆନ୍ ପଟାମୋ ବିଜୟୀ ଘୋଷିତ।
- ମଣିପୁର ବିଧାନସଭାରେ ୧୨ଜଣ ବିରୋଧୀ ସଦସ୍ୟଙ୍କ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦାନ।

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ।
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସେବକଙ୍କ ଖାମଖିଆଲ ମନୋଭାବ

ମହାଶୟ,

ପହଣ୍ଡି ବେଳେ ସେବକଙ୍କ ଖାମଖିଆଲ ମନୋଭାବ ଯୋଗୁ ଚାରମାଳ ଉପରେ ବଡ଼ଠାକୁର ପଡ଼ିଯିବା ଘଟଣାକୁ ନେଇ ବୟାନବାଜି ଚାଲିଛି। ଏପରିକି ଠାକୁର ପଡ଼ିଗଲେ କିଭଳି ଅନିଷ୍ଟ ଘଟେ ତା' ଉପରେ ଚର୍ଚ୍ଚା ଜୋର୍ ଧରିଛି। ବିଶେଷକରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳାଦ୍ରି ମହୋତ୍ସବରେ ବିଷ୍ଣୁ କହିଥିବା ସମ୍ପର୍କରେ ତର୍ଜମା ଆରମ୍ଭ ହୋଇ ଦୁର୍ଭିକ୍ଷ, ମହାମାରୀ ମାଡ଼ିଆସିବ ବୋଲି କୁହାଯାଉଛି। ଏପରିକି ବିଷ୍ଣୁଙ୍କୁ ଶାନ୍ତି ବିଧାନ ପାଇଁ ଘୃତାହୁତି ହୋମ, ତର୍ପଣ, ମାର୍ଜନା କରି ଶାନ୍ତି ବିଧାନ କରାଯିବାକୁ ଆଲୋଚନା ହେଉଛି। ବିଶେଷକରି ଠାକୁର ପଡ଼ିଗଲେ ରାଜା ଓ ରାଣୀଙ୍କର ଅନିଷ୍ଟ ହେବ ବୋଲି ଭୟର ବାତାବରଣ ସୃଷ୍ଟି କରି ଆତଙ୍କିତ କରାଯାଉଛି। ପ୍ରଶ୍ନଉଠେ, ସେବକଙ୍କ ବେଖାତିର ମନୋଭାବରୁ ଠାକୁର ପଡ଼ିଯାଇଥିବା ବେଳେ ଠାକୁରଙ୍କୁ ପକାଇଥିବା ସେବକଙ୍କ ଅନିଷ୍ଟ ହେବା କୁହା ନ ଯାଇ ରାଜାରାଣୀଙ୍କ ଅନିଷ୍ଟ ହେବା ତଥା ରାଜ୍ୟକୁ ମହାମାରୀ ଓ ଦୁର୍ଭିକ୍ଷ ମାଡ଼ିଆସିବ ବୋଲି କୁହାଯାଉଛି।

– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆରପାରିରେ କମଳା

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଏକ୍ସ'ରେ ଲେଖିଛନ୍ତି, ଓଡ଼ିଶାର ବିଶିଷ୍ଟ ସମାଜସେବୀ ତଥା କୃଷିବିତ୍ କମଳା ପୂଜାରୀଙ୍କ ବିୟୋଗ ଖବର ପାଇ ମୁଁ ମର୍ମାହତ। ଧାନ ଓ ଅନ୍ୟାନ୍ୟ ଫସଲର ବିଭିନ୍ନ କିସମର ବିରଳ ତଥା ଲୁପ୍ତପ୍ରାୟ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ତାଙ୍କର ଉଲ୍ଲେଖନୀୟ ଉଦ୍ୟମ ନିମନ୍ତେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଚାଷୀ, ବିଶେଷ କରି ମହିଳା ଚାଷୀଙ୍କ ମଧ୍ୟରେ ଜୈବିକ କୃଷିକୁ ସେ ପ୍ରୋତ୍ସାହିତ କରୁଥିଲେ। ଜୈବିକ କୃଷି ସାଙ୍ଗକୁ ପରିବେଶ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ସ୍ମରଣୀୟ ହୋଇରହିବ। ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟ-ସ୍ୱଜନଙ୍କୁ ମୁଁ ଗଭୀର ସମବେଦନା ଜଣାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ'ରେ ଶୋକବ୍ୟକ୍ତ କରି ଲେଖିଛନ୍ତି, କମଳା ପୂଜାରୀଙ୍କ ପରଲୋକ ଖବର ଶୁଣି ମର୍ମାହତ। କୃଷି କ୍ଷେତ୍ର, ବିଶେଷକରି ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ ସ୍ୱଦେଶୀ ବିହନ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଥିଲା। ଦୀର୍ଘସ୍ଥାୟୀ ବିକାଶ ଓ ଜୈବ ବିବିଧତାର ସୁରକ୍ଷା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇରହିବ। ଜନଜାତି ସମ୍ପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ସେ ଜଣେ ଆଲୋକବର୍ତ୍ତିକା ସଦୃଶ ଥିଲେ। ତାଙ୍କ ପରିବାର ଓ ଅନୁଗାମୀଙ୍କ ପ୍ରତି ସମବେଦନା ଜଣାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତା କମଳା ପୂଜାରୀ ଜଣେ ଅସାଧାରଣ ଗୁଣୀ, ସାଧିକା ଓ ତ୍ୟାଗୀ ମହିଳା ଥିଲେ। ଶତାଧିକ ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟର ବିହନ ସଂରକ୍ଷଣ କରି ଏବଂ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଇ ସେ ମଣିଷ ସମାଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ସଂରକ୍ଷିତ କରୁଥିଲେ। ପରିବେଶ ସୁରକ୍ଷା ପାଇଁ ତାଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟ ଓ ଦେଶ କେବେ ଭୁଲିପାରିବ ନାହିଁ। ତାଙ୍କ ବିୟୋଗ ସାରା ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ପୂଜାରୀଙ୍କ ପୁଅ ଟଙ୍କଧର ପୂଜାରୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସ୍ୱର୍ଗତା ପୂଜାରୀଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କମଳା ପୂଜାରୀଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ ଶୋକପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବହୁ ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିହନ ସଂରକ୍ଷଣ କରି ଜୈବିକ ଚାଷ ମାଧ୍ୟମରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ରହିବ ବୋଲି ରାଜ୍ୟପାଳ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

କମଳା ପୂଜାରୀଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ଓଡ଼ିଶାର ଗୌରବ ତଥା କୃଷିବିତ୍ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କମଳା ପୂଜାରୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଜନଜାତି ସମୁଦାୟରୁ ଆସି କୃଷି ବିଶେଷତଃ ଜୈବିକ ଚାଷ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଚିର ସ୍ମରଣୀୟ ହୋଇରହିବ।

ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

କମଳାଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସ୍ୱର୍ଗତା ପୂଜାରୀ ଶତାଧିକ ଦେଶୀଧାନ ବିହନର ପାରମ୍ପରିକ ପଦ୍ଧତିରେ ସଂରକ୍ଷଣ ଓ ଜୈବିକ ଚାଷ ବିଷୟରେ ସଚେତନତା ସୃଷ୍ଟି କରି ଭବିଷ୍ୟତରେ ଖାଦ୍ୟ ନିରାପତ୍ତା ସହିତ ପରିବେଶ ସୁରକ୍ଷା ଦିଗରେ ମହାନ୍ ଅବଦାନ ରଖିଯାଇଛନ୍ତି। ତାଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତ।


କମଳା ପୂଜାରୀ

### କମଳାଙ୍କ ପରିବାର

କୋରାପୁଟ ଜିଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ କଣ୍ଟାକିଗୁଡା ଗ୍ରାମରେ ୧୯୪୬ରେ ଜନ୍ମଗ୍ରହଣ କରିଥିବା କମଳା ଜୟପୁର ବ୍ଲକ ଅନ୍ତର୍ଗତ ପାତ୍ରପୁଟ ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୂଜାରୀଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ଝିଅ ଓ ଦୁଇ ପୁଅ ଅଛନ୍ତି।


ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ସହ କମଳା ପୂଜାରୀ।

### ■ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବେ କମଳା ପୂଜାରୀ: ମନ୍ତ୍ରୀ ମହାଲିଙ୍ଗ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏସ୍‌ସିବିରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ପକ୍ଷରୁ କମଳାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କମଳା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବେ ବୋଲି ମହାଲିଙ୍ଗ କହିଛନ୍ତି। ସେହିପରି ଏସ୍‌ସିବି ମେଡିକାଲରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ପଦ୍ମଶ୍ରୀ କମଳା ପୂଜାରୀ କେବଳ ଆଦିବାସୀ ଅଞ୍ଚଳ ପାଇଁ ନୁହେଁ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବ। ତାଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ ବୋଲି ବିଶ୍ୱାଳ କହିଛନ୍ତି। ଅନ୍ୟପଟେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ପଦ୍ମଶ୍ରୀ ପୂଜାରୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

### ■ ବହୁ ସମ୍ମାନର ଅଧିକାରିଣୀ ଥିଲେ କମଳା

ପରିଶ୍ରମ ଓ ସାଧନା ଫଳସ୍ୱରୂପ କମଳାଙ୍କୁ ବିଭିନ୍ନ ସମୟରେ ମିଳିଥିଲା ଅନେକ ସମ୍ମାନ ଓ ପୁରସ୍କାର। ୨୦୦୨ରେ ଜୋହାନ୍ସବର୍ଗଠାରେ ଆୟୋଜିତ ବିଶ୍ୱ ଚିରନ୍ତନ ବିକାଶ ସମ୍ମିଳନୀରେ ଇକ୍ୱେଟର୍ ଇନିସିଏଟିଭ୍ ପୁରସ୍କାର, ୨୦୦୩ରେ ନୂଆଦିଲ୍ଲୀରେ କୃଷି ବିଶାରଦ ସମ୍ମାନ, ୨୦୦୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୃଷି ସମ୍ମାନରେ ସମ୍ମାନିତ ହେବା ସହ ସେ କୋରାପୁଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପରବ ମହୋତ୍ସବରେ ମଧ୍ୟ ସମ୍ମାନିତ ହୋଇଥିଲେ। କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀନିବାସକୁ ତାଙ୍କ ନାମରେ ଓଡ଼ିଶା ସରକାର ନାମିତ କରିଛନ୍ତି। ଜୈବ ବିବିଧତାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଭାରତ ସରକାରଙ୍କ ଉଦ୍ଭିଦ କିସମର ସୁରକ୍ଷା ଓ ଚାଷୀଙ୍କ ଅଧିକାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦୦୭ ଓ ୨୦୧୦ରେ ମିଳିଥିଲା ଉଦ୍ଭିଦ ଜିନ୍ ସୁରକ୍ଷାକାରୀ ଗୋଷ୍ଠୀ ପୁରସ୍କାର। ୨୦୧୮ରେ ସେ ଯୋଜନା ବୋର୍ଡର ସଦସ୍ୟ ଥିଲେ। ତାଙ୍କ ସାଧନା ପାଇଁ କେନ୍ଦ୍ର ସରକାର କମଳାଙ୍କୁ ୨୦୧୯ରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ। ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ୧୯୯୮ରେ ଜୟପୁରରେ ଜୈବ ବିବିଧତାର ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ସମୟରେ କମଳାଙ୍କୁ ଜାଣିବାକୁ ପାଇଥିଲା। ବିଭିନ୍ନ ପ୍ରକାର ଦେଶୀ ଧାନ କିସମଗୁଡ଼ିକୁ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରିବା ଓ ସେସବୁର ସଂରକ୍ଷଣ କରିବା କାର୍ଯ୍ୟ ଏମ୍‌ଏସ୍‌ଏସ୍‌ଆର୍‌ଏଫ ଆରମ୍ଭ କରିବା ପରେ ଏ କ୍ଷେତ୍ରରେ କମଳା ଏମ୍‌ଏସ୍‌ଏସ୍‌ଆର୍‌ଏଫକୁ ସହଯୋଗ କରୁଥିଲେ।


ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ସେଠାକାର ଜଣେ ଯୁବତୀଙ୍କୁ କମଳା ପୂଜାରୀ ଚୁମ୍ବନ ଦେଉଛନ୍ତି।

### ■ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଶେଷକୃତ୍ୟ

କମଳାଙ୍କ ବିୟୋଗରେ ଜୟପୁର ଉପଜିଲାପାଳ ପ୍ରଭାତ ପରିଡା ଗଭୀର ଶୋକ ପ୍ରକାଶ କରିଛନ୍ତି। କମଳାଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ପାଇଁ ଜିଲା ପ୍ରଶାସନ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ରାତି ୧୦ଟାରେ କମଳାଙ୍କ ପ୍ରାର୍ଥିବ ଶରୀର ଜୟପୁରରେ ପହଞ୍ଚିବା ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମରଶରୀର ରଖାଯାଇଛି। ରବିବାର ପାତ୍ରପୁଟସ୍ଥିତ କମଳାଙ୍କ ଘରକୁ ନିଆଯିବ। ସେଠାରେ ସମସ୍ତେ ତାଙ୍କର ଶେଷଦର୍ଶନ କରିବେ। ପରେ ଶୋଭାଯାତ୍ରାରେ ମୃତଦେହ ଶ୍ମଶାନକୁ ନିଆଯିବ। ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏହି ସମୟରେ ଜିଲାପାଳ, ଏସ୍‌ପି, ବିଡିଓଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଉପଜିଲାପାଳ ପରିଡା କହିଛନ୍ତି।

### ■ ବିଭିନ୍ନ ମହଲରେ ଶୋକ

କମଳାଙ୍କ ପରଲୋକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା, ଜୟପୁର ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ରଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଜିଲାବାସୀ ଶୋକ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ଲଙ୍ଗଳ ଯୁଆଡେ ଯାଏ**
**ପଛ ଲଙ୍ଗଳ ସିଆଡେ ଯାଏ।**

ବିବାହ ପରେ ପତିପତ୍ନୀ ସାରା ଜୀବନ ପାଇଁ ଏକ ଡୋରିରେ ବାନ୍ଧି ହୋଇଯାଇଥାନ୍ତି। ଜୀବନସାଥୀର ହାତଧରି ଶେଷ ସମୟ ପର୍ଯ୍ୟନ୍ତ ହସଖୁସିରେ ଏକାଠି ରହିବା ନେଇ ପଣ କରିଥାନ୍ତି। ସ୍ୱାମୀଙ୍କ ପଥ ଅନୁସରଣ କରି ଜୀବନ ଅତିବାହିତ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆରେ ପୋଇଲା**
**ଘର କଥା କିଆଁ ଦାଣ୍ଡେ ପଇଲା**
**ଆରେ ପୋଇଲି,**
**ତୁ ବୋଇଲାରୁ ମୁଁ ବୋଇଲି।**

ଘର କଥା ବାହାରେ କହିବା ବା ଗପିବା ଠିକ ନୁହେଁ। କାରଣ ସାଇ ଭାଇ, ପାଖ ପଡ଼ୋଶୀ ଶୁଣିଲେ ଭଲରେ ମନ୍ଦରେ ଉଘେଇଥାନ୍ତି। ଫଳସ୍ୱରୂପ ନିଜର ସମ୍ମାନ ହାନିଘଟିଥାଏ। ବିଚାର ବୁଦ୍ଧିନ ଥିବା ନିମ୍ନସ୍ତରର ଦୁଇ ବ୍ୟକ୍ତି ଏନେଇ ପରସ୍ପରକୁ ଦୋଷାରୋପ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**ପୂର୍ବ ତଟ ରେଳପଥ**

ଜେମ୍ ଆଇଡି ନଂ.: GEM/2024/B/5135676 ତା.11.07.2024ରିଖ

**କାର୍ଯ୍ୟର ନାମ :** ଜେମ୍ ଆଇଡି ନଂ. GEM/2024/B/5135676 ଜରିଆରେ 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ଟିକେଟ୍ ଯାଞ୍ଚ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା 129 HHT (ହ୍ୟାଣ୍ଡ ହେଲ୍ଡ ଟର୍ମିନାଲ) ପାଇଁ AMC(ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି) ନିମନ୍ତେ ଖୋଲା (Open) ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି।

**ଆନୁମାନିକ ବିଡ୍ ମୂଲ୍ୟ :** ₹ 2,42,500/-, EMD : ₹ 4,850/-, ଚୁକ୍ତି ଅବଧି : 02 ବର୍ଷ।

ବିଡ୍ ବନ୍ଦ ହେବା ତାରିଖ ଓ ସମୟ : 01.08.2024, 1100 ଘଟିକା।

ବିଡ୍ ଖୋଲାଯିବା ତାରିଖ ଓ ସମୟ : 01.08.2024, 1130 ଘଟିକା।

ସଂପୂର୍ଣ୍ଣ ବିବରଣୀ https://gem.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

PR-326/P/24-25



केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT**
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2024**

CIPET: IPT Bhubaneswar, Govt. of India, a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2024-25.

| PROGRAMME | DURATION |
|---|---|
| B.Tech. (Plastics Engineering) | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | |
| Integrated M.Sc. (B.Sc. + M.Sc.) Material Science and Engineering | 5 Years |
| Lateral Entry for B. Tech. (Manufacturing Engineering & Technology) | 3 Years |
| M.Sc. (Polymer Science) | 2 Years |
| M.Tech. (Plastics Engineering) | |
| M.Tech. (Polymer Nanotechnology) | |

Candidates may apply through the link : https://forms.gle/SGJkWrj5gqdf5rE5A
Last date for filling online application : 25.07.2024
Date of CIPET- Joint Entrance Examination : 30.07.2024

Excellent Placement Track Record

Contact: 9692417472 / 8144919800 / 8170044113

Scan Me



**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଉଦ୍‌ଘୋଷଣା**

(ଧାରା 82 Cr.P.C. ଦେଖନ୍ତୁ)

ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ (1) ଗୌରଙ୍ଗା ମଲିକ ଓରଫ ରାଧା, ପିତା- ମାଧୋ ମଲିକ, ବାସିନ୍ଦା- ଗ୍ରାମ ରଘୁନାଥପୁର, ଡାକଘର- ମଙ୍ଗଳାପୁର, ଥାନା- ସୋର, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା, (2) ରୋହିତ କୁମାର ମଲିକ, ପିତା- ଗଜେନ୍ଦ୍ର ମଲିକ, ବାସିନ୍ଦା- ଗ୍ରାମ ଭିମି, ଥାନା- ନୀଳଗିରି, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା କେସ୍ ଏଫ୍‌ଆଇଆର୍ ନଂ.77/21, ଅନ୍ତର୍ଗତ ଧାରା 381 ଆଇପିସି ଅଧୀନରେ ଥାନା ଗ୍ରେଟର୍ କୈଳାସ-I, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅଧୀନରେ ଦଣ୍ଡନୀୟ ଅପରାଧ କରିଛନ୍ତି (କିମ୍ବା କରିଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ୱାରେଣ୍ଟକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ (1) ଗୌରଙ୍ଗା ମଲିକ ଓରଫ ରାଧା, (2) ରୋହିତ କୁମାର ମଲିକଙ୍କ ସନ୍ଧାନ ମିଳୁନାହିଁ, ଏବଂ ମୋତେ ସମାଧାନପ୍ରଦ ରୂପେ ଦର୍ଶିତ କରିଦିଆଯାଇଛି କି ଉକ୍ତ ଅଭିଯୁକ୍ତ (1) ଗୌରଙ୍ଗା ମଲିକ ଓରଫ ରାଧା, (2) ରୋହିତ କୁମାର ମଲିକ ଫେରାର ହୋଇଯାଇଛନ୍ତି (କିମ୍ବା ଉକ୍ତ ୱାରେଣ୍ଟକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି); ଏଥିପାଇଁ ଏତଦ୍ୱାରା ଉଦ୍‌ଘୋଷଣା କରାଯାଉଛି କି, କେସ୍ ଏଫ୍‌ଆଇଆର୍ ନଂ. 77/21, ଅନ୍ତର୍ଗତ ଧାରା 381 ଆଇପିସି ଅଧୀନରେ ଥାନା ଗ୍ରେଟର୍ କୈଳାସ-I, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀର ଉକ୍ତ ଅଭିଯୁକ୍ତ (1) ଗୌରଙ୍ଗା ମଲିକ ଓରଫ ରାଧା, (2) ରୋହିତ କୁମାର ମଲିକଙ୍କୁ ଆଦେଶ ଦିଆଯାଉଅଛି କି, ସେ ଏହି ନ୍ୟାୟାଳୟ ସମ୍ମୁଖରେ (କିମ୍ବା ସମ୍ମୁଖରେ) ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ 25.08.2024 ପୂର୍ବାହ୍ନ 10.00 ଘଟିକା କିମ୍ବା ତାହା ପୂର୍ବରୁ ହାଜିର ହୁଅନ୍ତୁ।

ଆଦେଶକ୍ରମେ
**ସୁଶ୍ରୀ ଦେବାଂଶୀ ଜନମେଜା**
ମହାନଗର ଦଣ୍ଡାଧିକାରୀ-04
ଦକ୍ଷିଣ-ପୂର୍ବ ଜିଲ୍ଲା, କୋର୍ଟ ସଂଖ୍ୟା 10,
ସାକେତ କୋର୍ଟ କମ୍ପ୍ଲେକ୍ସ, ନୂଆଦିଲ୍ଲୀ

DP/9398/SD/2024
(Court Matter)



Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement Very Short Notice**
e-Tender Reference No .- RCD/FSD /AP/ RAN/07/24-25Dated 19.07.2024

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of road- Lalganj more to Parwal, Bharno main road via Katingkela, Danekera, Rugutoli in Lapung Block including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details , Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Ranchi in the state of Jharkhand.. from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 10.00 km |
| 3- | Work completion time | 45 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD** :- Rs- 20,000/- (Rupees Twenty Thousant) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 22.07.2024, 05.00 PM |
| 6- | Last date and Time of submission of Tender (With Tender Fee and EMD) | 29.07.2024, 12.30 PM |
| 7- | Date and Timing of Bid opening | 30.07.2024, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-9431591027 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division, A.P**
**Road Construction Department, Ranchi**

PR 330156 Road (24-25)_D



ଇଣ୍ଡିଆନ୍ ବ୍ୟାଙ୍କ Indian Bank ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, ଇ-ମେଲ୍: zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଆଙ୍କୁଲା ଶାଖା / ଋଣଗ୍ରହୀତା: ୧) ମେସର୍ସ ଶୁଭମ୍ ଏଣ୍ଟରପ୍ରାଇଜେସ, ସ୍ୱତ୍ୱାଧିକାରୀ: ସସ୍ମିତା ମିଶ୍ର, ୨) ସସ୍ମିତା ମିଶ୍ର, ସ୍ୱାମୀ: ଶତୃଘ୍ନ ମିଶ୍ର, ୩) ଶତୃଘ୍ନ ମିଶ୍ର, ପିତା: ନାରାୟଣ ମିଶ୍ର, ସମସ୍ତଙ୍କ ଠିକଣା- ସା: ଚଇନିପୁର, ପୋ.: କମାଗଡ଼, ଯାଜପୁର, ପିନ୍ - ୭୫୫୦୦୭ | ୧୫.୦୭.୨୦୨୪ ସୁଦ୍ଧା ଟ.୨୩,୬୭,୯୭୫/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୪.୨୦୨୪ / ୧୬.୦୭.୨୦୨୪ | ସସ୍ମିତା ମିଶ୍ର, ସ୍ୱାମୀ: ଶତୃଘ୍ନ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୧୪/୫୨, ପ୍ଲଟ୍ ନଂ.: ୪୧୦/୨୭୯୬, ମୌଜା: ଚଇନିପୁର, ପୋ.: କମାଗଡ଼, ଜିଲ୍ଲା: ଯାଜପୁର, ପିନ୍-୭୫୭୦୦୧, କ୍ଷେତ୍ର: ଏକର୦.୧୦୦ ଡିସିମିଲି (୪୩୫୬ ବର୍ଗଫୁଟ), କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କୃଷ୍ଣ ବେହେରା, ଦକ୍ଷିଣ: ପ୍ରଫୁଲ୍ଲ ମିଶ୍ର, ପୂର୍ବ: ଲକ୍ଷ୍ମୀଧର ପଣ୍ଡା, ପଶ୍ଚିମ: ରାସ୍ତା |
| ସୋରୋ ଶାଖା / ଋଣଗ୍ରହୀତା: ୧) ସୀତାକାନ୍ତ ନାୟକ, ପିତା: ଶ୍ରୀକାନ୍ତ ନାୟକ, ୨) ରମାକାନ୍ତ ନାୟକ, ପିତା: ଶ୍ରୀକାନ୍ତ ନାୟକ, ୩) କାଶୀନାଥ ନାୟକ, ପିତା: ଶ୍ରୀକାନ୍ତ ନାୟକ, ୪) ଚନ୍ଦ୍ରକାନ୍ତ ନାୟକ, ପିତା: ଶ୍ରୀକାନ୍ତ ନାୟକ, ଏବଂ ୫) ଉଷାକାନ୍ତ ନାୟକ, ପିତା: ଶ୍ରୀକାନ୍ତ ନାୟକ, ସମସ୍ତଙ୍କ ଠିକଣା: ସା: ଖଣ୍ଡାସାହି, ପୋ.: ଚକବରାହପୁର, ଥାନା: ସୋରୋ, ବାଲେଶ୍ୱର, ଓଡ଼ିଶା, ପିନ୍ - ୭୫୬୦୪୫ | ୧୫.୦୭.୨୦୨୪ ସୁଦ୍ଧା ଟ.୧୦,୬୪,୪୭୩/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୩.୦୩.୨୦୨୪ / ୧୭.୦୭.୨୦୨୪ | ଶ୍ରୀକାନ୍ତ ନାୟକ, ରମାକାନ୍ତ ନାୟକ, କାଶିନାଥ ନାୟକ, ଚନ୍ଦ୍ରକାନ୍ତ ନାୟକ ଏବଂ ଉଷାକାନ୍ତ ନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ ଖାତା ନଂ.: ୭୭୫, ହାଲ ପ୍ଲଟ୍ ନଂ.: ୩୫୦, କ୍ଷେତ୍ର: ଏକର୦.୧୫ ଡିସିମିଲି, କିସମ: ଘରବାରୀ, ମୌଜା: ଖଣ୍ଡାସାହି, ତହସିଲ: ସୋରୋ, ଜିଲ୍ଲା: ବାଲେଶ୍ୱର, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୪୬, ୩୪୦, ଦକ୍ଷିଣ: ପ୍ଲଟ୍ ନଂ.: ୩୫୧, ପୂର୍ବ: ପ୍ଲଟ୍ ନଂ.: ୩୩୮, ପଶ୍ଚିମ: ପ୍ଲଟ୍ ନଂ.: ୩୪୮ |
| ନିଆଳୀ ଶାଖା / ଋଣଗ୍ରହୀତା: ମେସର୍ସ ମାତୃଶକ୍ତି ମୋଟର୍ସ, ସ୍ୱତ୍ୱାଧିକାରୀ: ପ୍ରିୟବ୍ରତ ବରାଳ, ଠିକଣା- ପ୍ଲଟ୍ ନଂ.: ୫୩୯, ଖାତା ନଂ.: ୨୩୯, ମୌଜା: ସଲେଇବେଦପୁର, ସା: ମୌଳପୁର, ୟୁ ଏନ୍ କଲେଜ ନିକଟ, ଅଡ଼ସପୁର, କଟକ-୭୫୪୦୧୦ / ଗ୍ୟାରେଣ୍ଟିଦାତା / ବନ୍ଧକଦାତା: ପ୍ରସନ୍ନ କୁମାର ବରାଳ, ପିତା: ଚରଣ ବରାଳ, ଠିକଣା- ସା: ବାବଜା, ଗ୍ରାମ ପଞ୍ଚାୟତ: ଅଁଳ, ଥାନା: ନିଆଳି, କଟକ-୭୫୪୦୧୦ | ୧୫.୦୭.୨୦୨୪ ସୁଦ୍ଧା ଟ.୧୦,୮୫,୧୫୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୭.୧୨.୨୦୨୩ / ୧୮.୦୭.୨୦୨୪ | ପ୍ରସନ୍ନ କୁମାର ବରାଳ, ପିତା: ଚରଣ ବରାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ ଖାତା ନଂ.: ୨୩୯, ପ୍ଲଟ୍ ନଂ.: ୫୩୯/୨୦୭୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ସଲେଇବେଦପୁର ନଂ.୨, ପୋ/ଥାନା: ଗୋବିନ୍ଦପୁର, ତହସିଲ: କଣ୍ଟାପଡା, ଥାନା: ନଂ.: ୯୭, ସବ୍-ରେଜିଷ୍ଟ୍ରାର: ନିଆଳି, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରଭାସ କୁମାର ସାହୁ, ଦକ୍ଷିଣ: ପ୍ରବୀର ମହାନ୍ତି, ପୂର୍ବ: ଗୋବିନ୍ଦ ଚନ୍ଦ୍ର ଦାସ, ପଶ୍ଚିମ: କେନାଲ |

ସ୍ଥାନ: କଟକ, ତାରିଖ : ୨୦.୦୭.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



No.T-42

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ତାରିଖ ୨୨.୦୭.୨୦୨୪ଠାରୁ ଆରମ୍ଭ ହେଉଛି । ଏଥିପାଇଁ, ତାରିଖ ୨୨.୦୭.୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0011/2425



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ରାତି ୧୨ରୁ ହେବ ଜଳାଭିଷେକ

**ଆଖଣ୍ଡଳମଣି ପୀଠ**

- ଶ୍ରାବଣୀ ଯାତ୍ରା ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ
- ନଦୀଘାଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭଦ୍ରକ,୨୦।୭(ସନାତନ ରାଉତ)

ଆସନ୍ତା ୨୨ ତାରିଖରୁ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ବୋଲ୍‌ବମ ଭକ୍ତମାନଙ୍କ ଜଳାଭିଷେକ ଆରମ୍ଭ ହେବ। ଏଥିପାଇଁ ପୀଠରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଶାନ୍ତିଶୃଙ୍ଖଳାରେ ଜଳାଭିଷେକ ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କରାଯାଇଛି। ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ରବିବାର ରାତି ୧୨ଟାରୁ ଜଳାଭିଷେକ ନୀତି ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମକୁ ଦୃଷ୍ଟିରେ ରଖି ବୈତରଣୀ ଓ ସାଳନ୍ଦୀ ନଦୀର ୩ଟି ଘାଟର ଉଭୟ ପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମୁତୟନ ରହିବାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଛନ୍ତି।



ଭିଡ଼ ନିୟନ୍ତ୍ରଣ ପାଇଁ ପୀଠରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୫୪ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜଳାଭିଷେକ ହେବାକୁ ଥିବା ପ୍ରତି ରବିବାର ଓ ସୋମବାର ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ପାଖରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଶୁକ୍ରବାର ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ମନୋଜ ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଛନ୍ତି।

## ବାରିକପୁର ଡିଗ୍ରୀ କଲେଜରେ ଚାରାରୋପଣ

ଭଣ୍ଡାରିପୋଖରୀ,୨୦।୭ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ଡିଗ୍ରୀ କଲେଜ ପକ୍ଷରୁ ଶନିବାର ଚାରାରୋପଣ କରାଯାଇଛି। ଅଧ୍ୟାପିକା ରୀତାଞ୍ଜଳି ପାରମାଣିକଙ୍କ ସଂଯୋଜନାରେ କଲେଜର ନୂତନ ପଡ଼ିଆରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯିବା ସହ ସୁରକ୍ଷା ବାଡ଼ ଲଗାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ବେଉରିଆ, ବରିଷ୍ଠ ଅଧ୍ୟାପକ ମନୋଜ କୁମାର ପାଢ଼ୀ, ୬୬୨ କଲେଜ ସଂଘ ସଭାପତି ଗୋଲକ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ଅନୁପମା ତ୍ରିପାଠୀ, କଳିଙ୍ଗ ପ୍ରଧାନ, ଗୌରାଙ୍ଗ ଚରଣ ନାଥ, ସନ୍ତୋଷ ଲେଙ୍କା, ନାରାୟଣ ଚନ୍ଦ୍ର ସେଠୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଶପଥଗ୍ରହଣ କରିବା ସହ ଗଛ ଲଗାଇଥିଲେ।

## ଭଦ୍ରକରେ ସ୍ଥାପନ ହେବ ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତି

### ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭଦ୍ରକ, ୨୦।୭ (ରବିନାରାୟଣ ଖିଲାର)

ଭଦ୍ରକରେ ସ୍ୱାଧୀନତା ସଂଗ୍ରାମୀ, କନିକା ମାଟିର ପ୍ରଜା ଆନ୍ଦୋଳନର ପୁରୋଧା ବିପ୍ଳବୀ ବୀର ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ନିକଟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ବିପ୍ଳବୀ ବେହେରାଙ୍କ ଜୟନ୍ତୀ ପାଳନ ଅବସରରେ ଯୁବ ଯାଦବ ମହାସଭା ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଗ୍ରହଣ କରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଯୁବ ଯାଦବ ମହାସଭା ପକ୍ଷରୁ ଜିଲା ଯୁବ ଯାଦବ କାର୍ଯ୍ୟକାରୀ ସଭାପତି ତଥା ଶିକ୍ଷକ ନେତା ପ୍ରଭାକର ପରିଡ଼ାଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପ୍ରକାଶଥାଉ କି, ଏନେଇ ଭଦ୍ରକ ଜିଲା ଯୁବ ଯାଦବ ମହାସଭା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। କିନ୍ତୁ ସେତେବେଳେ ସରକାରଙ୍କ ପକ୍ଷରୁ ଏହି ଦାବିକୁ ଗୁରୁତ୍ୱର ସହ ବିଚାରକୁ ନିଆଯାଉ ନ ଥିବା ଅଭିଯୋଗ କରି ଯାଦବ ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୦ ଅଗଷ୍ଟ ୨୨ରେ ଜିଲାପାଳଙ୍କ ଜରିଆରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ସେତେବେଳେ କୌଣସି ଫଳପ୍ରଦ ହୋଇ ନ ଥିଲା। ଏବେ ପ୍ରତିମୂର୍ତ୍ତି ସ୍ଥାପନ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାରୁ ଜିଲା ଯୁବ ଯାଦବ କାର୍ଯ୍ୟକାରୀ ସଭାପତି ପରିଡ଼ା, ବିପ୍ଳବୀ ବେହେରାଙ୍କ ନାତି ଧୀରେନ୍ଦ୍ର ବେହେରା, ଉପେନ୍ଦ୍ର ବାରିକ, ଅଣନାତି ଅମରେନ୍ଦ୍ର ଦାସ, ଶିକ୍ଷକ ନେତା ପ୍ରଭାତ ପାଣିଗ୍ରାହୀ, ସାମାଜିକ କର୍ମୀ ଅଜୟ ନାୟକ, ନାରୀନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ଲେଖକ ଦୈତାରୀ ମହାପାତ୍ର, ଇଂ. ଅଭୟ ସୂତାର, ଓକିଲ ଗିରିଧାରୀ ନାଥ, ସାମାଜିକ କର୍ମୀ ସନାତନ ସାହୁ, ଯୁବ ଯାଦବ ରାଜ୍ୟ ସମ୍ପାଦକ ଅମର ନାୟକ, ଜିଲା ସମ୍ପାଦକ ସନ୍ତୋଷ ଦାସ, ସାମାଜିକ କର୍ମୀ ଭାସ୍କର ସେଠୀ, ଜିତେନ୍ଦ୍ର କୁମାର ତରାଇ, ଯୁବ ଯାଦବ ସଭାପତି ପ୍ରମୁଖ ଶନିବାର ଭଦ୍ରକଠାରେ ଏକ ଧନ୍ୟବାଦ ସଭାରେ କୃତଜ୍ଞତା ଜଣାଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରେସର ନିଯୁକ୍ତି ଦାବି



ବ୍ୟବସାୟୀ ସଂଘ କର୍ମକର୍ତ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଣ୍ଡାରିପୋଖରୀ,୨୦।୭ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରେ ଡ୍ରେସର ନିଯୁକ୍ତି ପାଇଁ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ସଂଘ ପକ୍ଷରୁ ଶନିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଦୁର୍ଘଟଣାଜନିତ ରୋଗୀମାନଙ୍କ ଆଶୁ ଚିକିତ୍ସା ପାଇଁ ଜଣେ ଡ୍ରେସର ଜରୁରୀ। ସ୍ଥାନୀୟ ୬ ପଞ୍ଚାୟତର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡ୍ରେସର ନ ରହିବା ଦୁଃଖର ବିଷୟ। ବାରିକପୁର ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରଭାକର ପାତ୍ର, ସମ୍ପାଦକ ଦିଲୀପ କୁମାର ମହାନ୍ତିଙ୍କ ସମେତ ସଦସ୍ୟମାନେ ଆଗାମୀ ୧୫ ଦିନ ମଧ୍ୟରେ ଏଠାରେ ଡ୍ରେସର ନିଯୁକ୍ତି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ର ବିଳମ୍ବରେ ଖୋଲାଯାଉଥିବା ବେଳେ ଶୀଘ୍ର ବନ୍ଦ କରାଯାଉଛି। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ପଦକ୍ଷେପ ନିଆଯିବ ବୋଲି ଡା. ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଲଗାଣ ବର୍ଷାରେ ସ୍ଥିତି ବେହାଲ

ଭଦ୍ରକ,୨୦।୭(ସନାତନ ରାଉତ)

ଲଘୁଚାପଜନିତ ଲଗାଣ ବର୍ଷାରେ ଭଦ୍ରକ ସହର ସ୍ଥିତି ବେହାଲ ହୋଇଛି। ସହରର ବିଭିନ୍ନ ରାସ୍ତା ଜଳମଗ୍ନ ହୋଇଛି। ଝିପିଝିପି ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଭଦ୍ରକ ସହରର ଆରଡ଼ିଛକ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ବର୍ଷାପାଣି ଜମି ରହିଛି। ଟ୍ରକ, ବସ୍ ଓ କାର୍‌ଗୁଡ଼ିକ ସେହି ପାଣିରେ ଯିବା ବେଳେ ବାଇକ୍ ଆରୋହୀ ଓ ପଥଚାରୀମାନେ ଅସୁବିଧା ଭୋଗୁଛନ୍ତି। ସେହିପରି ଭଦ୍ରକ-ଆରଡ଼ି ରାସ୍ତାର ପ୍ରାଚୀନଗର, ସାମରାଇପୁର, ମହତାବନଗର, ଧରିତ୍ରୀନଗର, ଶାସ୍ତ୍ରୀନଗର, ସାବିତ୍ରୀନଗର, ଆଚାର୍ଯ୍ୟନଗର, ଅପର୍ତ୍ତିବିନ୍ଧା ନିଉ କଲୋନୀ ଆଦି ଅଞ୍ଚଳରେ ରାସ୍ତା ଉପରେ ପାଣି ଜମି ରହିଛି। ଫଳରେ ସ୍କୁଲ, କଲେଜ ଯିବାକୁ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ବର୍ଷାଋତୁରେ ଏଭଳି ସମସ୍ୟା ଉପୁଜୁଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ବାରମ୍ବାର ଜିଲା ପ୍ରଶାସନ ଓ ପୌର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପ୍ରକାଶ କରିଛନ୍ତି।




ଆରଡ଼ିଛକ ନିକଟ ସର୍ଭିସ୍‌ରୋଡ୍‌ରେ ଜମିଥିବା ବର୍ଷାପାଣିରେ ଗାଡ଼ି ଚଳାଚଳ କରୁଛି।

**ଭଦ୍ରକ ସହର ରାସ୍ତା ଜଳମଗ୍ନ**

## ‘କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ଅକ୍ଷୟ’

ବନ୍ତ,୨୦।୭ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ସାନବର୍ଚ୍ଚିକୟାଁ ଗ୍ରାମର ସ୍ୱର୍ଗତ ଅକ୍ଷୟ କୁମାର ସାହୁ ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଅକ୍ଷୟ ସାହୁ ସ୍ମୃତି ପରିଷଦ ପକ୍ଷରୁ ସାନବର୍ଚ୍ଚିକୟାଁଠାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରଦୀପ କୁମାର ସେଠୀ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ଏବିଇଓ ପ୍ରମୋଦ କୁମାର ପଣ୍ଡା, ରାମଚନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଦାସ ଓ ଜାଗୁଲାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଙ୍ଗାଧର ବିଶ୍ୱାଳ ଯୋଗ ଦେଇଥିଲେ। ସ୍ୱର୍ଗତ ସାହୁଙ୍କ ପୁଅ ଲୋକନାଥ ସାହୁ ବିବରଣୀ ପାଠ ଓ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା କେନ୍ଦୁଝର ଜିଲା ଢେଙ୍କା ହାଇସ୍କୁଲର ଛାତ୍ରୀ ଶ୍ରାବଣୀ ସାହୁ ଏବଂ ଜାଗୁଲାଇ ହାଇସ୍କୁଲର ଛାତ୍ରୀ ପାୟଲ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଓ ଶିକ୍ଷୟିତ୍ରୀ ମିନତି ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ସରସଦାରେ ହଟାଗଲା ଜବରଦଖଲ

ଭଣ୍ଡାରିପୋଖରୀ,୨୦।୭ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଶନିବାର ସରସଦା ବଜାରରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସରସଦା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସରକାରୀ ରକ୍ଷିତ ଖାତା ୭୭୪ ଅଧୀନ ୨୪୫୯ ଗୋଚର କିସମ ଖସଡ଼ାରୁ ୮୦ ଡିସିମିଲ ଜମି ଉପରେ ଥିବା ୩ଟି ବଡ଼ କୋଠା ଓ ୨ଟି ଚାଳ ଛପର ଘର ଉଚ୍ଛେଦ କରାଯାଇଛି। ଏହି ଜମି ଉପରେ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ମିଶନ ଶକ୍ତି ଗୃହ, ମାର୍କେଟ କମ୍ପ୍ଲେକ୍ସ ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ମାତ୍ର ଜବରଦଖଲ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଜବରଦଖଲ ଉଚ୍ଛେଦ ପାଇଁ ୩ ମାସ ପୂର୍ବେ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜବରଦଖଲକାରୀମାନେ ହାଇକୋର୍ଟରେ ମାମଲା ରୁଜୁ କରିବା ପରେ ସ୍ଥିତାବସ୍ଥା ଜାରି ରହିଥିଲା। ଚୂଡ଼ାନ୍ତ ବିଚାର ପରେ ନିଜ ଆଡୁ ଜବରଦଖଲ ହଟାଇ ନେବାକୁ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜବରଦଖଲ ଉଚ୍ଛେଦ ପାଇଁ ପଥ ପରିଷ୍କାର ହୋଇଯାଇଥିଲା। ଏଥିପାଇଁ ତହସିଲ ପକ୍ଷରୁ ପୁନଃ ନୋଟିସ ଦିଆଯାଇ ମାଇକ୍‌ରେ ପ୍ରଚାର କରାଯାଇଥିଲା। ତଦନୁଯାୟୀ ଶନିବାର ତହସିଲଦାର ସରୋଜକାନ୍ତ ନାୟକ ଓ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ପୋଲିସ ସହାୟତାରେ ଜେସିବି ଲଗାଇ ଜବରଦଖଲ ହଟାଇଛନ୍ତି।




ସରସଦା ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ତିହିଡ଼ି ଯୁବମଞ୍ଚ ପକ୍ଷରୁ ଶହୀଦ ଦିବସ

ତିହିଡ଼ି,୨୦।୭(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତର ଉତ୍ତରବାହା ଗ୍ରାମରେ ଶନିବାର ତିହିଡ଼ି ଯୁବମଞ୍ଚ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଶହୀଦ ତାପସ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାପସ ୨୦୦୫ରେ ସୀମାନ୍ତରେ ଆତଙ୍କବାଦୀଙ୍କ ସହ ଲଢ଼ି ଶହୀଦ ହୋଇଥିଲେ। ତାଙ୍କର ୧୯ତମ ଶହୀଦ ଦିବସ ପାଳନ ଅବସରରେ ସଙ୍ଗଠନର କର୍ମକର୍ତ୍ତାମାନେ ସ୍ମୃତିଚାରଣ କରିଥିଲେ। ଶହୀଦ ତାପସଙ୍କ ପିତା ଅକ୍ଷୟ ମଲ୍ଲିକ, ସଙ୍ଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ଯୋଗଗୁରୁ ସୁରେଶ ନାୟକ, ସୟଦ ରଫିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।




ଶହୀଦ ତାପସ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ଶମ୍ଭୁନାଥ

ଆନନ୍ଦପୁର,୨୦।୭(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଘସିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି କେନ୍ଦୁଝର ଜିଲାର ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଓ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟରେ ଆଉଟ ସୋର୍ସିଂ ସର୍ଭିସ ପ୍ରୋଭାଇଡରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଅନିୟମିତତା, ବିଭିନ୍ନ ନୂତନ ଗୃହ ନିର୍ମାଣ ଓ ବିଭାଗୀୟ ଡାକ୍ତର ନିଯୁକ୍ତି ଭଳି ସମସ୍ୟାର ସମାଧାନ କରିବାକୁ କହିଥିଲେ। ଶୀଘ୍ର ସମସ୍ୟା ସମାଧାନ କରାଯିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଡ଼. ରାଉତ ପ୍ରକାଶ କରିଛନ୍ତି।

## ବେଆଇନ କରତକଳରେ ଚଢ଼ାଉ

ବାସୁଦେବପୁର,୨୦।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କୁମାରପୁରଠାରେ ଚାଲିଥିବା ଏକ ବେଆଇନ କରତକଳରେ ବନ ବିଭାଗ ଶନିବାର ଚଢ଼ାଉ କରିଛି। ୧୦୦ ସିଫ୍ଟ କାଠ ସହ କରତ, ପାତ, କାଠ କାଟିବା ଯନ୍ତ୍ର, ବେଲ୍ଟ ଓ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଗତ କିଛିଦିନ ଧରି କୁମାରପୁରଠାରେ ଏହି ବେଆଇନ କରତକଳ ଓ କାଠ କଟା ଚାଲୁଥିବା ନେଇ ଅଭିଯୋଗ ହେବା ପରେ ବନ ବିଭାଗ ଚଢ଼ାଉ କରିଛି। ଭଦ୍ରକ ଏସିଏଫ୍ ସୁମିତ ମହାନ୍ତି, ବାସୁଦେବପୁର ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଭଦ୍ରକ ରେଞ୍ଜ୍ ଅଫିସର ପୀତାମ୍ବର ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଅତିରିକ୍ତ ତହସିଲଦାର ଅଜୟ ଦାସ ଓ ପୋଲିସ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ କାହାକୁ ଗିରଫ କରାଯାଇ ନାହିଁ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୨୦।୭(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନଂ. କପାସପ ଗ୍ରାମ ବୁଲାଣି ରାସ୍ତାରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ୱେଷ୍ଟବେଙ୍ଗଲ ମୁର୍ଶିଦାବାଦର ଉବେରଜୁଲ ସେକ୍(୨୪)। ପ୍ରକାଶ ଯେ, ୱେଷ୍ଟବେଙ୍ଗଲର କେତେଜଣ ଠିକାଦାର ମୁର୍ଶିଦାବାଦର ରାଜମିସ୍ତ୍ରି ଓ ଶ୍ରମିକଙ୍କୁ ଆଣି ଘଟଗାଁରେ ରହି ଆଖପାଖ ଅଞ୍ଚଳରେ ଠିକା କାମ କରନ୍ତି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ଉବେରଜୁଲ ସେକ୍ ଓ ତାଙ୍କର ୨ ସହକର୍ମୀ କାମ ସାରି ଶୁକ୍ରବାର ରାତି ୧୦ଟା ସମୟରେ ଘଟଗାଁକୁ ବାଇକ୍ ଯୋଗେ ଫେରୁଥିଲେ। କପାସପଡ଼ା ବୁଲାଣି ରାସ୍ତା ସମ୍ମୁଖରୁ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କାଦେଇଥିଲା। ଫଳରେ ବାଇକ୍‌ରେ ଥିବା ୩ ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ।

## ରାସ୍ତା ମଝିରେ ଫାଟ ସାଜିଛି ବିପଦ

**ଧାମନଗର-ଷେଣ୍ଡପୁର ସଡ଼କ**

ଧାମନଗର,୨୦।୭ (ଦେବେନ୍ଦ୍ର ଆନ୍ଦିଆ)

୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକଠାରୁ ଷେଣ୍ଡପୁର ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମଝିରୁ ଦବିଗଲାଣି। କଂକ୍ରିଟ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇ ବିପଦକୁ ନିମନ୍ତ୍ରଣ କରୁଛି। କେତେକ ସ୍ଥାନରେ ରାସ୍ତା ମଝିରେ ଫାଟ ଯୋଗୁ ବାଇକ୍ ଓ ସାଇକେଲ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଦକ୍ଷିଣବାଡ଼ ଛକଠାରୁ ଧାମନଗର ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ନିକଟରେ ଦକ୍ଷିଣବାଡ଼ ଛକଠାରୁ ଇଲେକ୍ଟ୍ରି ଅଫିସ୍ ମଧ୍ୟରେ ରାସ୍ତାରେ ସୃଷ୍ଟି ହୋଇଥିବା ଫାଟରେ ବାଇକ୍ ଚକ ପଡ଼ି ଧାମନଗର ଅଞ୍ଚଳର ଖବରଦାତା ଦେବେନ୍ଦ୍ର ଆନ୍ଦିଆ ଗୁରୁତର ଆହତ ହୋଇଛନ୍ତି।

ଏହି ରାସ୍ତାଟି ବ୍ଲକର ଚଳଚଞ୍ଚଳ ରାସ୍ତା। ଭଦ୍ରକରୁ ଯାଜପୁର ଜିଲାକୁ ସଂଯୋଗ କରୁଥିବା ବେଳେ ପ୍ରତ୍ୟେହ କଟକ, ଭୁବନେଶ୍ୱର ଓ ବାଲେଶ୍ୱର ଅଞ୍ଚଳକୁ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ସେହିପରି ଧାମନଗର ବ୍ଲକ ଅଞ୍ଚଳର ବହୁ ଜନସାଧାରଣ ଦୈନିକ ଭଦ୍ରକ ଜିଲା ହେଡ୍‌କ୍ୱାର୍ଟରକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏବେ ରାସ୍ତାର ଅବସ୍ଥା ଏମିତି ଫାଟରେ ପଡ଼ି ଲୋକେ ଆହତ ହେଉଛନ୍ତି। ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଉଥିଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି। ବ୍ଲକ ଅଞ୍ଚଳରେ ହେଉଥିବା କାମ ତଦାରଖ କରିବାକୁ ମଧ୍ୟ ଆସୁନାହାନ୍ତି। କଂକ୍ରିଟ ରାସ୍ତାରେ ଫାଟ ହୋଇ ଲୋକେ ପଡ଼ି ଖଣ୍ଡିଆ ଖାବରା ହେଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ମରାମତି ପାଇଁ ଆଗ୍ରହ ଦେଖାଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତା ବର୍ଷକ ତଳେ ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଏପରି ସମସ୍ୟା ଦେଖାଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ଧାମନଗର-ଦକ୍ଷିଣବାଡ଼ ରାସ୍ତାରେ ହୋଇଥିବା ଫାଟ।

# ଭାରିଯାନ ଚଳାଚଳ ପାଇଁ ସମୟ ଧାର୍ଯ୍ୟ

**କେନ୍ଦୁଝର,୨୦।୭**
**(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

- ■ଦୁର୍ଘଟଣା ରୋକିବାକୁ ଜିଲାପାଳଙ୍କ ପଦକ୍ଷେପ
- ■ରାଜପଥରେ ବେଆଇନ ପାର୍କିଂ ଉପରେ କଟକଣା

କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦, ୪୯, ୨୨୦ ଓ ୫୨୦ରେ ବେଆଇନ ପାର୍କିଂ ଉପରେ କଟକଣା ଲାଗିଛି। ଏଥିସହ ରାଜପଥରେ ଭାରିଯାନ ଚଳାଚଳ ଉପରେ ସମୟ ଧାର୍ଯ୍ୟ ହୋଇଛି। ବର୍ଷାଦିନରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ଏହାକୁ ନଜରରେ ରଖି ଜିଲାପାଳ ବିଶାଲ ସିଂହ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମୋଟର ଭେଇକିଲ ଆକ୍ଟ ୧୯୮୮ର ଧାରା ୧୧୫,୧୧୬,୧୧୭ ଏବଂ ଓଡ଼ିଶା ମୋଟର ଭେହିକଲ ରୁଲ୍ସ, ୧୯୯୩ର ଧାରା ଅନୁଯାୟୀ ଚିଠି ନମ୍ବର ୩୩୯୯/୧୯ ଜୁଲାଇ ୨୦୨୪ରେ ଏହି ବିଜ୍ଞପ୍ତି ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ଏନ୍‌ଏଚ୍ ୨୦ର ଘଷିପୁରା ବ୍ଲକର ରାମଚନ୍ଦ୍ରପୁର-ଚମ୍ପୁଆ ଏବଂ ଚମ୍ପୁଆ ବ୍ଲକ୍‌ର ରିମୁଳି ଦେଇ ଚମ୍ପୁଆ, ଏନ୍‌ଏଚ୍ ୪୯ର ପାଟଣା ବ୍ଲକ୍ ତୁରୁମୁଙ୍ଗାରୁ ତେଲକୋଇ ବ୍ଲକ୍‌ର ବିଞ୍ଜାବାହାଲ, ଏନ୍‌ଏଚ୍ ୫୨୦ର ଚମ୍ପୁଆ ବ୍ଲକ୍ ରିମୁଳିଠାରୁ ଯୋଡ଼ା ବ୍ଲକ୍‌ର ରୁଗୁଡି, ଏନ୍‌ଏଚ୍ ୨୨୦ର ଘଟଗାଁ ଥାନା ଢେଙ୍କିକୋଟଠାରୁ ପାଟଣା ଥାନା ପାଟଣା ଦେଇ ସାହାରପଡ଼ା ପର୍ଯ୍ୟନ୍ତ ରାସ୍ତାରେ ଏହି କଟକଣା ଲାଗୁ କରାଯାଇଛି। ଏକ୍ସପ୍ରେସ୍ ୱେ ୧ର ସଦର ବ୍ଲକ୍ ନରଣପୁରଠାରୁ ହରିଚନ୍ଦନପୁର ବ୍ଲକ୍‌ର ବ୍ରାହ୍ମଣୀପାଳ ଓ ଏକ୍ସପ୍ରେସ୍ ୱେ ୨ର ଯୋଡ଼ା ବ୍ଲକ୍ ରଣାଶାଳ ଘାଟିଠାରୁ ବାମେବାରୀ ଦେଇ ସଦର ବ୍ଲକ୍ ପଳାଶପଙ୍ଗା ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ଟ୍ରକ୍ ପାର୍କିଂରେ ରୋକ ଲାଗିଛି। ଜୁଲାଇ ୨୫ରୁ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ପାର୍କିଂ କଟକଣା ପାଳନ ହେବ ବୋଲି କୁହାଯାଇଛି।

ସେହିପରି ଖଣିଜ ପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଖଣି ଅଞ୍ଚଳରେ ଦିନରେ ଲୁହାପଥର ପରିବହନ ଉପରେ କଟକଣା ଲାଗୁ କରାଯାଇଛି। ଚମ୍ପୁଆ ଏନ୍‌ଏସି ଅଞ୍ଚଳରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୩ରୁ ରାତି ୮ଟା ପର୍ଯ୍ୟନ୍ତ ସହରରେ ମାଲବାହୀ ଟ୍ରକ୍ ଚଳାଚଳ ଉପରେ କଟକଣା ଲଗାଯାଇଛି। ସେହିପରି ବିଜ୍ଞପ୍ତି ନମ୍ବର ୩୪୧୭/୧୯ ଜୁଲାଇ ୨୦୨୪ରେ ନରଣପୁର-ହରିଚନ୍ଦନପୁର-ବ୍ରାହ୍ମଣୀପାଳ ରାସ୍ତାରେ କେବଳ ଯାତ୍ରୀବାହୀ ଛୋଟ, ମଧ୍ୟମ ଘରୋଇ ଗାଡ଼ି କଟକ-ଭୁବନେଶ୍ୱର ଯାତାୟାତ ବ୍ୟତୀତ ଟ୍ରକ୍ ଚଳାଚଳ ଓ ପାର୍କିଂ ଉପରେ କଟକଣା ଲାଗିଛି। ବଡ଼ବିଲ-ରୁଗୁଡ଼ି-ପାରାଦୀପ ରାସ୍ତାରେ କେବଳ ଖଣିଜ ପଥର ବୋଝେଇ ଗାଡ଼ି ଚଳାଚଳ କରିବ। ବିଜ୍ଞପ୍ତି ସଂଖ୍ୟା ୩୪୦୭/୧୯ ଜୁଲାଇ ୨୦୨୪ ଅନୁଯାୟୀ, ଯୋଡ଼ା ବ୍ଲକ୍ ରୁଗୁଡ଼ିଠାରୁ ବିଲେଇପଦା, ବିଲେଇପଦାଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ଉପରେ ସକାଳ ୮ରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୩ରୁ ରାତି ୮ ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳ ଉପରେ କଟକଣା ଲାଗିଛି। ରବିବାର ରୁଗୁଡ଼ିଠାରୁ ବିଲେଇପଦା ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳ କୋହଳ କରାଯାଇଛି। ସେହିପରି ଯୋଡ଼ା ଓ ବଡ଼ବିଲ ପୌରାଞ୍ଚଳରେ ସକାଳ ୬ରୁ ଅପରାହ୍ନ ୨ଏବଂ ଅପରାହ୍ନ ୩ ରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିଛି। ଏହା ଜୁଲାଇ ୧୯ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ସୂଚନା ଦିଆଯାଇଛି। ନିୟମ ପୂର୍ବରୁ ମଧ୍ୟ କାର୍ଯ୍ୟକାରୀ ହୋଇଆସୁଥିଲେ ହେଁ ଉପଯୁକ୍ତ ଧରପଗଡ଼ ଅଭାବରୁ ମାଲବାହୀ ଟ୍ରକ୍ ରାସ୍ତାରେ ପାର୍କିଂ କରୁଥିଲେ। ସେହିପରି କଟକଣା ନ ମାନି ଦିନରେ ଅନେକ ଅଞ୍ଚଳରେ ବେଧଡକ ଟ୍ରକ୍ ଚଳାଚଳ କରୁଛି। ପୋଲିସ, ମୋଟରଯାନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉନାହିଁ କିମ୍ବା ସିସିଟିଭି ଲଗାଇ ତଦାରଖ କରାଯାଉନାହିଁ। ଫଳରେ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟିଥାଏ। ଏବେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି, ତାହା ଦେଖିବାକୁ ବାକି ରହିଲା ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି।

# ପୋଟଳ ଚାଷରୁ ମାସିକ ୩୦ ହଜାର ରୋଜଗାର



**କେନ୍ଦୁଝର,୨୦।୭(ଦୀପକ ମିଶ୍ର)**

## ଖଣି ଅଞ୍ଚଳରେ ସଫଳ ଚାଷୀ ପ୍ରଶାନ୍ତ

କେନ୍ଦୁଝର ଜିଲାରେ ସାଧାରଣତଃ ପୋଟଳ ଚାଷ ହୁଏ ନାହିଁ। କେନ୍ଦୁଝର ଖାଉଟିଙ୍କ ଆବଶ୍ୟକତା ପୂରଣ ପାଇଁ ନିକଟସ୍ଥ ଜିଲା ଯାଜପୁର, ଅନୁଗୋଳ, ଦେବଗଡ଼ ଆଦି ଅଞ୍ଚଳରୁ ପୋଟଳ ଆସିଥାଏ। କିନ୍ତୁ ଧୀରେ ଧୀରେ କେନ୍ଦୁଝର ଚାଷୀ ମଧ୍ୟ ପୋଟଳ ଚାଷ ପ୍ରତି ମନ ବଳାଇଲେଣି। ଚମ୍ପୁଆ ବ୍ଲକ୍ କମଣ୍ଡ ଗ୍ରାମର ଚାଷୀ ପ୍ରଶାନ୍ତ କୁମାର ମହାନ୍ତ ଏହାର ଏକ ଉଦାହରଣ।

ଖଣି ଅଞ୍ଚଳ ଚମ୍ପୁଆ ବ୍ଲକ୍ ଭୂଇଁପୁର ପଞ୍ଚାୟତ ଅନ୍ତର୍ଗତ କମଣ୍ଡ ଗ୍ରାମର ପ୍ରଶାନ୍ତ ପୋଟଳ ଚାଷ କରି ବେଶ ସଫଳତା ପାଇଛନ୍ତି। ଗତ ବର୍ଷ ସେ ୪୦ ଡିସିମିଲ ଜମିରେ ପୋଟଳ ଚାଷ ଆରମ୍ଭ କରି ଚଳିତ ବର୍ଷ ଅମଳ କରି ଦୁଇ ପଇସା ଲାଭବାନ ହୋଇଥିଲେ। ଚଳିତ ବର୍ଷ ପୁଣି ପୋଟଳ ଚାଷ କରିଛନ୍ତି। ପ୍ରତିଦିନ କେନ୍ଦୁଝର ସହରକୁ ୩୦ ରୁ ୪୦ କିଲୋ ପୋଟଳ ବିକ୍ରି କରିବାକୁ ଆଣୁଛନ୍ତି। ଏମିତିକି ନିଜ ଗାଁ ଆଖପାଖ ଭୂଇଁପୁର, ଉଖୁଣ୍ଡା ଏବଂ ବରହମପୁର କରଞ୍ଜିଆ ହାଟରେ ପୋଟଳ ବିକ୍ରି କରି ଭଲ ରୋଜଗାର କରୁଥିବା ସେ କହିଛନ୍ତି। ପ୍ରତିଦିନ ଭୋର ସମୟରେ ପୋଟଳ ତୋଳି ମୋଟର ସାଇକେଲ ଯୋଗେ ବିକ୍ରି କରିବାକୁ ଆସୁଛନ୍ତି। ଏହି ଚାଷ କରି ମାସକୁ ୩୦ ହଜାର ଟଙ୍କା ଲାଭ ହେଉଛି। କେନ୍ଦୁଝରରେ ପୋଟଳ ଆବଶ୍ୟକତାକୁ ଦେଖି ଏବଂ ଏହା ଏକ ଲାଭଦାୟକ ଚାଷ ହୋଇଥିବାରୁ ପ୍ରଶାନ୍ତ ପୋଟଳ ଚାଷ ପ୍ରତି ଆଗ୍ରହ ପ୍ରକାଶ କରି ଚାଷ କରିଥିଲେ। ଗତ ବର୍ଷ କମ ପୋଟଳ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଅଧିକ ଉତ୍ପାଦନ ହେଉଥିବାରୁ ଅଧିକ ଲାଭ ହେବ ବୋଲି ସେ ଆଶା ରଖିଛନ୍ତି। ଜୈବିକ ସାର ଦେଇ ଚାଷ କରୁଛନ୍ତି। ଚାଷ ପାଇଁ ଗୋଟିଏ ବୋରୱେଲ ରହିଛି । ଛତିଶଗଡ଼ରୁ ଗତ ବର୍ଷ ୧୦୦ ଟି ପୋଟଳ ଚାରା ଆଣି ଗତ ବର୍ଷ ମାର୍ଚ୍ଚ ମାସରେ ପୋଟଳ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ କାହାଠାରୁ ତାଲିମ ନେଇ ନାହାନ୍ତି। ମାତ୍ର ଏହି ଚାଷ ପାଇଁ କେହି ଆଗ୍ରହ ପ୍ରକାଶ କଲେ ତାଙ୍କୁ ସେ ତାଲିମ ଦେବେ ବୋଲି କହିଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଢେଙ୍କିକୋଟ,୨୦।୭(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନଂ. କପାସପ ଗ୍ରାମ ବୁଲାଣି ରାସ୍ତାରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ୱେଷ୍ଟବେଙ୍ଗଲ ମୁର୍ଶିଦାବାଦର ଉବେରଜୁଲ ସେକ୍(୨୪)। ପ୍ରକାଶ ଯେ, ୱେଷ୍ଟବେଙ୍ଗଲର କେତେଜଣ ଠିକାଦାର ମୁର୍ଶିଦାବାଦର ରାଜମିସ୍ତ୍ରି ଓ ଶ୍ରମିକଙ୍କୁ ଆଣି ଘଟଗାଁରେ ରହି ଆଖପାଖ ଅଞ୍ଚଳରେ ଠିକା କାମ କରନ୍ତି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ଉବେରଜୁଲ ସେକ୍ ଓ ତାଙ୍କର ୨ ସହକର୍ମୀ କାମ ସାରି ଶୁକ୍ରବାର ରାତି ୧୦ ଟା ସମୟରେ ଘଟଗାଁକୁ ବାଇକ୍ ଯୋଗେ ଫେରୁଥିଲେ। କପାସପଡ଼ା ବୁଲାଣି ରାସ୍ତା ସମ୍ମୁଖରୁ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କାଦେଇଥିଲା। ଫଳରେ ବାଇକ୍‌ରେ ଥିବା ୩ ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସଦଳବଳ ପହଞ୍ଚି ୩ ଜଣଙ୍କୁ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଉବେରଜୁଲ ସେକ୍‌ଙ୍କୁ ମୃତ ଘୋଷଣା କରିଥିଲେ। ହୋସେନ ସେକ୍ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଗାଁ ଥାନାରେ ଏକ ମାମଲା( ନଂ.୨୮୬/୨୪) ରୁଜୁ ହୋଇଛି। ଶନିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ହୋସେନ ସେକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କୁହାଯାଇଛି।

# ବସ୍‌ଷ୍ଟାଣ୍ଡ କର୍ମଚାରୀଙ୍କୁ ପ୍ରାପ୍ୟ ମିଳିନି



ଦାବିପତ୍ର ଦେବାକୁ ଆସିଥିବା ବସ୍‌ଷ୍ଟାଣ୍ଡ କର୍ମଚାରୀମାନେ।

**ଆନନ୍ଦପୁର,୨୦।୭(ଉମେଶ ଚନ୍ଦ୍ର ପାଢ଼ୀ)**

## ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର ଜିଲା ଘସିପୁରାଠାରେ ଥିବା ନୂତନ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀ ଦରମା ପାଇନାହାନ୍ତି। ଏ ନେଇ ଉପ ଜିଲାପାଳଙ୍କୁ ଶନିବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ବସ୍‌ଷ୍ଟାଣ୍ଡରେ ୧୨ଜଣ କର୍ମଚାରୀ ଠିକାସଂସ୍ଥା ଜରିଆରେ ନିଯୁକ୍ତ ହୋଇଛନ୍ତି। ଅଦ୍ୟାବଧି ପାଉଣା ପାଇ ନ ଥିବାରୁ ପରିବାର ପ୍ରତିପୋଷଣ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଠିକ ଭାବରେ କାର୍ଯ୍ୟ କରି ଆସୁଥିବା ବେଳେ ଦରମା ଟଙ୍କା ଦିଆଯାଉ ନ ଥିବା ନେଇ କର୍ମଚାରୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଯଦି ଏହାର ବିଚାର କରା ନ ଯାଏ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନେଇ ପ୍ରତିକ୍ରିୟା ରଖିଥିଲେ। ଏ ନେଇ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ ଠିକା ସଂସ୍ଥାକୁ ଯୋଗାଯୋଗ କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିକ୍ରିୟା ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଝୁନୁ ନାହାକ, ବାଙ୍କୀ ହେମ୍ବ୍ରମ, ମାନକ ହାଁସଦା, ବାସନ୍ତୀ ହେମ୍ବ୍ରମ, ନବଘନ ହେମ୍ବ୍ରମ, ଦିପୁନ ମୁଖୀ, କଣ୍ଢେଇ କରୁଆ, ସୁନୀଲ ମୁଖୀ, ଅନିତା ପାତ୍ର, ସୁଭଦ୍ରା ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗୁଆ ଜାମିନ୍ ପାଇଁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ହାଟଡ଼ିହୀ,୨୦।୭(ଶୁଭକାନ୍ତ ନାୟକ)**

## ଜନସେବା କେନ୍ଦ୍ରର ମାଲିକଙ୍କୁ ଆକ୍ରମଣ ଘଟଣା

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ନିକଟ ମରେଇଗାଁ ବଜାରରେ ଜନସେବା କେନ୍ଦ୍ରର ମାଲିକଙ୍କୁ ଜୁନ୍ ୨୭ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାକୁ ନେଇ ଗଣ୍ଡଗୋଳ ହେବା ସହ ଦୋକାନ ଏବଂ ବାଇକ ପୋଡାଜଳା ସହ ଭଙ୍ଗାରୁଜା ହୋଇଥିଲା। ଜନସେବା କେନ୍ଦ୍ରର ମାଲିକ ଅମର ସେଠୀ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଅମରଙ୍କ ଭାଇ ଶରତ ସେଠୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ. ୨୦୯/୨୦୨୪) ରୁଜୁ କରି ଚଣ୍ଡିଆବିରଞ୍ଚିପୁର ଗ୍ରାମର ଦାମୋଦର ଯେନା, ବିଜୟ ଯେନାଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି। ଅପରପକ୍ଷେ ୬ ଜଣ ଅଭିଯୁକ୍ତ ଗିରଫରୁ ବର୍ତ୍ତିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଗୁଆ ଜାମିନ ପାଇଁ ହାଇକୋର୍ଟରେ(କେସ ନଂ ଏବିଏଲଏପିଏଲ ୭୩୭୦/୨୦୨୪) ଆବେଦନ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଭିଯୋଗକାରୀ ଶରତ ସେଠୀ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ଶମ୍ଭୁନାଥ

**ଆନନ୍ଦପୁର,୨୦।୭(ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଘଷିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି କେନ୍ଦୁଝର ଜିଲାର ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଓ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟରେ ଆଉଟ ସୋର୍ସିଂ ସର୍ଭିସ ପ୍ରୋଭାଇଡରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଅନିୟମିତତା, ବିଭିନ୍ନ ନୂତନ ଗୃହ ନିର୍ମାଣ ଓ ବିଭାଗୀୟ ଡାକ୍ତର ନିଯୁକ୍ତି ଭଳି ସମସ୍ୟାର ସମାଧାନ କରିବାକୁ କହିଥିଲେ। ଶୀଘ୍ର ସମସ୍ୟା ସମାଧାନ କରାଯିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଡ଼. ରାଉତ ପ୍ରକାଶ କରିଛନ୍ତି।

# ଦୁର୍ବଳ ହୋଇପଡ଼ିଛି ଅନ୍ତରାମନ୍ତରା ଓଭର ବ୍ରିଜ୍

## ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଯୋଡ଼ା,୨୦।୭(ମାନସ ମହାନ୍ତି)**



ପୂର୍ତ୍ତ ବିଭାଗ ଅଧୀନସ୍ଥ ଯୋଡ଼ା-ବାମେବାରି ରାଜ୍ୟ ରାଜପଥର ଜରିବାହାଲ ଅନ୍ତରାମନ୍ତରା ଛକରେ ଥିବା ଓଭର ବ୍ରିଜ୍ ଦୁର୍ବଳ ହୋଇପଡ଼ିଛି। ଫଳରେ ଯାତାୟାତ ବେଳେ ଛୋଟ଼ ଗାଡ଼ିଚାଳକ ଅସୁରକ୍ଷିତ ମଣୁଛନ୍ତି। ପୋଲର ମରାମତି ପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତଭାବେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣି ଅଞ୍ଚଳକୁ ଏହା ହେଉଛି ମୁଖ୍ୟ ରାସ୍ତା। ଏହି ରାସ୍ତା ଉପରେ ସ୍ଥାନୀୟ ୬ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଦୈନିକ ଅନେକ ହଜାର ଖଣିଜ ବୋଝେଇ ଟ୍ରକ୍ ବିଭିନ୍ନ ରେଳ ସାଇଡିଂକୁ ଏହି ରାସ୍ତାରେ ପରିବହନ ହେଉଛି। ପୋଲର ମଧ୍ୟ ଭାଗ ଭାଙ୍ଗି କଂକ୍ରିଟ ରଡ୍ ଦେଖା ଯିବା ସହିତ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ମରାମତି କରିବା ପରିବର୍ତ୍ତେ ଉକ୍ତ ଗର୍ତ୍ତରେ ମାଟି ପକାଇ ଦିଆଯାଇଛି। ଭାରିଯାନ ଚଳଚଳ ହେତୁ କେଉଁ ସମୟରେ ଏହା ଭୁଷୁଡି ପଡ଼ିବ ବୋଲି ଅଞ୍ଚଳର ସୁରେନ୍ଦ୍ର ନାଥ ମହାନ୍ତି, ରବି ପୃଷ୍ଟି, ଯୋଗେଶ୍ୱର ପେଣ୍ଢେଇ, କଳାକର ପେଣ୍ଢେଇ ପ୍ରମୁଖ କହିଛନ୍ତି। ପୋଲଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବା ଯୋଗୁ ଲୋକେ ଯାତାୟାତ କରିବାରେ ଭୟ କରୁଛନ୍ତି। ପୋଲର ମରାମତି ପାଇଁ ରେଳ ମନ୍ତ୍ରଣାଳୟ ଓ କେନ୍ଦୁଝର ଏମ୍‌ପିଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି।

# ବିଦ୍ୟାଳୟର ପାଚେରି ମରାମତି ଦାବି

**ରାମଚନ୍ଦ୍ରପୁର,୨୦।୭(ଗଣେଶ୍ୱର ସା)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଟୋଲଙ୍କପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତି ବିଦ୍ୟାଳୟ ପରିସରକୁ ପ୍ରବେଶ କରି ନିଶା ସେବନ କରୁଛନ୍ତି। ଏଥିସହ ସ୍କୁଲ ପରିସରରେ ଅପରିଷ୍କାର କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଚେରି ଭାଙ୍ଗି ଯାଇଥିଲା। ଅଭିଯୋଗ ପରେ ବି ନିର୍ମାଣ କରାଯାଉନାହିଁ। ପାଚେରି ନିର୍ମାଣ କରିବାକୁ ଗ୍ରାମର ଆନନ୍ଦ ଚରଣ ଦାସ, କାଳନ୍ଦୀ ସା, ବିଚିତ୍ର ସାହୁ, ଦୀପକ ସାହୁ, ଆନନ୍ଦ ସାହୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

# ଗ୍ରାମରେ ଗଣତନ୍ତ୍ର ଲାଗୁ କରିବାକୁ ଦାବିପତ୍ର

ହାଟଡିହୀ,୨୦।୭(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଆଦିବାସୀ ସେଙ୍ଗେଲ ଅଭିଯାନ କମିଟି ତରଫରୁ ଆଦିବାସୀ ଗ୍ରାମରେ ଗଣତନ୍ତ୍ର ଲାଗୁ କରିବା ଦାବିରେ ବ୍ଲକ୍‌ରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ହାଟଡ଼ିହୀ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ଆଦିବାସୀ ଗ୍ରାମରେ ପ୍ରଚଳିତ ହୋଇ ଆସୁଥିବା ମାଝୀ ବାବା (ଗ୍ରାମ ପ୍ରଧାନ)ଙ୍କ ନିର୍ଦ୍ଦେଶରେ ଗ୍ରାମ ଚାଲୁଛି। ଡାହାଣୀ ନାମରେ ମହିଳାଙ୍କୁ ହତ୍ୟା, କଙ୍ଗାରୁ କୋର୍ଟରେ ଜରିମାନା, ସାମାଜିକ ବାସନ୍ଦ, ନିଶା ସେବନ, ମହିଳା ବିରୋଧୀ ମାନସିକତା ପରି ଅସମ୍ବିଧାନିକ କାର୍ଯ୍ୟ ମାଝୀ ବାବାଙ୍କ ଇଙ୍ଗିତରେ ଚାଲୁଛି। ସାମାଜିକ ବାସନ୍ଦ, ଜରିମାନା ଭୟରେ କେହି ବିରୋଧ କରୁନାହାନ୍ତି। କାର୍ଯ୍ୟକଳାପ ଦିଗରେ ରୋକ ଲଗାଇ ଗଣତନ୍ତ୍ର ଲାଗୁ କରିବା ଦାବି ହୋଇଛି। କେନ୍ଦୁଝର ଜୋନାଲ କମିଟି ସଭାପତି କଲ୍ୟାଣ ବାସ୍କେ, ଜିଲା ସଭାପତି ସୁରେନ୍ଦ୍ର ମୁର୍ମୁ, ଜିଲା ପାର୍ଗାନ, ବ୍ଲକ୍ ସଭାପତି ଟୁକୁଲ ହାଁସଦା, ଖୋଲାରାମ ମାର୍ଣ୍ଡି, ଅର୍ଜୁନ ତାଡ଼ା, ସିଦ୍ଧାନ୍ତ ବେସ୍ରା, ଦୁଷ୍ମନ୍ତ ଟୁଡୁ, ଧର୍ମା ଟୁଡୁ, ସମ୍ରା ସୋରେନ, ମାଳତୀ ହାଁସଦା, ସୁମି ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ।

# ନବ ବିବାହିତା ନିଖୋଜ

ପାଟଣା,୨୦।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇ ଟାଙ୍ଗିରୀ ବଜାରରୁ ଶୁକ୍ରବାର ଜଣେ ନବ ବିବାହିତା ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ସ୍ୱାମୀ ବିଘ୍ନେଶ୍ୱର ପାତ୍ର ଶନିବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା କୁଳିପଶି ଗ୍ରାମର ବିଘ୍ନେଶର ପାତ୍ର ଜୁଲାଇ ୧୨ରେ ତୁରୁମୁଙ୍ଗା ଥାନା ଡାବରଚୁଆ ଗ୍ରାମର ବସନ୍ତ ପାତ୍ରଙ୍କ ଝିଅ ଦୀପିକା ପାତ୍ର(୨୧)ଙ୍କୁ ବିବାହ କରିଥିଲେ। ଶୁକ୍ରବାର ନବ ଦମ୍ପତି ଶ୍ୱଶୁର ଘରକୁ କାର ଯୋଗେ ଆସୁଥିବା ସମୟରେ ଦୀପିକା ଖିରେଇ ଟାଙ୍ଗିରୀ ବଜାରରେ କୌଣସି ଏକ ସାମଗ୍ରୀ କିଣାକିଣି କରିବାକୁ କହି ଗାଡ଼ି ଅଟକାଇଥିଲେ। ପରେ ବଜାରକୁ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ବିଘ୍ନେଶ୍ୱର ତାଙ୍କ ଶ୍ୱଶୁର ବସନ୍ତ ପାତ୍ରଙ୍କ ସହ ଆସି ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବା ଏଏସ୍‌ଆଇ ବିରେନ୍ଦ୍ର କିଶୋର ବେହେରା କହିଛନ୍ତି।

# ଖାଇଗଲାଣି କୁଶେଇ ନଦୀବନ୍ଧ

**ରାମଚନ୍ଦ୍ରପୁର,୨୦।୭(ଗଣେଶ୍ୱର ସା)**

## ବନ୍ୟା ଆସିଲେ ଦୁର୍ଦ୍ଦଶା ଭୋଗିବେ ପଞ୍ଚାୟତବାସୀ



ଖାଇ ଯାଇଥିବା କୁଶେଇ ନଦୀବନ୍ଧ ରାସ୍ତା।

ରାଜ୍ୟରେ ଲଘୁଚାପଜନିତ ବର୍ଷା ଆରମ୍ଭ ହୋଇଯାଇଛି। ଏପରିସ୍ଥଳେ ବିଭାଗ ପକ୍ଷରୁ ନଦୀବନ୍ଧ ରକ୍ଷଣାବକ୍ଷଣା କରାଯାଉଛି। ମାତ୍ର ବିଭାଗର ଅବହେଳାରୁ ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା କୁଶେଇ ନଦୀ ବନ୍ଧ ଅନେକ ସ୍ଥାନରେ ଖାଇଗଲାଣି। ଆଗାମୀ ସମୟରେ ବନ୍ୟା ଆସିଲେ ପଞ୍ଚାୟତବାସୀ ସମସ୍ୟାରେ ବଢ଼ିବା ଆଶଙ୍କା ଦେଖାଯାଇଛି।

ସୂଚନା ଅନୁଯାୟୀ, ୨୦ ନଂ. ଜାତୀୟ ରାଜପଥ ବେଲବାହାଲିଠାରୁ କୁଶେଇ଼ ନଦୀ ମୁହାଣର ନୟାଗଡ଼ ପର୍ଯ୍ୟନ୍ତ ସଂଯୋଗ ଆର୍‌ଡି ନଦୀବନ୍ଧ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଖାଇଗଲାଣି। ନଦୀବନ୍ଧ ରାସ୍ତାରେ ପ୍ରତିଦିନ ଅନେକ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି। ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ବହୁ ସମୟରେ ଖାଲରେ ପାଣି ଜମି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ରାସ୍ତା ଉପରେ ସାଧାରଣତଃ ଟୋଲଙ୍କପଡ଼ା, ମଙ୍ଗଳପୁର, ହରିଡ଼ାପାଳ, ପାଇକି ଚାତ୍ରା, ବେଉସାହି, ଡିହସାହି, ଗ୍ରାମର ଲୋକ ନିର୍ଭର କରିଥାନ୍ତି। ପରିତାପର ବିଷୟ କୁଶେଇ ନଦୀର ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ, ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଟଙ୍କା ମଞ୍ଜୁର କରାଯାଉଛି। ମାତ୍ର ଏହା କେବଳ କାଗଜପତ୍ରରେ କାମ ଚାଲୁଥିବା ଅଭିଯୋଗ ହେଉଛି। ମହାବାତ୍ୟା ସମୟରେ ଏହି କୁଶେଇ ନଦୀବନ୍ଧର ୩ ସ୍ଥାନରେ ବଡ ବଡ଼ ଘାଇହେବା ଫଳରେ ଅନେକ ଧନଜୀବନ କ୍ଷୟକ୍ଷତି ହୋଇଥିଲା। ଏ ନେଇ ପୂର୍ବରୁ ବହୁବାର ମରାମତି ପାଇଁ ଗ୍ରାମବାସୀ ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ନଦୀବନ୍ଧ ଦୁର୍ବଳ ହୋଇଯାଇଥିବାରୁ ବନ୍ୟା ପାଣି ଆସିଲେ ବ୍ୟାପକ କ୍ଷତି ପହଞ୍ଚାଇବ ବୋଲି ମତ ପ୍ରକାଶ ପାଇଛି। ବଡ଼ ବିପଦ ପୂର୍ବରୁ ପ୍ରଶାସନ ନଦୀବନ୍ଧକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆର୍‌ଡି ବିଭାଗର ଯନ୍ତ୍ରୀ ଅସିତ୍ କୁମାର ପାତ୍ର କହିଛନ୍ତି, ଏହା ।ର ତଦନ୍ତ କରି ଖୁବ୍‌ଶୀଘ୍ର ସମାଧାନ କରାଯିବ।

# ଅଗଷ୍ଟ ୧୬ ପର୍ଯ୍ୟନ୍ତ ଖରିଫ ଧାନ କିଣା ଫର୍ମ ଦାଖଲ

**ବାଙ୍ଗିରିପୋଷି,୨୦।୭**
**(ସଞ୍ଜୟ କୁମାର ଅଗ୍ରୱାଲା)**

ଚଳିତ ଖରିଫ ୨୦୨୪-୨୫ ବର୍ଷ ଧାନ ବିକ୍ରି ପାଇଁ ଜୁଲାଇ ୧୫ରୁ ଚାଷୀଙ୍କୁ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷ ବ୍ଲକ୍‌ରେ ଥିବା ୨ ଲ୍ୟାମ୍ପ୍ସ ମାଧ୍ୟମରେ ଫର୍ମ ବିତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜୁଲାଇ ୩୧ ପର୍ଯ୍ୟନ୍ତ ଫର୍ମ ବିତରଣ ହେବାକୁ ଥିବା ବେଳେ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଫର୍ମ ଦାଖଲ କରିପାରିବେ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଧାନ ବିକ୍ରି ବଟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ସରକାର ଚାଷୀଙ୍କ ମୋବାଇଲକୁ ଓଟିପି ଯିବାର ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଚାଷୀ ଫର୍ମକୁ ନେଇ ଲ୍ୟାମ୍ପ୍ସରେ ଦେଇ ଆସୁଥିଲେ। ଏବେ ନାମ ପଞ୍ଜିକରଣ ପାଇଁ ଜମିର ପଟ୍ଟାର ଜେରକ୍ସ, ଆଧାରକାର୍ଡର ଜେରକ୍ସ, ବ୍ୟାଙ୍କ ପାସ୍‌ବୁକର ଜେରକ୍ସ ଓ ମୋବାଇଲ ନମ୍ବର ଦାଖଲ କରିବେ। ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ଫର୍ମ ଗ୍ରହଣ କରିବା କ୍ଷଣି କମ୍ପ୍ୟୁଟରରେ ଚାଷୀଙ୍କ ନାମ, ଆଧାରକାର୍ଡ ନମ୍ବର ଓ ମୋବାଇଲ ନମ୍ବର ଦାଖଲ କରିବେ। ଯଦି ସବୁ ଠିକ୍ ଥିବ ତେବେ ତତ୍‌କ୍ଷଣାତ ଚାଷୀଙ୍କ ମୋବାଇଲକୁ ଏକ ଓଟିପି ଯିବ। ଓଟିପି ଦାଖଲ କରିବା ପରେ ଚାଷୀ ସମ୍ପର୍କିତ ପ୍ରାଥମିକ ତଥ୍ୟ ଅନ୍‌ଲାଇନ ପଞ୍ଜିକରଣ ପାଇଁ ଲିଷ୍ଟକୁ ଚାଲିଯିବ। ପରବର୍ତ୍ତୀ ସମୟରେ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ଏହାକୁ ଅନ୍‌ଲାଇନ ପଞ୍ଜିକରଣ କରିବେ। ସେହିପରି ଭାଗ ଚାଷୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ଜମିମାଲିକଙ୍କ ସହମତି ପତ୍ର ସହିତ ଜମି ମାଲିକଙ୍କ ଆଧାରକାର୍ଡର ଜେରକ୍ସ ଓ ମୋବାଇଲ ନମ୍ବର ଦାଖଲ କରିବାକୁ ପଡ଼ିବ।

# ଛିନ୍‌ତାଇ ଗ୍ୟାଙ୍ଗର ୪ ଗିରଫ

## ୫୪ ମୋବାଇଲ ଜବତ

ବାରିପଦା,୨୦।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଅନୁଷ୍ଠିତ ରଥଯାତ୍ରାରେ ମୋବାଇଲ ଛିନ୍‌ତାଇ ଗ୍ୟାଙ୍ଗର ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିସହ ୨ ନାବାଳକ ଅପରାଧିଙ୍କୁ ଅଟକ ରଖାଯାଇଛି। ସେମାନଙ୍କଠାରୁ ୫୪ଟି ମୋବାଇଲ ଓ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ଜିଲା ପାଣ୍ଡବେଶ୍ୱର ଥାନା ଅଧୀନ ଡିଭିଏସପଡ଼ା ଅଞ୍ଚଳର ଲକ୍ଷଣ ସିଂ(୩୦), ଶିବ ମାଲି(୨୪), ଶମ୍ଭୁ ଶର୍ମା(୨୦) ପ୍ରଭାତ ସିଂ(୧୯)। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଏସପି ଏସ.ସୁଶ୍ରୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିବା ସହ ଜବତ ମୋବାଇଲକୁ ତନଖି କରି ଛିନ୍‌ତାଇରେ ହରାଇଥିବା ବ୍ୟକ୍ତିଙ୍କୁ ଫେରସ୍ତ କରିଛନ୍ତି।

ବାରିପଦରେ ୨ ଦିନ ଧରି ରଥଟଣା ହେଉଥିବାରୁ ପ୍ରବଳ ଜନସମାଗମ ହୋଇଥାଏ। ଏହାର ସୁଯୋଗ ନେଇ ମୋବାଇଲ ଛିନ୍‌ତାଇର ଗ୍ୟାଙ୍ଗ ସକ୍ରିୟ ହୋଇ ମୋବାଇଲ ଛିନ୍‌ତାଇ କରିଥିଲେ। ତୁଳସୀ ଚଉରା ଅଞ୍ଚଳର ଅନିମେଶ ଅଧିକାରୀ ପରିବାର ସହ ବାହୁଡ଼ା ଯାତ୍ରା ଦେଖିବାକୁ ଆସିଥିବା ବେଳେ ଛିନ୍‌ତାଇର ଶିକାର ହୋଇଥିଲେ। ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୪୨୫/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଚୋରିକୁ ନେଇ ବାରିପଦା ଟାଉନ, ସଦର ଓ ଭଞ୍ଜପୁର ଥାନାରେ ଅଭିଯୋଗ ହେଉଥିବାରୁ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଚୋରି ମୋବାଇଲକୁ ଟ୍ରାକିଂ କରିବାରୁ ତାହା ବଡ଼ସାହି ଓ ବେତନଟୀ ଅଞ୍ଚଳରେ ଥିବାର ଜଣାପଡ଼ିଥିଲା। ଏହାକୁ ନେଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ଓ ବଡସାହି ଆଇଆଇସି ଉମା ଶଙ୍କର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରିଥିଲେ। ଚୋରି ଗ୍ୟାଙ୍ଗରେ ଥିବା ନାବାଳକଙ୍କ ସମେତ ୬ ଜଣକୁ ଗିରଫ କରିବା ସହିତ ୪୯ଟି ଚୋରି ମୋବାଇଲକୁ ଜବତ କରିଥିଲେ। ତାଙ୍କ ଠାରୁ ୩ ହଜାର ୬୦୫ଟଙ୍କା, ୫ ଟି ମୋବାଇଲକୁ ଜବତ କରିଥିଲେ। ଗିରଫ ୪ ଜଣକୁ କୋର୍ଟଚାଲାଣ କରିଥିବା ବେଳେ ୨ ନାବାଳକ ଅପରାଧିକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି । ଜବତ ମୋବାଇଲର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ପୋଲିସ ପକ୍ଷରୁ ମୋବାଇଲ ଫେରସ୍ତ ମେଳାରେ ଲୋକେ ମୋବାଇଲ ପାଇ ଖୁସି ପ୍ରକଟ କରିଛନ୍ତି । ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣା ଓ ଉମେଶ ପଣ୍ଡା, ବାରିପଦା ଏସ୍‌ଡିପିଓ ସୁଜିତ ପ୍ରଧାନ, ଭଞ୍ଜପୁର ଆଇଆଇସି କରୁଣାକର ରାଉତ, ବାରିପଦା ଟାଉନ ଆଇଆଇସି ସୁମିତ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



# ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା, ୨୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟି୨୦ ଟୁର୍ନାମେଣ୍ଟ ଆସନ୍ତା ୨୨ ତାରିଖଠାରୁ କଟକରେ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ଦଳ ଘୋଷଣା କରାଯାଇଛି। ଦଳରେ ସଞ୍ଜିତା ଦାସ (ଅଧିନାୟକ), ସୁନିଧି କାଶ୍ୟପ ଜେନା (ଉପଅଧିନାୟକ)ଙ୍କ ସମେତ ରୀତିକା ପଣ୍ଡା, ରଶ୍ମିରେଖା ନାଏକ, ଶୁଭଶ୍ରୀ ନାଥ, ପଦ୍ମାବତୀ ସିଂ, ଜ୍ୟୋତିରେଖା ସିଂ, ସ୍ୱପ୍ନାମୟୀ ନିଶିଗନ୍ଧା କର, ଲକ୍ଷ୍ମୀପ୍ରିୟା ମହାନ୍ତ, ମାନସୀ ମହାନ୍ତ, ସନିଆ ରାଜ, ପଦ୍ମା ମିର୍ଦ୍ଧା, ପ୍ରୀତିଶ୍ରୀ ଦାସ, ଫରହୀନ କାଦ୍ରୀ, ମାମାଲି ସୋରେନ ପ୍ରମୁଖ ଖେଳାଳି ସାମିଲ ଅଛନ୍ତି। ମ୍ୟାନେଜର ଓ କୋଚ୍ ଭାବେ ସାଇବା ସିଂ ଦଳ ସହ ରବିବାର କଟକ ଗସ୍ତ କରିବେ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

ଶନିବାର ଅପରାହ୍ନରେ ଜିଲାପାଳ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସଭାପତି ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଛନ୍ତି। ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ଫୁଟ୍‌ବଲ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଟିମ୍ ୨୨ ତାରିଖରେ ପ୍ରଥମ ମ୍ୟାଚ୍ ଜଗତସିଂହପୁର ସହ ଖେଳିବ।


ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ଟିମ୍‌ର ଖେଳାଳିମାନେ।


## GOVERNMENT COLLEGE OF ENGINEERING, KEONJHAR
## ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର

(An Affiliated College of BPUT, Odisha)
At; Jamunalia, P.O.: Old Town, Dist.: Keonjhar, PIN - 758002 (Odisha)
Web: www.gcekjr.ac.in / Mail Id: principal@gcekjr.ac.in

No. 1256 Date: 20.07.24

**NOTICE FOR REPORTING OF CANDIDATES FOR ADMISSION INTO 2ND YEAR LATERAL ENTRY B.TECH FOR THE ACADEMIC SESSION 2024-25**

No. KK-58: The candidates allotteed by OJEE-2024 for admission in this College for 2nd year Lateral Entry B.Tech in the academic session 2024-25 are required to report to the college for admission on 25.07.2024. The details on date of reporting, documents to be submitted, fee to be deposited, fee structure, etc. are available on the college website **www.gcekjr.ac.in**.

Sd./- Principal
Government College of Engineering, Keonjhar
OIPR-11067/11/0001/2425


# ସରକାରୀ କାର୍ଯ୍ୟାଳୟରେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ

ବାରିପଦା,୨୦।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବାପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କାର୍ଯ୍ୟାଳୟଗୁଡ଼ିକରେ ହେଉଥିବା କୌଣସି ସରକାରୀ ବୈଠକ କିମ୍ବା ସମ୍ମିଳନୀରେ ପ୍ଲାଷ୍ଟିକ କପ, ପ୍ଲେଟ୍ ଆଦିର ବ୍ୟବହାର କରାଯିବ ନାହିଁ। ଏ ନେଇ ଜିଲାପାଳ ଏକ ପତ୍ର ମାଧ୍ୟମରେ କହିଛନ୍ତି, ପ୍ଲାଷ୍ଟିକରେ ଥିବା କେମିକାଲ ପରିବେଶ ପାଇଁ ସମସ୍ୟା। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଯଥା ଟା କପ, ଗ୍ଲାସ, ଫୁଲ, ଷ୍ଟ୍ର, ପାଣି ବୋତଲ ଇତ୍ୟାଦିରେ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ଜରୁରୀ ଅଟେ। ତେଣୁ ସମସ୍ତ ସରକାରୀ ବୈଠକରେ ହସ୍ତତନ୍ତ ସାମଗ୍ରୀ ବ୍ୟବହାର ଏବଂ ଏହାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଯାହା ଜୈବ ଅବକ୍ଷୟ ମଧ୍ୟ ଅଟେ। ଯାହାଫଳରେ ଆମେ ସିଧାସଳଖ ଓଡିଶାର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଲାଭଦାୟକତା ବୃଦ୍ଧି କରିପାରିବା। ଏହି ନିର୍ଦ୍ଦେଶକୁ ଜିଲାପାଳ ସମସ୍ତ ସରକାରୀ ବୈଠକରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କହିଛନ୍ତି। ତେବେ ପ୍ଲାଷ୍ଟିକ ସହିତ ପଲିଥିନ ବ୍ୟବହାର ଉପରେ କୋହଳ କରାଗଲେ ପରିବେଶ ସୁରକ୍ଷାରେ ସହାୟକ ହୋଇପାରନ୍ତା ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# ବୁଡ଼ିଲା ଜାମୁଘାଟ ପୋଲ



ଉଦଳା(ସନ୍ତୋଷ କୁମାର ବାଛିନୀ)/
ଗୋପବନ୍ଧୁନଗର (ଶାନ୍ତନୁ କୁମାର ମଣ୍ଡୁଆଳ)

୨୦।୭-ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଦେଓ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଉଦଳା ବ୍ଲକର କଇଁସାରିଠାରେ ଥିବା ଜାମୁଘାଟ ପୋଲ ବୁଡ଼ିଯାଇଛି। ଜାମୁଘାଟଠାରେ ଥିବା ଅସ୍ଥାୟୀ ପୋଲ ଉପରେ ନଦୀ ପାଣି ପ୍ରବାହିତ ହେଉଛି। ପୋଲ ଉପରେ ୨ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିବା ବେଳେ ଉଦଳା-ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି।

ଶୁକ୍ରବାର ଦିନତମାମ ତୁହାକୁ ତୁହା ଉପରମୁଣ୍ଡରେ ବର୍ଷା ଲାଗି ରହିବାରୁ ରାତିରେ ଏହି ପୋଲ ବୁଡ଼ି ନଦୀ ଜଳ ପ୍ରବାହିତ ହୋଇଥିଲା। ଶନିବାର ବର୍ଷାର ପରିମାଣ କମ୍ ରହିଥିବା ଯୋଗୁ ପାଣି କମିବାରୁ ମଧ୍ୟାହ୍ନଠାରୁ ଦୁଇଚକିଆ ଯାନ ଯାତାୟାତ କରୁଥିବା ବେଳେ ଚାରିଚକିଆ ଓ ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ବସ୍ ଓ ଟ୍ରକ୍ ଭଳି ଭାରିଯାନଗୁଡ଼ିକ ଏବେ ୧୩ କିଲୋମିଟର ବୁଲି ଉଦଳାରୁ କନ୍ହେଇବନ୍ଦ ଓ କୁଆମରା ଦେଇ ବାଲେଶ୍ୱରକୁ ଯାଉଥିବା ଦେଖିବାକୁ ମିଳିଛି। ଗୋପବନ୍ଧୁନଗର ବ୍ଲକର ଜୟପୁର, ସାଇଁକୁଳା, ବରଡିହି, କୁଶଳଦା, ପୁରୁଣା ବାରିପଦା, କୁଆମରା ଆଦି ପଞ୍ଚାୟତର ଜନସାଧାରଣ ଯିବାଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରକାଶଥାଉ କି, ଉକ୍ତ ନଦୀ ଉପରେ ନିର୍ମିତ ସ୍ଥାୟୀ ପୋଲଟି ଦୁଇବର୍ଷ ତଳେ ଫାଟ ପଡ଼ି ମଝି ସ୍ଥାନରେ ଦବି ଯାଇଥିଲା। ଚଳିତବର୍ଷ ଟେଣ୍ଡର ହେବା ପରେ ବିପଦପୂର୍ଣ୍ଣ ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଖରାଦିନେ ଏଠାରେ ହୋମ୍‌ପାଇପ୍ ଯୋଗେ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା।


## OFFICE OF THE DIRECTOR-CUM-MEDICAL SUPERINTENDENT MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK

Telephone : 0671-2414359, Email - mhi.cuttack@gmail.com

**TENDER CALL NOTICE**

No.E-134 : Sealed tenders are invited from interested outsourcing agencies/firm/company or private individuals to run Mess-cum-Canteen in the premises of Mental Health Institute, SCB Medical College Hospital, Cuttack - 753 007 as per the terms & conditions laid down in the tender paper. The tender will be opened on scheduled date and time in the office of the undersigned in presence of the bidders or their authorized representatives. The bidders may download the Tender Documents directly from the website www.scbmch.in and also can be obtained from the office of the Director-cum-Medical Superintendent, Mental Health Institute, SCB Medical College Hospital, Cuttack. The cost of tender paper is Rs. 1,000/- (Non-refundable) by cash payment or bank draft/demand draft in favour of "Director-cum-Medical Superintendent, Mental Health Institute, SCB Medical College Hospital, Cuttack" payable at Cuttack from any Nationalized Bank. Any tender received after the due date and time will be rejected and return to the Sender un-opened. The tender will be received through Speed Post/Regd. Post only. The authority reserves the right to reject any / all the tenders without assigning any reasons thereof.

| | | | |
|---|---|---|---|
| 1 | Date of sale of tender paper | : | 24.07.2024 to 13.08.2024 |
| 2 | Last date of receipt of tender paper | : | 14.08.2024 up to 5.00 P.M. |
| 3 | Date & Time of opening of technical bid | : | 16.08.2024 at 3.30 P.M. |
| 4 | Place of opening of tender - Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack - 753007 | | |

Sd./- Director-cum-Medical Superintendent,
Mental Health Institute,
SCB Medical College Hospital, Cuttack
OIPR-10051/11/0006/2425

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar - 751012
Ph.: 2394336, 2395338, 2396072 (Hostel), Fax: 2391954
E-mail: sihfwodisha@nic.in & sihfwodisha@gmail.com

Notice No. SIHFW-OE-OE-0003-2024/2537 Dt.: 20.07.24

**NOTICE INVITING EXPRESSION OF INTEREST TOWARDS EMPANELMENT OF CATERING SERVICES**

No. E-135: The Director, State Institute of Health and Family Welfare, Odisha, Unit-8, Nayapalli, Bhubaneswar, Odisha invites EOI for empanelment of reputed and well established catering service providers to cater and manage the serving of food on fixed rate basis. Interested bidders may submit their offer in prescribed form along with other particulars in a sealed envelope by Regd. Post/Speed Post within the stipulated time. The complete BID document along with terms & condition can be downloaded from the official website of the Directorate of State Institute of Health & Family Welfare, Odisha **"www.sihfwodisha.nic.in"** during the period from 22.07.2024 to 12.08.2024. The last date of submitting BID is Dt.12.08.2024.

Sd./- Director
State Institute of Health and Family Welfare, Odisha
OIPR-10003/11/0043/2425

## OFFICE OF DISTRICT COLLECTOR, SUBARNAPUR (EXCISE SECTION)

**NOTICE INVITING APPLICATIONS FOR SETTLEMENT OF IMFL "OFF" SHOP OF SUBARNAPUR**

No.970 Date :- 16.07.2024

No.F-28: Applications are invited for settlements of 01 Number of IMFL "OFF" shop of Subarnapur District for the year, 2024-25 onwards by way of lottery.

The person interested to participate may apply online in "Form-B" through the portal http://stateexcise.odisha.gov.in from 16.07.2024 to 29.07.2024 by (5.PM). Lottery will be held on 31.07.2024 at Collectorate, Subarnapur from 11.00 A.M onwards.

The details of the shop to be settled and the terms and conditions applicable thereof are available in the said website and the notice boards of the District Excise Office, Subarnapur and Collectorate, Subarnapur.

OIPR-36010/11/0001/2425 Sd./- Collector, Subarnapur


# ବିଶ୍ୱସ୍ତରୀୟ ହେବ ରାମତୀର୍ଥ ଅର୍କିଡିୟମ



ବାରିପଦା,୨୦।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ପରିଚିତ ଶିମିଳିପାଳ ଅଭୟାରଣ୍ୟରେ ଦେଖାଯାଉଥିବା ଅର୍କିଡକୁ ନେଇ ବିଶ୍ୱସ୍ତରୀୟ ଅର୍କିଡିୟମ ପ୍ରସ୍ତୁତ କରିବାର ଯୋଜନା ହାତକୁ ନିଆଯାଇଛି। ଏ ନେଇ ଯଶିପୁରସ୍ଥିତ ରାମତୀର୍ଥରେ ଥିବା ଅର୍କିଡିୟମର ବିକାଶ ନିମନ୍ତେ ବନବିଭାଗ ପକ୍ଷରୁ ପ୍ରଦର୍ଶନୀ ଭିତ୍ତିକ ତାଲିମ ପ୍ରଦାନ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନକର୍ମଚାରୀ ଓ ଫିଲ୍ଡ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ରାମତୀର୍ଥର ଡାମ୍ପା ଟାଇଗର ରିଜର୍ଭର ଅଧିକାରୀ ଅଗ୍ନି ମିତ୍ରା ଆଇଏଫଏସ୍‌ଙ୍କ ଦ୍ୱାରା ଅର୍କିଡ ଗଛର ସଂରକ୍ଷଣ କରିବା, ଯତ୍ନ ନେବା, ରକ୍ଷଣାବେକ୍ଷଣ ଓ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି।

ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବ ମଣ୍ଡଳ ଭାବେ ଶିମିଳିପାଳ ଅଭୟାରଣ୍ୟ ବୀଦିୟମାନ। ୨୭୫୦ବର୍ଗ କିମି ପରିଧି ମଧ୍ୟରେ ଅନେକ ପର୍ଯ୍ୟଟନ ସ୍ଥଳୀ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରହିଛି। ମହାବଳ ବାଘ ସହିତ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀଙ୍କ ସହିତ ନାନା ପ୍ରଜାତିର ରଙ୍ଗବେରଙ୍ଗର ଫୁଲ, ଫଳ ଓ ଗଛଲତା ଦେଖିବାକୁ ମିଳିଥାଏ। ଭାରତରେ ଥିବା ଅର୍କିଡ ମଧ୍ୟରେ ୭ ପ୍ରତିଶତ ଶିମିଳିପାଳରେ ଦେଖିବାକୁ ମିଳିଥାଏ। ସେଥି ମଧ୍ୟରେ ୯୬ ପ୍ରକାର ଅର୍କିଡ ଦେଖାଯାଉଥିବା ବେଳେ ତାହା ଏବେ ଶହେ ପାର ହୋଇଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସାଇ କିରଣ କହିଛନ୍ତି। ଗତ ବର୍ଷ ଅଭୟାରଣ୍ୟରେ ୧୦ ପ୍ରକାର ଅର୍କିଡ ଆବିଷ୍କାର କରାଯାଇଛି। ସେଥି ମଧ୍ୟରୁ ୨ ପ୍ରଜାତିର ଅର୍କିଡ ଭାରତର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ସେଗୁଡ଼ିକ ହେଲା ବୁଲବୋ ଫାଇଲ୍ମ ପାଣିଗ୍ରାହୀୟାନମ ଓ ଏରିଆ ମେଘାସନିସ। ଅର୍କିଡ କେବଳ ଫୁଲ ପାଇଁ ନୁହେଁ ବରଂ ମୂଲ୍ୟବାନ ଔଷଧ ତିଆରି କରାଯାଉଥିବାରୁ ଏହାର ରକ୍ଷଣାବେକ୍ଷଣ ଓ ବିକାଶ ନିମନ୍ତେ ପ୍ରୟାସ ଆରମ୍ଭ କରାଯାଇଛି। ଏଭଳି ଦୁର୍ଲଭ ପ୍ରଜାତିର ଅର୍କିଡକୁ ନେଇ ଅର୍କିଡିୟମରେ ଥିବା ଗଛ ଗୁଡ଼ିକରେ ରଖାଯାଉଛି। ତେବେ ଏହି ପାଣିପାଗରେ ଅର୍କିଡର ତିଷ୍ଠି ରହିବା ଯୋଗୁ ରାମତୀର୍ଥରେ ଥିବା ଅର୍କିଡିୟମର ବିକାଶ କରାଯାଉଛି । ଶିମିଳିପାଳ ଅଭୟାରଣ୍ୟ ଏବଂ ଓଡ଼ିଶାରେ ଥିବା ବିଭିନ୍ନ ଜଙ୍ଗଲରୁ ଅର୍କିଡକୁ ସଂଗ୍ରହ କରାଯାଇ ଅର୍କିଡିୟମରେ ସଂରକ୍ଷିତ କରାଯାଉଛି। ଏହା ଦ୍ୱାରା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର, ଗବେଷକ ଓ ଉଦ୍ଭିଦ ବିଜ୍ଞାନୀମାନେ ଏଠାକୁ ଆସି ଜ୍ଞାନ ଆହୋରଣ କରିବା ସହ ଅନୁସନ୍ଧାନ ଭିତ୍ତିକ ତଥ୍ୟ ସଂଗ୍ରହ କରିବାରେ ସଫଳ ହୋଇପାରିବେ। ବନବିଭାଗ ପକ୍ଷରୁ କରାଯାଉଥିବା ଯୋଜନାକୁ ସାକାର କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି।


## TP SOUTHERN ODISHA DISTRIBUTION LIMITED (Procurement Department) TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 20.07.2024

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for Supply & Installation of Citrix License at TPSODL | TPSODL/OT/2024-25/024 | 50,000 | 5,000 | 31.07.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.III, BHUBANESWAR

No.B-95

E-mail - bbsrrandb03@yahoo.com

**INVITATIONS FOR BIDS THROUGH e-PROCUREMENT**

No. 3820 Date. 18.07.2024

**Bid Identification No - C.C. (R&B) - 03 e-Procurement Short Tender Call Notice No. (04) of 2024-25**

1. The Superintending Engineer, Bhubaneswar (R&B) Division No - III, Bhubaneswar on behalf of Governor of Odisha invites Percentage Rate Bids in Double Cover system (Online) for the works as detailed in table below.

| Sl. No. | Name of the Work | Approximate Estimated cost put to Tender (Rs.) | Class of Contractor | Cost of Bid Documents Rs. | Period of Completion in calendar months |
|---|---|---|---|---|---|
| 1 | Improvement to Civil & E.I. work in the class room along with corridor & lobby at ITI, Bhubaneswar | Rs. 98,70,000.00 | "B" Class | 10,000/- (To be paid Online) | 3 (Three) Calender Months |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersorissa.gov.in.
Bid documents will be available in above Website from 25.07.2024 at 1.30 P.M. to 03.08.2024 at 5.30 P.M.
Bids of the above work shall be opened at 11.30 hours on 05.08.2024.
The bidder must possess matching class compatible Digital Signature certificate (DSC).
Further details and other terms and conditions can be seen from DTCN in the e-Procurement website www.tendersorissa.gov.in
N.B : Subsequent corrigendum/addendum if required shall be available in the website as indicated above

Sd./- Superintending Engineer
BBSR (R&B) Division No.III, BBSR
OIPR-34089/11/0001/2425

## ODISHA CONSTRUCTION CORPORATION LTD.

(A Govt. of Odisha Undertaking) No.CAD-615
Central Workshop, Rasulgarh, Bhubaneswar - 751010 (Odisha), Tel : 0674 - 2580107, Email : smppmcws@gmail.com
(GSTIN - 21AAACO2571K2ZM)

**Tender Call Notice No. OCC/CWS/PROC/MLBP-02/14/2024-25 Dtd.20.07.2024**

Type of work : Supply of Casting Materials for Malaguni Barrage Project.
Total No. of work : 01 (One).
Period of supply : 60 days.

| Procurement Officer | Tender Call Notice No. | Cost of Tender Document (Including GST) | Sale of Tender Document | Submission of Tender Document (Off-line mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/MLBP-02/14/2024-25 dtd. 20.07.2024 | Rs. 4720/- (Non-refundable) | 22.07.2024 10.00 AM to 30.07.2024 1.00 PM | 22.07.2024 10.00 AM to 30.07.2024 3.30 PM |

Date of opening of the Tender : 30.07.2024 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd./- Senior Manager (Mech.)-1
OCC Ltd., Bhubaneswar
OIPR-34163/11/0008/2425

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

Phone No. - 0661-2664637, Fax No. - 0661-2664638, e mail - dforourkela.od@gov.in
Notice No. 440/Dated. 19.07.2024

No.MM-96: Rourkela Forest Division is inviting tender under Two-Bid system from reputed Manufacturer, Suppliers, Dealers and Individuals for **"SUPPLY OF HDPE HEXA NET GABION OF SIZE (HEIGHT 5 FT. WITH 2 FT. DIAMETER (TUBULAR IN SHAPE) OF 500 GSM"** to Rourkela Forest Division. The tenderers having eligibility criteria are required to apply.

For details & Tender documents, please visit the following website : www.odishaforest.in / www.dforourkela / www.sundargarh.nic.in

- **Sale of Tender Documents 10:00 AM of 20.07.2024 to 05:00 PM of 24.07.2024**
- **Last Date for Submission of Bids 25.07.2024 up to 05:00 PM.**
- **Date of Opening of Tender 26.07.2024 at 11:30 AM.**

Sd./-
Divisional Forest Officer
Rourkela Forest Division
OIPR-08044/11/0003/2425

## ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ.
## ODISHA PISCICULTURE DEVELOPMENT CORPORATION LIMITED

(A Government of Odisha undertaking)

No. 1288 Date: 19.07.2024

**NOTICE INVITING TENDER**

**SELECTION OF CAG EMPANELLED CHARTERED ACCOUNTANT FIRMS FOR COMPILATION OF ACCOUNTS OF 8 FILLING STATIONS, 23 GOVERNMENT HATCHERIES AND 1 NET MANUFACTURING UNIT FOR THE FY 2019-20 TO 2022-23 (4 Years)**

No. CAD-604: OPDCL invites sealed proposals from eligible bidders to carry out compilation of accounts of 8 filling stations, 23 Government hatcheries and 1 net manufacturing unit. Bidders fulfilling the prescribed eligibility criteria of the bid document can access and download the complete Bid document and other details from **www.opdc.odisha.gov.in/fisheries.odisha.gov.in**.

The proposal complete in all respects must reach the undersigned by Speed Post/Registered Post/Drop in the Tender Box only latest by 29.07.2024, 1 P.M. in a sealed envelope clearly mentioning on the top of it "Notice Inviting Tender for - Selection of Chartered Accountant Firm for Compilation of Accounts of 8 Filling Stations, 23 Government Hatcheries and 1 Net Manufacturing Unit for the FY 2019-20 to 2022-23".

The cost of document Rs.2000/- including GST in shape of Banker's Cheque/DD in favour of MD, OPDC Ltd. drawn in any scheduled Commercial Bank payable at Bhubaneswar. The proposals received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

OIPR-06020/11/0003/2425 Sd./- Managing Director

**ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି**

ଜଳେଶ୍ୱର,(ରବିନାରାୟଣ ପାତ୍ର)-ଜଳେଶ୍ୱର ଥାନା ଅଧୀନ ମହମ୍ମଦନଗରପାଟଣା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ଗେଟ ତାଲା ଭାଙ୍ଗି ଭିତରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କମ୍ପ୍ୟୁଟର ପ୍ରିଣ୍ଟର୍ସ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ୫ଟି ଯାକ କୋଠରୀରେ ତାଲା ଭଙ୍ଗାଯାଇଥିବା ସମ୍ପର୍କରେ ପଞ୍ଚାୟତ ସମ୍ପାଦକ ଅତୁଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବାଲେଶ୍ୱର

### ସଂକ୍ଷେପରେ

## ଅଫୁଟା ବାଣ ଫୁଟି ଜଣେ ଶିଶୁ ଗୁରୁତର

ନୀଳଗିରି, ୨୦।୭(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ଥାନା ମହିଷାପଟା ପଞ୍ଚାୟତ ଜାମବଣି ଗାଁରେ ବାହାଘରରେ ବ୍ୟବହୃତ ଅଫୁଟା ବାଣ ଫୁଟି ୪ ଜଣ ଶିଶୁ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିଶୁଙ୍କ ଅବସ୍ଥା ଗୁରୁତର ରହିଛି। ସେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ଗତ ମଙ୍ଗଳବାର ଏକ ବାହାଘର ପାଇଁ ରେମୁଣା ଥାନା ଗୁଡ଼ଦା ପଞ୍ଚାୟତ ମାଦଳମଜା ଗାଁର ଗଙ୍ଗାଧର ନାୟକଙ୍କ ପୁଅ ସଞ୍ଜୟ (୧୧) ନୀଳଗିରି ବ୍ଲକ ଅଧୀନ ଜାମବଣୀ ଗାଁର ପିଉସୀ ଘରକୁ ଆସିଥିଲେ। ବାହାଘରରେ ପଡ଼ିଥିବା ଏକ ଅଫୁଟା ବାଣ ଧରିଥିବା ବେଳେ ହଠାତ୍ ବାଣଟି ବିସ୍ଫୋରଣ ହୋଇଥିଲା। ନିକଟରେ ଥିବା ଅନ୍ୟ ତିନିଜଣ ଶିଶୁ ମଧ୍ୟ ଆହତ ହୋଇଥିଲେ। ଗୁରୁତର ସଞ୍ଜୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ତାର ମୁହଁ, ହାତ ପୋଡ଼ିଯାଇଥିବା ଜଣାପଡ଼ିଛି।

## ନଦୀରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ରୂପସା, ୨୦।୭(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅନ୍ତର୍ଗତ ଛୟାଳିଆ ଗ୍ରାମର ଜଣେ ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଇ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଶ୍ୟାମ ମାଝି (୫୯)। ଏ ସମ୍ପର୍କରେ ସିଂଲା ଥାନା ପୋଲିସ ଶନିବାର ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ୟାମ ମାଝି ଜାଲ ନେଇ ସ୍ଥାନୀୟ ହଂସକରା ନଦୀକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାବଶତଃ ସେ ନଦୀରେ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଶନିବାର ଭୋର ସମୟରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସାର୍ଥା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଚନ୍ଦ୍ରଶେଖର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

## ଜଙ୍ଗଲ ରାସ୍ତାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଔପଦା, ୨୦।୭(ଧରିତ୍ରୀ ପଣ୍ଡା)- ବାଲେଶ୍ୱର ଜିଲା ଔପଦା ବେତେଇ ଜଙ୍ଗଲ ରାସ୍ତାରେ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି।

ଖଇରା ଥାନା ନନ୍ଦୁରୁ ଗ୍ରାମର ମନୋଜ ଜେନା(୩୦) ଜଙ୍ଗଲ ରାସ୍ତାରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଫେସବୁକରେ ଛାଡ଼ିଥିଲେ। ମୃତ ମନୋଜ ଖଇରା ଥାନା ଗଣ୍ଡିବେଡ଼ ବଜାରରେ ଜଳଖିଆ ଦୋକାନ କରିଥିବାରୁ ସେଠାକାର ଲୋକମାନେ ମନୋଜଙ୍କ ଫଟୋକୁ ଜାଣି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଔପଦା ପୋଲିସ ମଧ୍ୟ ସେଠାରେ ପହଞ୍ଚିଥିଲା। ପୋଲିସ ଶବ ଜବତ ପରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମନୋଜଙ୍କ ବାପା ଶଙ୍କର୍ଷଣ ଜେନା ଘରୋଇ କଳିକୁ ନେଇ ଏପରି ଘଟିଥିବା ଔପଦା ଥାନାରେ ଅଭିଯୋଗ କରିଛନ୍ତି। ମନୋଜ ଏକ ବର୍ଷ ପୂର୍ବରୁ ବିବାହ କରିଥିଲେ।

## ଷ୍ଟେଶନରୁ ମୋବାଇଲ ଲୁଟେରା ଗିରଫ

ରୂପସା, ୨୦।୭(ବାଞ୍ଛାନିଧି ଦେ)-ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ବାଲେଶ୍ୱର ଜିଲା ରୂପସା ରେଳଷ୍ଟେଶନରୁ ଆରପିଏଫ୍ ଥାନା ପୋଲିସ ଶନିବାର ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସୁନହଟ ଅଞ୍ଚଳର ପ୍ରମୋଦ ସିଂ (୨୦)। ସକାଳେ ଅପ ଖଡ଼ଗପୁର-ଖୋର୍ଦ୍ଧା ଏକ୍ସପ୍ରେସ ଟ୍ରେନ୍ ରୂପସା ଷ୍ଟେଶନରେ ଛିଡ଼ା ହୋଇଥିଲା। କଟକ ଅଞ୍ଚଳର ଯାତ୍ରୀ ମନୋଜ ପରିଡ଼ାଙ୍କଠାରୁ ଏକ ଦାମୀ ମୋବାଇଲ ଲୁଟ୍ କରି ଚମ୍ପଟ ମାରୁଥିବା ବେଳେ ସମୟରେ ରୂପସା ଆରପିଏଫ୍ ଥାନା ପୋଲିସ ଅଭିଯୁକ୍ତ ପ୍ରମୋଦଙ୍କୁ କାବୁ କରି ବାଲେଶ୍ୱର ଜିଆରପି ଥାନାରେ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ଜିଆରପି ଥାନା ପୋଲିସ ଏକ ମାମଲା (ନଂ. ୧୨୫/୨୪) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ମୋବାଇଲ ଜବତ ହୋଇଛି।

# ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତକାରୀ ଟିମ୍

### ରୋଗୀଙ୍କଠାରୁ ଟଙ୍କା ନେବା ଘଟଣାର ଭିଡିଓ ଭାଇରାଲ

ବାହାନଗା, ୨୦।୭(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଏମବିବିଏସ୍ ଡାକ୍ତର ମେଡିକାଲ ପରିସର ପ୍ରାକ୍ଟିସ୍ ରୁମ୍‌ରେ ଜଣେ ମହିଳା ରୋଗୀଙ୍କୁ ଚିକିତ୍ସା କରି ଟଙ୍କା ନେବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ଲାଗି ଏକ ୩ ଜଣିଆ ଟିମ୍ ଶନିବାର ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ଗତ ବୁଧବାର ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପ୍ରାକ୍ଟିସ୍ ରୁମ୍‌ରେ ଡାକ୍ତର ଜଣେ ମହିଳା ରୋଗୀଙ୍କଠାରୁ ଟଙ୍କା ନେଉଥିବା ଗଣମାଧ୍ୟମରେ ଭିଡିଓ ଭାଇରାଲ ହୋଇଥିଲା। ବାଲେଶ୍ୱର ଜିଲାପାଳ ଆଶିଷ ଠାକରେଙ୍କ ଏହା ନଜରକୁ ଆସିବା ପରେ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ଫକୀରମୋହନ ମେଡିକାଲ କଲେଜ ରେଜିଷ୍ଟ୍ରାର, ଆଡମିନିଷ୍ଟ୍ରେଟର ଓ ମୁଖ୍ୟ ଜିଲା ଚିକିତ୍ସାଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସିଡିଏମ୍‌ଓ ଦୁଲାଲସେନ୍ ଜଗଦେବ ଏକ ତିନିଜଣିଆ ଟିମ୍ କରିଥିଲେ। ସେହି ୩ ଜଣିଆ ଟିମ୍‌ରେ ଫକୀରମୋହନ ମେଡିକାଲ କଲେଜର ରେଜିଷ୍ଟ୍ରାର, ଆଡମିନିଷ୍ଟ୍ରେଟର ମନୋରମା ଭୂଇଆଁ, ଏଡିପିଏଚଓ ସଞ୍ଜୀବ୍ କୁମାର ପ୍ରଧାନ, ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଧୀରେଶ କୁମାର ଷଡଙ୍ଗୀ ପ୍ରମୁଖ ୩ ଜଣିଆ ଟିମ୍ ତଦନ୍ତ କରିଥିଲେ। ସେମାନେ ତାଙ୍କର ତଦନ୍ତ ରିପୋର୍ଟ ଜିଲା ଚିକିତ୍ସା ଅଧିକାରୀ ଓ ଜିଲାପାଳଙ୍କ ଠାରେ ଦାଖଲ କରିବେ ବୋଲି ତଦନ୍ତ କରିବାକୁ ଆସିଥିବା ମୁଖ୍ୟ



ଡାକ୍ତରଖାନା ପରିସରରେ ତଦନ୍ତକାରୀ ଟିମ୍।

ଫକୀରମୋହନ ମେଡିକାଲ କଲେଜର ଭୂଇଆଁ ପ୍ରକାଶ କରିଛନ୍ତି। ତେବେ ଭାଇରାଲ ଭିଡିଓ କ୍ଲିପ୍ ଉପରେ ତଦନ୍ତ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣରେଖା ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା



ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟିକା ସୁବାସିନୀ ଜେନା।

କାଳିପଦା, ୨୦।୭(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ବିଭିନ୍ନ ପଞ୍ଚାୟତର ଅନେକ ଗାଁକୁ ବର୍ଷା ଋତୁରେ ବନ୍ୟାଜନିତ ଅଧିକ ବିପଦ ଆଶଙ୍କା ରହିଛି। ଶନିବାର ଜଳସେଚନ ବିଭାଗ ବରିଷ୍ଠ ଅଧିକାରୀ ଏବଂ ଅଞ୍ଚଳବାସୀଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ସୁବର୍ଣ୍ଣରେଖା ନଦୀକୂଳିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ଦାଉରୁ ନଦୀକୂଳର ସୁରକ୍ଷା, ନଦୀବନ୍ଧ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ନିଖିରା ପଞ୍ଚାୟତର ମାନପୁର, ଏହାପରେ ବାଲିଆପାଳ ପଞ୍ଚାୟତର ସବୁଠାରୁ କ୍ଷତିଗ୍ରସ୍ତ ଅଞ୍ଚଳ କୁଦମାନସିଂ ଗସ୍ତ କରି ସୁଇଁମୁହଁ ପରିଦର୍ଶନ କରି ସେଠାରେ ସ୍ଥିତି ଅନୁଧ୍ୟାନ କରି ଏକ ସ୍ଲୁଇସ୍ ଗେଟ୍ ସ୍ଥାପନ ନିମନ୍ତେ ଆଲୋଚନା କରିଥିଲେ। ଏଥିସହିତ ଜାମକୁଣ୍ଡା ପଞ୍ଚାୟତ କୁହ୍ଲାଚଡଠାରେ ପହଞ୍ଚି ନଦୀ ଅତଡ଼ା ଖସୁଥିବାରୁ ଅଞ୍ଚଳବାସୀଙ୍କ ପ୍ରତି ବିପଦ ଥିବାରୁ ନଦୀବନ୍ଧ ମରାମତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଡମୁଖ-କଙ୍କଡ଼ାପାଳ ମଧ୍ୟବର୍ତ୍ତୀ ସମସ୍ତ ଅଞ୍ଚଳର ନଦୀର ପାର୍ଶ୍ୱ ସୁରକ୍ଷା ପାଇଁ ବିଧାୟିକା ଜେନା ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କମ୍ ସ୍ପେଶିଆଲ ସେକ୍ରେଟାରୀ ମୁକୁଲ ବେରା, ସୁବର୍ଣ୍ଣରେଖା-ବୁଢ଼ାବଳଙ୍ଗ ବେଶିନ୍‌ର ମୁଖ୍ୟଯନ୍ତ୍ରୀ ରମାକାନ୍ତ ମହାପାତ୍ର, ବାରିପଦା ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାଶ, ବାଲେଶ୍ୱର ଡିଭିଜନ୍ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସହିତ ବହୁ ଅଞ୍ଚଳବାସୀ ଏବଂ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଅଲିମ୍ପିଆଡ ପ୍ରାଚୀତନୟାଙ୍କୁ ରୌପ୍ୟ ପଦକ

ରୂପସା, ୨୦।୭(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ମୁକୁଲିସିସ୍ଥିତ ବିବେକାନନ୍ଦ ଆବାସିକ ଶିକ୍ଷାନିକେତନର ତୃତୀୟ ଶ୍ରେଣୀର ଛାତ୍ରୀ ପ୍ରାଚୀତନୟା ନାୟକ ରାଜ୍ୟସ୍ତରୀୟ ଅଲମ୍ପିଆଡ଼(ଗଣିତ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରୌପ୍ୟ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ପ୍ରାଚୀତନୟା ମୁକୁଳିସି ପଞ୍ଚାୟତ ଅଧୀନ ଦାଣ୍ଡି ଗ୍ରାମର ରାଧାକୃଷ୍ଣ ନାୟକ ଓ ସସ୍ମିତା ନାୟକଙ୍କ କନ୍ୟା ଅଟନ୍ତି।



୨୦୨୩-୨୪ ଶିକ୍ଷାବର୍ଷରେ ପ୍ରାଚୀତନୟା ଅଲମ୍ପିଆଡ଼ (ଗଣିତ) ପରୀକ୍ଷାରେ ବ୍ଲକସ୍ତରରେ କୃତିତ୍ୱ ଅର୍ଜନ କରି ସ୍ୱର୍ଣ୍ଣ ପଦକ ପାଇ ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଜିଲାସ୍ତରରେ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ସେ ଏହି ବିଦ୍ୟାଳୟ ସମେତ ବସ୍ତା ଅଞ୍ଚଳର ଗୌରବ ଓ ଆଦର୍ଶ ଅଟନ୍ତି। ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଜର ଶ୍ରେୟ ଦେଇଛନ୍ତି। ଏହି ସଫଳତା ହାସଲ ପରେ ସେ ବସ୍ତା ସମେତ ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୩୪୦ ସ୍ୱେଚ୍ଛାସେବୀଙ୍କ ପ୍ରାପ୍ୟ ବାଟମାରଣା ଅଭିଯୋଗ

### ୨ଦିନ ଖଟିଲେ ପାଉଣା ମିଳିଲାନି

ଖଇରା, ୨୦।୭(ଉତ୍କଳବନ୍ଧୁ ପଣ୍ଡା)

ସାଧାରଣ ନିର୍ବାଚନ ୨୦୨୪ରେ ଖଇରା ବ୍ଲକରେ ନିର୍ବାଚନ ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀ ଭାବେ ନିଯୁକ୍ତି ଦିଆଯାଇଥିବା କଲେଜ ପିଲାଙ୍କୁ ଅଦ୍ୟାବଧି ପ୍ରାପ୍ୟ ଦିଆଯାଇ ନ ଥିବାରୁ ୩୪୦ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଦ୍ଦିଷ୍ଟ ଅର୍ଥ ବାଟମାରଣା କରାଯାଇଥିବା ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ଅଭିଯୋଗ କରିଛନ୍ତି। ପ୍ରଥମେ ସେକ୍ଟର ଅଧିକାରୀଙ୍କ ଅର୍ଥ ହେରଫେର ପରେ ଏବେ ସ୍ୱେଚ୍ଛାସେବୀଙ୍କ ପାଉଣା ପ୍ରଦାନ କ୍ଷେତ୍ରରେ ଆର୍ଥିକ ଅନିୟମିତତା ଅଭିଯୋଗ ପରେ ଜିଲା ଓ ବ୍ଲକ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଏ ସମ୍ପର୍କରେ ଦୃଷ୍ଟିଦେବାକୁ ବଞ୍ଚିତ ସେକ୍ଟର ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ଦାବି କରିଛନ୍ତି।

ନିର୍ବାଚନକୁ ଶୃଙ୍ଖଳିତ କରିବା ସହ ସ୍ୱଚ୍ଛତା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ନିଯୁକ୍ତି ଦେବା ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପତ୍ରସଂଖ୍ୟା ସିଇଓ/ବିଏଣ୍ଡଏ/୧୦୯(୪୮)/୨୦୦୮/୧୪୩୩ତା୨୨/୩/୨୪ରିଖରେ କୁହାଯାଇଥିଲା। ଦୈନିକ ୨୦୦ଟଙ୍କା କରି ୨ଦିନ ପାଇଁ ଅର୍ଥାତ୍ ତାଲିମ ଓ ଭୋଟଗ୍ରହଣ ଦିବସରେ କାର୍ଯ୍ୟ ପାଇଁ ମୋଟ ୪ଶହ ଟଙ୍କା ପ୍ରଦାନ କରିବାକୁ ଏହି ଚିଠିରେ ଉଲ୍ଲେଖ ଥିଲା। ପ୍ରତ୍ୟେକ ବୁଥରେ ୨ଜଣ କରି ଖଇରା ବ୍ଲକର ୧୭୦ ବୁଥରେ ୩୪୦ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏଥପାଇଁ ୪ଶହ ହିସାବରେ ୧ଲକ୍ଷ ୩୬ହଜାର ଟଙ୍କା ପ୍ରଦାନ କରାଯିବା କଥା। ହେଲେ ନିର୍ବାଚନ ତାରିଖକୁ ୫୦ଦିନ ଅତିକ୍ରମ କରିଥିବା ବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ଏହି ପାରିଶ୍ରମିକ ମିଳିନାହିଁ। ଧୁମ୍ ଖରାରେ ଭୋଟରଙ୍କୁ ଧାଡିରେ ଛିଡା କରାଇ ଶୃଙ୍ଖଳିତ ଭୋଟଦାନରେ ସହଯୋଗ କରିଥିବା ଏହି କଲେଜ ପିଲାମାନଙ୍କୁ ସେମାନଙ୍କ ପାଉଣାରୁ ବଞ୍ଚିତ କରି ରଖାଯାଇଛି। ଏ ସମ୍ପର୍କରେ ବ୍ଲକର ଅତିରିକ୍ତ ନିର୍ବାଚନ ପରିଚାଳନା ଅଧିକାରୀ ଭାବେ ତହସିଲଦାର ସବ୍ୟସାଚୀ ଜେନା କହିଛନ୍ତି, ସ୍ୱେଚ୍ଛାସେବୀଙ୍କ ବାବଦରେ ଆସିଥିବା ଅର୍ଥ ବିଡିଓଙ୍କୁ ଦିଆଯାଇଛି। ଖଇରା ବିଡିଓ ଅନନ୍ତ କୁମାର ହାଁସଦାଙ୍କ ମତାମତ ଦେବାରେ ବିଏଲଓମାନେ ଏ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ସ୍ୱେଚ୍ଛାସେବୀଙ୍କ ପ୍ରମାଣପତ୍ର ଦେଇ ନ ଥିବାରୁ ତାଙ୍କର ପାରିଶ୍ରମିକ ଦିଆଯାଇପାରିନାହିଁ। ସେପଟେ ପ୍ରମାଣପତ୍ର ମଗାଯାଇ ନ ଥିବା ନେଇ ବିଏଲଓମାନେ କହିଛନ୍ତି। କଥାରେ ଅଧିକାରୀଙ୍କ ତାଳମେଳ ରହୁ ନ ଥିବା ବେଳେ ଏହି ପ୍ରସଙ୍ଗକୁ ତଦନ୍ତ କରାଗଲେ ଅନିୟମିତତାର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସ୍ୱେଚ୍ଛାସେବୀମାନେ ଦାବି କରିଛନ୍ତି।

## ଆଦିବାସୀ ସଙ୍ଗେଲ ଅଭିଯାନ ପକ୍ଷରୁ ଦାବିପତ୍ର

ଜଳେଶ୍ୱର, ୨୦।୭(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଆଦିବାସୀ ସଙ୍ଗଠନ ସଙ୍ଗେଲ୍ ଅଭିଯାନ ପକ୍ଷରୁ ୭ ଦାବି ନେଇ ଏକ ଦାବିପତ୍ର ଶନିବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ରାଷ୍ଟ୍ରୀୟ ମାନ୍ୟତାପ୍ରାପ୍ତ ସାନ୍ତାଳୀ ଭାଷାକୁ ଅବିଳମ୍ବେ ଝାଡ଼ଖଣ୍ଡର ପ୍ରଥମ ରାଜ୍ୟଭାଷାର ମାନ୍ୟତା ଦିଆଯିବା, ଓଡିଶାରେ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଦିଆଯିବା, ସାନ୍ତାଳି ଭାଷାର ସ୍ଥାୟୀ ଶିକ୍ଷକମାନଙ୍କୁ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଯୁକ୍ତି କରାଯିବା ଏବଂ ଅନ୍ୟ ଆଦିବାସୀ ଭାଷା ତଥା ହୋ, ମୁଣ୍ଡା, କୁଡୁଖ, ଖଡ଼ିଆ ଭାଷାକୁ ସମୃଦ୍ଧି କରାଯିବା ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନ ସଭାପତି ନିରଞ୍ଜନ ମାରାଣ୍ଡି, ରତ୍ନାକର ହାଁସଦା, ବର୍ଷା ହାଁସଦା, କୃଷ୍ଣ ଟୁଡୁ, ଅଞ୍ଜଳି ମୁର୍ମୁ ଓ ଦାନଗୀ ହାଁସଦା ଉପସ୍ଥିତ ଥିଲେ।



ବିଡିଓ ପୁନମ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସମୁଦ୍ରରେ ଭୁଟୁଭୁଟି ବୁଡ଼ିଲା, ବର୍ତ୍ତିଗଲେ ୯ ମତ୍ସ୍ୟଜୀବୀ

### ଲଘୁଚାପ ଦେଇଛି ଆଶ୍ୱସ୍ତି

### ଜଳେଶ୍ୱରରେ ସର୍ବାଧିକ, ଔପଦାରେ ସର୍ବନିମ୍ନ ବର୍ଷା

ଭୋଗରାଇ, ୨୦।୭ (ପ୍ରଦୀପ ଦାସ )

ଓଡ଼ିଶାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀକୁଳ ପ୍ରଭାବିତ ହୋଇଥିବା ବେଳେ ବଙ୍ଗୋପସାଗରରେ ଘନ ଘନ ଲଘୁଚାପ ଓ ମୌସୁମୀ ସକ୍ରିୟ ହେବା ଦ୍ୱାରା ଚଷୀକୁଳ ଆଶ୍ୱସ୍ତି ହୋଇଛନ୍ତି। ଚାଷୀଙ୍କ ଧାନଚାଷ କାର୍ଯ୍ୟ ନିମନ୍ତେ ଚାଷୀକୁଳ ଆଗଭର ହେଉଥିବା ବେଳେ ୨ ଦିନ ଧରି ଲଘୁଚାପ ବର୍ଷା ଚାଷୀଙ୍କୁ ବରଦାନ ସଦୃଶ ହୋଇଛି। ବଙ୍ଗୋପସାଗରରେ ଲଘୁଚାପ ଅବପାତରେ ପରିଣତ ହେବା ପରେ ସମୁଦ୍ର ଅଶାନ୍ତ ହୋଇଛି। ବତାସର ବେଗ ଘଣ୍ଟାକୁ ୬୦କି.ମି. ବେଗରେ ପ୍ରବାହିତ ହେଉଛି। ସମୁଦ୍ର ଅଶାନ୍ତ ଥିବାବେଳେ ମତ୍ସଜୀବୀଙ୍କୁ ସମୁଦ୍ରକୁ ମାଛ ଧରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଏଭଳି ସ୍ଥିତିରେ ନିଷେଧାଜ୍ଞା ଅମାନ୍ୟ କରି କେତେକ ମାଛଧାରା ଭୁଟଭୁଟି, ଟ୍ରଲର ଓ ଛୋଟ ଡ଼ଙ୍ଗା ଜୀବନକୁ ବାଜି ଲଗାଇ ସମୁଦ୍ରକୁ ଇଲିସି ଧରିବାକୁ ତଲାସୀ ଜାରି ରଖିଛନ୍ତି। ଶନିବାର ସକାଳେ ଦୀଘା ନିକଟ ଚାନ୍ଦପୁର ସମୁଦ୍ର କୂଳରେ ଏକ ମାଛଧାରା ଭୁଟଭୁଟି ମାଛ ଧରିବାକୁ ଯାଉଥିବାବେଳେ ଉତ୍ତାଳ ଢେଉ ର ସମ୍ମୁଖୀନ ହୋଇ ଭାରସାମ୍ୟ ହରାଇ ବୁଡ଼ିଯାଇଛି। ଏଥିରେ ଥିବା ୯ ଜଣ ମତ୍ସଜୀବୀ ଭାସିଯାଉଥିବାବେଳେ ଅନ୍ୟ ଏକ ଭୁଟଭୁଟି ସେମାନଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଛି। ଅପରପକ୍ଷରେ ବାଲେଶ୍ୱର ଜିଲାରେ ଲଘୁଚାପ ବର୍ଷା ଚଷୀକୁଳକୁ ଆନନ୍ଦିତ କରିଥିବା ବେଳେ ଜଳେଶ୍ୱର ବ୍ଲକରେ ସର୍ବାଧିକ ୪୬ ମିମି ଓ ଔପଦାରେ ସର୍ବନିମ୍ନ ୬ ମିମି ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଜିଲାରେ ସର୍ବମୋଟ ୨୨୬ମିମି ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଦପ୍ତର ସୂଚନା ଦେଇଛି।

## ପାଣିପମ୍ପରେ କରେଣ୍ଟ ଲାଗି ଚାଷୀ ମୃତ

ନୀଳଗିରି,୨୦।୭(ପ୍ରଶାନ୍ତ ବିଶ୍ୱାଳ)

ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ପାଣିପମ୍ପ ସାହାଯ୍ୟରେ ପାଣି ମଡ଼ାଇବା ପାଇଁ ଯାଉଥିବା ବେଳେ ଅସାବଧାନତା ଯୋଗୁ କରେଣ୍ଟ ଲାଗି ଚାଷୀଙ୍କ ମୃତ୍ୟୁ ହୋଇଛି। ନୀଳଗିରି ଥାନା ଧୋବଶିଳା ପଞ୍ଚାୟତ କରଡିଆ ଗ୍ରାମର ରଜତ କୁମାର ବିଶ୍ୱାଳ(୪୭) ଶନିବାର ମଧ୍ୟାହ୍ନରେ ଗାଡ଼ିଆରୁ ପାଣି ପମ୍ପ ସାହାଯ୍ୟରେ ଧାନତଳିରେ ପାଣି ମଡ଼ାଇବା ପାଇଁ ଯାଉଥିବା ବେଳେ ଅସାବଧାନତା ଯୋଗୁ ପାଣିପମ୍ପରେ କରେଣ୍ଟ ଲାଗି ଟଳି ପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ନୀଳଗିରି ହସ୍ପିଟାଲ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନୀଳଗିରି ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଗାଁକୁ ନିଆଯାଇ ଶବ ସତ୍କାର କରାଯାଇଛି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ତାଙ୍କ ମୃତ୍ୟୁରେ ପରିବାର ସମେତ ଗାଁରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଛି। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୨୪) ରୁଜୁ ହୋଇଛି।

# ଅରମା ବଣ ପାଲଟିଛି ମିନି ପାର୍କ

### ଦେଢବର୍ଷ ପରେ ମଧ୍ୟ ହୋଇନି ଉଦ୍‌ଘାଟନ

ବାଲେଶ୍ୱର, ୨୦।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ବ୍ରିଟ କଲ୍ୟାଣ ମଣ୍ଡପ ସମ୍ମୁଖରେ ସହରବାସୀ ଅବସର ସମୟ ବିତାଇବା ପାଇଁ ଏକ ମିନି ପାର୍କ ନିର୍ମାଣ ହୋଇଥିଲା। ସୁନ୍ଦର ଘାସ ଗାଲିଚା, ପାଣି ଫୁଆରା ସହିତ ମନଲୋଭା ଲାଇଟ୍ ଲଗାଯାଇଥିଲା। ଲୋକେ ସକାଳ ଓ ସନ୍ଧ୍ୟାରେ ଚାଲିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ବସିବା ପାଇଁ ସିମେଣ୍ଟ ବେଞ୍ଚ ମଧ୍ୟ ହୋଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ପାର୍କ ଏବେ ଅରମା ବଣ ବଣ ପାଲଟିଛି। ବର୍ଷା ଋତୁ ଚାଲିଥିବାରୁ ଏଠାରେ ବିଭିନ୍ନ ସମୟରେ ବିଷଧର ସାପ ଥିବା ଦେଖିବାକୁ ମିଳିଛି। ଏଥିସହିତ ପାର୍କରେ ଲାଗିଥିବା ଲାଇଟ୍ କେତେକ ଅଚଳ ହୋଇପଡିଥିବା ବେଳେ ଅନ୍ୟ ମୂଲ୍ୟବାନ ଲାଇଟ୍‌ଗୁଡ଼ିକ ଚୋରି ହୋଇଥିବାର ଦେଖିବାକୁ ମିଳିଛି।



ଅନାବନା ଘାସ ଘେରରେ ମିନି ପାର୍କ।

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ମାଧ୍ୟମରେ ବ୍ରିଟ କଲ୍ୟାଣ ମଣ୍ଡପ ସମ୍ମୁଖରେ ନିର୍ମାଣ ହୋଇଥିଲା ମିନି ପାର୍କ। ଏହାର ଅଟକଳ ମୂଲ୍ୟ ୧୨ଲକ୍ଷ ୨୮ହଜାର ୨୦୯ଟଙ୍କା ରହିଥିଲା ବେଳେ ମା' ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ଏହାର କାର୍ଯ୍ୟ ସମ୍ପାଦନ କରିଥିଲା। ପ୍ରକଳ୍ପ କାର୍ଯ୍ୟାରମ୍ଭ ଗତ ୨୦୨୨ ସେପ୍ଟେମ୍ବର ୧୭ରେ ହୋଇଥିବା ବେଳେ ଗତ ୨୦୨୩ ମାର୍ଚ୍ଚ ୩ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରି ସମସ୍ତ ଟଙ୍କା ପାଇ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିସାରିଛି। ମାତ୍ର କାମ ଶେଷ ହେବାର ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ପାର୍କର ଉଦ୍‌ଘାଟନ ହୋଇ ନ ଥିବା ବେଳେ ଏବେ ଅନାବନା ଘାସରେ ଭର୍ତ୍ତି ହୋଇଯାଇଛି। ପାର୍କ ପାଇଁ ପ୍ରାୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏହି ପାର୍କରେ ବସିବା ଲାଗି କେହି ସୁଯୋଗ ପାଇଲେ ନାହିଁ। ଏନେଇ ପୌର ଅଧକ୍ଷା ସବିତା ସାହୁ କହନ୍ତି, ମୁକ୍ତା ଯୋଜନାରେ ଏହି ମିନି ପାର୍କ ନିର୍ମାଣ ହୋଇଥିଲା। କାର୍ଯ୍ୟ ସମ୍ପାଦନ ସରିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାକୁ ଦିଆଯିବ, ଯୋଜନାରେ କୌଣସି ଗାଇଡଲାଇନ୍ ନ ଥିବାରୁ ସମସ୍ୟା ସୃଷ୍ଟି କରିଛି। ଅନ୍ୟପକ୍ଷରେ ମିନି ପାର୍କରେ ଲଗାଯାଇଥିବା ଲାଇଟ୍‌ଗୁଡ଼ିକ ଚୋରି ହୋଇଯାଉଥିବାରୁ ପାର୍କର ଫାଟକଗୁଡ଼ିକରେ ତାଲା ପକାଯାଇ ରଖାଯାଇଛି। ପାର୍କ ଭିତରେ ମାଡ଼ି ଯାଇଥିବା ଘାସ ଓ ଚୋରି ହୋଇଥିବା ଲାଇଟ୍‌ଗୁଡ଼ିକୁ ଲଗାଯାଇ ମ୍ୟୁନିସିପାଲିଟି ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

ବାଲେଶ୍ୱର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କହନ୍ତି, ବ୍ରିଟ୍ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ମିନି ପାର୍କର କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଖୁବ୍‌ଶୀଘ୍ର ଏହାର ସୁ-ବ୍ୟବସ୍ଥା କରାଯିବ।

## ଘର ଭାଙ୍ଗି ଧାନ, ଚାଉଳ ନଷ୍ଟ କଲେ



### ୨ ଦନ୍ତାହାତୀଙ୍କ ଉପଦ୍ରବ

ମୋରଡ଼ା,୨୦।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବେତନଟୀ ରେଞ୍ଜ୍‌ରେ ବର୍ଷତମାମ ହାତୀ ଉପଦ୍ରବ ଜାରି ରହିଛି। ଫଳରେ ବହୁ ଧନଜୀବନ ନଷ୍ଟ ହେଉଛି। ଲୋକେ ବର୍ଷ ଯାକ ଆତଙ୍କିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ରାସଗୋବିନ୍ଦପୁର ବ୍ଲକ ତଥା ବେତନଟୀ ରେଞ୍ଜ୍ ଅଧୀନ ଛାତନା ଗ୍ରାମରେ ଶୁକ୍ରବାର ଦୁଇଟି ଦନ୍ତାହାତୀ ଆତଙ୍କ ଖେଳାଇଛନ୍ତି। ବିଳମ୍ବିତ ରାତିରେ ୨ ଦନ୍ତା ହାତୀ ଉକ୍ତ ଗ୍ରାମର ଗୋବର୍ଦ୍ଧନ ପାତ୍ରଙ୍କ ଘର କାନ୍ଥ ଓ ଆଜବେଷ୍ଟ ଭାଙ୍ଗି ଧାନ ଖାଇବା ସହ ନଷ୍ଟ କରିଛନ୍ତି। ଉକ୍ତ ଘରୁ ପ୍ରାୟ ଦୁଇ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ନଷ୍ଟ ହୋଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଗୋବର୍ଦ୍ଧନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଛାତନା ପଞ୍ଚାୟତର ସମିତିସଭ୍ୟ ଦୁର୍ଗା ମହାନ୍ତ ଦାବି କରିଛନ୍ତି।

# ସଂକଳ୍ପପତ୍ର ଭାଜପାର କାମର ଆଧାର: ମୁଖ୍ୟମନ୍ତ୍ରୀ

## ଭାଜପାର ୨ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ

ପୁରୀ ୨୦।୭(ଅଜିତ୍ କୁମାର ମହାନ୍ତି)


ପୁରୀଠାରେ ଅନୁଷ୍ଠିତ ଭାଜପାର ୨ଦିନିଆ ପରିବର୍ଦ୍ଧିତ ବୈଠକର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତୃମଣ୍ଡଳୀ।

ସଂକଳ୍ପପତ୍ର ହେଉଛି ଭାଜପାର କାମର ଆଧାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀଠାରେ ଶନିବାର ଭାଜପାର ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ ଅବସରରେ ସେ କହିଛନ୍ତି, ଦୀର୍ଘ ଦଶନ୍ଧିର ସଂଘର୍ଷ ପରେ ଭାଜପା ପୂର୍ଣ୍ଣସଂଖ୍ୟାଗରିଷ୍ଠତା ପାଇଛି। ପ୍ରଥମଥର ଲୋକେ ଭାଜପାକୁ ଶାସନକୁ ଆଣିଛନ୍ତି। ରାଜ୍ୟବାସୀଙ୍କ ଆଶୀର୍ବାଦରୁ ସେ ମୁଖ୍ୟମନ୍ତ୍ରୀ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ପଦ ନୁହେଁ ଜଣେ ସମର୍ପିତ କାର୍ଯ୍ୟକର୍ତ୍ତାଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାପ୍ରଭୁଙ୍କ ନାଁରେ ଓଡ଼ିଆ ଅସ୍ମିତାର ଲଢ଼େଇ କରିଥିଲୁ। ସରକାର ଶପଥ ନେବା ପରେ ପ୍ରଥମେ କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବାର ନିଷ୍ପତ୍ତି ହେଲା, ୫୦୦କୋଟିର କର୍ପସ ଫଣ୍ଡ ବ୍ୟବସ୍ଥା ହେଲା, ଭକ୍ତ ଭଗବାନଙ୍କ ଭିତରେ ମନୁଷ୍ୟକୃତ ଅହଂକାରୀ ପାଚେରୀ ଭଙ୍ଗା ଗଲା। ରତ୍ନଭଣ୍ଡାର ତାଲା ମଧ ଖୋଲା ହୋଇଛି। ୨୫ବର୍ଷ ସରକାରରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଖରେ ନ ଥିଲେ। ନବୀନ ବାବୁ ଦୀର୍ଘଦିନ ଶାସନରେ ରହିବି ଖଣ୍ଟି ଓଡ଼ିଆ କହି ଓଡ଼ିଆଙ୍କୁ ଅପମାନିତ କରୁଥିଲେ। ୨୪ଘଣ୍ଟା କଠିନ ପରିଶ୍ରମ କରିବାର ମୁଁ ଶପଥ ନେଇଛି। ଶପଥର ୩୮ଦିନ ଭିତରେ ଗୋଟିଏ ଦିନ ନାହିଁ ଓଡ଼ିଶାବାସୀଙ୍କ ଗୁହାରି ଶୁଣିନାହିଁ। ସଂକଳ୍ପପତ୍ର ଆମ କାମର ଆଧାର। ସାଧାରଣ ସଭାରେ ନୁହେଁ ଏନ୍‌ଡିଏ ସାଂସଦଙ୍କ ଯୁଗ୍ମ ବୈଠକରେ ମୋଦି କହିଥିଲେ ଓଡ଼ିଶାରେ ନୂତନ କ୍ରାନ୍ତି ଆସିଛି। ଆଗାମୀ ୨୫ ବର୍ଷ ପାଇଁ ଦେଶର ବିକାଶ ଯାତ୍ରାର ଏକ ନମ୍ବର ଇଞ୍ଜିନ ଓଡ଼ିଶା ହେବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହା ଭାଷଣ ନ ଥିଲା, ଥିଲା ତାଙ୍କର ପ୍ରତିବଦ୍ଧତା। ମୋଦିଙ୍କ ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରି ଓଡ଼ିଆ ଲୋକଙ୍କ ହୃଦୟ ଜିତିବାର ଦାୟିତ୍ୱ ଏବେ ଆମ ହାତରେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ଗତ ୧୦ବର୍ଷରେ ମୋଦି ସରକାରରେ ଓଡ଼ିଶାକୁ ପ୍ରଚୁର ଅର୍ଥ ଆସିଛି। ବିଶେଷ ଭାବରେ ମୋଦି ସରକାରଙ୍କ ଖଣିନୀତି ପାଇଁ ପ୍ରଚୁର ଅର୍ଥ ମିଳିଛି। ୧୦ବର୍ଷରେ ମୋଦି ସରକାର ଓଡ଼ିଶାକୁ ୧୮ଲକ୍ଷ କୋଟି ଟଙ୍କା ଦେଇଛନ୍ତି। ଓଡ଼ିଶାରେ ଥିବା ଶାସନ ବ୍ୟବସ୍ଥା ଗରିବଙ୍କୁ ନ୍ୟାୟ ଦେବା ବଦଳରେ ହରିଲୁଟ୍‌ର ଆଡ୍ଡା ସାଜିଥିଲା। ଭାଜପା ସରକାର ପ୍ରତିଟି ପଇସା ଗରିବଙ୍କ ହକ୍‌ରେ ବିନିଯୋଗ କରିବ। ଯିଏ ଦୁର୍ନୀତି କରିଛନ୍ତି, ସେମାନଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ କରି କଡ଼ା ଦଣ୍ଡ ଦିଆଯିବ। ଭାଜପା ସରକାର ୧୦୦ଦିନ ପାଇଁ ଏଜେଣ୍ଡା ପ୍ରସ୍ତୁତ କରିଛି। ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧ଶହ ଟଙ୍କା ମିଳିବ। ଚାଷୀଙ୍କୁ ଏହି ଅର୍ଥ ଓଡ଼ିଶାର ସାଧାରଣ ଲୋକଙ୍କ କ୍ରୟଶକ୍ତିକୁ ବଢ଼ାଇବା ସହ ଓଡ଼ିଶାର ଜିଡିପିରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ଭାଉଚର ପାଇଁ ନୀତିନିୟମ ପ୍ରଣୟନ କରାଯିବା ସହ ନିର୍ଦ୍ଧାରିତ ସମୟରେ ଏହି ଅର୍ଥ ମା, ଭଉଣୀମାନେ ନେଇପାରିବେ ତା'ର ସୁବନ୍ଦୋବସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୦କୋଟି ଟଙ୍କାର ଓଡ଼ିଆ ଅସ୍ମିତା ଫଣ୍ଡ କରାଯାଇଛି। ଓଡ଼ିଆ ଭାଷାର ପ୍ରଚାରପ୍ରସାର ନିମନ୍ତେ ଭାଷା କମିଶନ ଗଠନ ପାଇଁ ଯୋଜନା ଆରମ୍ଭ ହୋଇଛି। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀରେ ବଡ଼ ବୃଦ୍ଧି କରାଯାଇଛି। ସମସ୍ତଙ୍କୁ ବିଶୁଦ୍ଧପାନୀୟ ଜଳ ପାଇପ ଯୋଗେ ଘରେ ଘରେ ପହଞ୍ଚାଇବା ପାଇଁ ଯୋଜନା ଚୂଡ଼ାନ୍ତ କରାଯାଇଛି।

ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୁର ଅଛି। ଯଦି ସବୁର ସଦ୍‌ବିନିଯୋଗ କରାଯାଏ, ତେବେ ମୋଦିଙ୍କ ଭାଷାରେ ଓଡ଼ିଶା କେବଳ ଦେଶରେ ଏକ ନମ୍ବର ରାଜ୍ୟ ହେବ ନାହିଁ ବରଂ ଦକ୍ଷିଣ ପୂର୍ବ ଏସୀୟ ଦେଶ ସମୂହର ଆର୍ଥିକ ବିକାଶର ମୁଖଶାଳା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ବୈଠକରେ ମତବ୍ୟକ୍ତ କରି କହିଥିଲେ। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସରକାର ଗର୍ବ ଓ ଅହଙ୍କାର ତ୍ୟାଗକରି ଲୋକଙ୍କ ହିତ ଓ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବ। ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ସଂଗଠନକୁ ଶକ୍ତିଶାଳୀ କରିବ। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ହେଉଛନ୍ତି ସରକାରୀ ଦଳର ଯୋଗ୍ୟ ସେନାପତି। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସାମଲ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ। ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଅବସରରେ ପ୍ରଥମେ ୩ଟି ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ପରେ ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟ ସରକାରଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଧନ୍ୟବାଦ ଜଣାଇଥିଲେ, ଏହାକୁ ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି ସମର୍ଥନ ଜଣାଇଥିଲେ। ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଭୋଟରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାକୁ ସମର୍ଥନ ଜଣାଇଥିଲେ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଅପରାଜିତା ଷଡଙ୍ଗୀ, ଭର୍ତ୍ତୃହରି ମହତାବ, ବରିଷ୍ଠ ନେତା ଜୟନାରାୟଣ ମିଶ୍ର ରାଜନୈତିକ ଚିଠା ପ୍ରସ୍ତାବରେ ଅଂଶ ଗ୍ରହଣ କରିଥିଲେ।

# ରାଜ୍ୟବାସୀ ମର୍ମାହତ ହେବା ଭଳି ଭାଜପା ସରକାର କିଛି ନ କରନ୍ତୁ: ଅରୁଣ

ଭୁବନେଶ୍ୱର,୨୦।୭
(ଅନିଲ ଦାସ)

## ନାମ ବଦଳାଇବାକୁ ନେଇ ବିଜେଡିର କଡ଼ା ପ୍ରତିକ୍ରିୟା


ଅରୁଣ କୁମାର ସାହୁ

ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ବଦଳାଇବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ନାମ ବଦଳାଇବାକୁ ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟରେ ଶାସନ କରୁଥିବା ଭାଜପା ସରକାର ପୁଣି ପ୍ରତିହିଂସା ରାଜନୀତି ଆରମ୍ଭ କରିଦେଇଛି। ଦେଶ ରାଜନୀତିର ଅନ୍ୟତମ ପ୍ରବାଦ ପୁରୁଷ ହେଉଛନ୍ତି ସ୍ୱର୍ଗତ ବିଜୁ ପଟ୍ଟନାୟକ। ନିଜ ସଂକୀର୍ଣ୍ଣ ରାଜନୀତିରେ ପୁଣି ବଶବର୍ତ୍ତୀ ହୋଇ ଭାଜପା ସରକାର ପୂର୍ବରୁ ରହିଥିବା ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନର ନାଁ ପରିବର୍ତ୍ତନ କରି ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ କରିଛନ୍ତି। କାକୁଡ଼ି ଓ ଛୁରି ତାଙ୍କର। ତେଣୁ ସେମାନେ ଯେମିତି ପାରିବେ ସେମିତି କାଟିବେ। ବେଳେ ବେଳେ କାକୁଡ଼ି ମୁଣ୍ଡିଟି ପିତାଲାଗେ। ନୂଆ ସରକାର ଏମିତି କୌଣସି କାମ କରନ୍ତୁ ନାହିଁ ଯେଉଁଥିରେ ଓଡ଼ିଶାବାସୀ ମର୍ମାହତ ହେବେ। ବିଜୁବାବୁ ଜଣେ ବ୍ୟକ୍ତି ନୁହନ୍ତି, ସେ ଜଣେ ଅନୁଷ୍ଠାନ। କେବଳ ଆମ ଦେଶରେ ନୁହେଁ, କିମ୍ବଦନ୍ତୀ ପୁରୁଷ ବିଜୁବାବୁଙ୍କୁ ୩ଟି ଦେଶର ସମ୍ମାନରେ ସମ୍ମାନିତ କରାଯାଇଛ। ତାଙ୍କ ନାଁ କାଟି ରାଜ୍ୟ ସରକାର କେଉଁ ଯଶ ବାନା ଉଡ଼ାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରି ରାଜନୀତି କରିବା ଠିକ୍ ନୁହେଁ । ବିଜୁବାବୁ ଜଣେ ଦିବଂଗତ ନେତା ଓ ଓଡ଼ିଶାର ମଉଡ଼ମଣି। ତାଙ୍କୁ ନେଇ ଆମେ ଗର୍ବ କରୁଛୁ। ଯାହାଙ୍କୁ ସବୁ ରାଜନୈତିକ ଦଳ ସମ୍ମାନ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସହ କାର୍ଯ୍ୟ କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ରହିଛି। ଏଭଳି ନିଷ୍ପତ୍ତିରୁ ଭାଜପା ସରକାର କ୍ଷାନ୍ତ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ଓଡ଼ିଶାର ସନ୍ତୁଳିତ ବିକାଶ ଭାଜପାର ପ୍ରାଥମିକ ଲକ୍ଷ୍ୟ: ରାଜସ୍ୱ ମନ୍ତ୍ରୀ ପୂଜାରୀ

ପୁରୀ ୨୦।୭
( ଅଜିତ୍ କୁମାର ମହାନ୍ତି )

## ଶଙ୍ଖ ଭବନ ପାଇଁ କିସମ ପରିବର୍ତ୍ତନର ତଦନ୍ତ ହେବ

ଓଡ଼ିଶାର ସନ୍ତୁଳିତ ଓ ସମତୁଲ ବିକାଶ ଭାଜପାର ପ୍ରାଥମିକ ଲକ୍ଷ୍ୟ ବୋଲି ଭାଜପାର ବରିଷ୍ଠ ନେତା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଭାଜପା ରାଜ୍ୟ ଶାଖା ପକ୍ଷରୁ ପୁରୀ ଠାରେ ଆୟୋଜିତ ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିନରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି । ଏହି ଅବସରରେ ଏକ ଖବରଦାତା ସମ୍ମଳନୀରେ ମନ୍ତ୍ରୀ କହିଛନ୍ତି, ୨୦୩୬କୁ ଆଖି ଆଗରେ ରଖି ୧୨ବର୍ଷର ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି। ତୃଣମୂଳ ସ୍ତରରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ୧୨ ହଜାର ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ୨୪ ଘଣ୍ଟା କାମ କରିବେ । ୨୦୩୬ ସୁଦ୍ଧା ଆଧୁନିକ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ପାଇଁ ଦଳ ଲକ୍ଷ୍ୟ ରଖିଛି। ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ, ସେତେବେଳେ ବିକଶିତ ଏବଂ ଆଧୁନିକ ଓଡ଼ିଶା ଗଠନ କରିବାର ସଂକଳ୍ପ ନିଆଯାଇଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ ପାଇଁ ୧୨ବର୍ଷ ଲାଗିଥିଲା । ୧୨ଶହ ବଢ଼େଇ ୧୨ବର୍ଷର ଅକ୍ଳାନ୍ତ ପରିଶ୍ରମରେ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ। ସେମିତି ଆମ ଦଳ ଓଡ଼ିଶାର ବିକାଶ ପାଇଁ ୧୨ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ସମୟ ମଧ୍ୟରେ ତୃଣମୂଳ ସ୍ତରରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକର୍ତ୍ତା ନୂଆ ଓଡ଼ିଶା ଏବଂ ଆଧୁନିକ ଓଡ଼ିଶା ଗଠନ କରିବେ। ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିକଶିତ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଂକଳ୍ପ ନିଆଯାଇଛି । ସରକାର ଗଠନ କରିବାର ଅଳ୍ପ ଦିନ ମଧ୍ୟରେ ୯ଟି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମୋହର ମାରିଛି।ସରକାର ମାସକ ଭିତରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ତାଲା ଖୋଲିବା, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିର ତ୍ରୁଟି ନ ହେବା, ଶ୍ରମିକଙ୍କ ପାରିଶ୍ରମିକ, ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ସର୍ବନିମ୍ନ ମୂଲ୍ୟ ୩୧ଶହ ଟଙ୍କା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । କଂଗ୍ରେସର ଆଚରଣ, ଉଚ୍ଚାରଣ ବାରମ୍ବାର ଭାରତ ବର୍ଷକୁ ବ୍ୟଥିତ କରୁଛି। ରାହୁଲ ଗାନ୍ଧୀ ହିନ୍ଦୁ ସମାଜକୁ ହିଂସ୍ର କହିବା ବକ୍ତବ୍ୟକୁ କାର୍ଯ୍ୟକାରିଣୀରେ ନିନ୍ଦା କରାଯାଇଛି । ସେହିପରି କଂଗ୍ରେସ ଗଣତନ୍ତ୍ରକୁ ପ୍ରତ୍ୟେକ ମୁହୂର୍ତ୍ତ ହତ୍ୟା କରୁଥିଲା ।ଏନେଇ ୨୫ ଜୁନକୁ କଳା ଦିବସ ଭାବେ ପାଳନ କରିବା ପାଇଁ ଦଳ ନିଷ୍ପତ୍ତି ନେଇଛି । ଗଣତନ୍ତ୍ରକୁ ହତ୍ୟା କରିଥିବା ଲୋକମାନେ ଗଣତନ୍ତ୍ରର ବାର୍ତ୍ତାବହ ହେବା ପାଇଁ ଚେଷ୍ଟା କରୁଛନ୍ତି। ଏଥିଲାଗି ୨୫ ଜୁନକୁ ସରକାରୀ ସ୍ତରରେ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

ଶଙ୍ଖ ଭବନକୁ ଦିଆଯାଇଥିବା ସାଧାରଣ ପ୍ରଶାସନ ବିଭାଗ ଜମିର 'କିସମ' ସଡ଼କକୁ ବେଆଇନ ଭାବେ 'ଘରବାରି'କୁ ପରିବର୍ତ୍ତନ ହୋଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି ।

ସେହିପରି ରାଜ୍ୟ ତଥା ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଯେଉଁ ମହାନ ବ୍ୟକ୍ତିମାନେ ନିଜର ପ୍ରାଣ ଉତ୍ସର୍ଗ କରିଛନ୍ତି, ତାଙ୍କୁ ମଧ କାର୍ଯ୍ୟକାରିଣୀରେ ସ୍ମରଣ କରାଯାଇଥିଲା। ବିଜେଡି ୨୫ ବର୍ଷ ଶାସନରେ ଓଡ଼ିଶାର ଅସ୍ମିତା ଉପରେ ଆକ୍ରମଣ କରି ରକ୍ତାକ୍ତ କରିଥିଲା। ତେବେ ଓଡ଼ିଶା ଅସ୍ମିତାକୁ ଆଗାମୀ ଦିନରେ ରକ୍ଷା କରିବା ସହ ଆହୁରି ଋଦ୍ଧିମନ୍ତ କରି ବିଶ୍ୱ ଦରବାରରେ କିଭଳି ପହଞ୍ଚିବ ସେ ନେଇ ରାଜ୍ୟ କାର୍ଯ୍ୟକାରିଣୀରେ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକାରିଣୀରେ ଦୁର୍ନୀତିମୁକ୍ତ ସରକାର ପାଇଁ ସଂକଳ୍ପ ନିଆଯାଇଛି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିରେ ଚାଲିବ ସରକାର। ବିଜେଡି ସରକାର ୫-ଟି ନାଁରେ ବର୍ଷକୁ ୫୦ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ଲୁଟ୍ କରିଛି । ପୃଥିବୀରେ ତଥା ଭାରତ ବର୍ଷରେ ଖୋଲା ସୂର୍ଯ୍ୟାଲୋକରେ ଡକାୟତି କରିବାର ଏକ୍ସ୍ଡିଶାଳା ପାଲଟିଥିଲା ଓଡ଼ିଶା । ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ଲୋକଙ୍କ ପାଖରେ କଭଳି ପହଞ୍ଚିବ ସେ ନେଇ ଭାଜପା ସରକାର ସଂକଳ୍ପ ନେଇଛି । ଏବେ ଓଡ଼ିଶାରେ ଭାଜପା ସରକାର ଗଢ଼ିଛି। କିନ୍ତୁ ଏହାପୂର୍ବରୁ ମଧ ଓଡ଼ିଶାକୁ କେବେ ଅଣଦେଖା କରିନି କେନ୍ଦ୍ର ସରକାର । ଆର୍ଥିକ ପ୍ୟାକେଜ୍ ସହ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି । ଓଡ଼ିଶାର ସନ୍ତୁଳିତ ବିକାଶ ପାଇଁ ମୋହନ ସରକାର କାର୍ଯ୍ୟ କରିବ ବୋଲି ପୂଜାରୀ ଖବରଦାତା ସମ୍ମଳନୀରେ ସୂଚନା ପ୍ରଦାନ କରି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଓ ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଶଙ୍ଖ ଭବନ ସମ୍ପର୍କରେ ବିଭ୍ରାନ୍ତିକର ମନ୍ତବ୍ୟଦେବାରୁ କ୍ଷାନ୍ତ ରହୁ ଭାଜପା: ବିଜେଡି

ଭୁବନେଶ୍ୱର,୨୦।୭(ଅନିଲ ଦାସ)



ଶଙ୍ଖଭବନଠାରେ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ଓ ଲେନିନ୍ ମହାନ୍ତି।

ବିଜେଡିର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ଯେଉଁ ଜମି ଉପରେ ନିର୍ମାଣ ହୋଇଛି, ତାହା ସମ୍ପୂର୍ଣ୍ଣ ଆଇନସମ୍ମତ ଭାବେ ବିଜୁ ଜନତା ଦଳକୁ ଆବଣ୍ଟନ କରାଯାଇଛି । ଏହି ଆବଣ୍ଟନ ବେଞ୍ଚ ମାର୍କ ଭ୍ୟାଲୁ ଆଇନ ଆଧାରରେ କରାଯାଇଛି ବୋଲି ବିଜେଡି ମୁଖପାତ୍ର ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଶଙ୍ଖ ଭବନ ସମ୍ପର୍କିତ ଦିଆଯାଇଥିବା ବିବୃତି ଉପରେ ସ୍ପଷ୍ଟୀକରଣ ଦେଇ ଶନିବାର ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦତା ସମ୍ମିଳନୀରେ ସେ କହିଛନ୍ତ, ମୌଜା- ଗଙ୍ଗନଗର, ୟୁନିଟ୍ ୬, ତହସିଲ- ଭୁବନେଶ୍ୱର, ଖାତା ନଂ. ୧୧୨, ପ୍ଲଟ ନଂ. ୭୯୭ ପାର୍ଟ, ୭୯୮ ପାର୍ଟ, ୮୦୦, ୭୯୭/୮୪୯ରେ ଥିବା ପ୍ଲଟଗୁଡ଼ିକୁ କମ୍ପାକ୍ଟ ପାର୍ସଲରେ ପଟ୍ଟା ଦିଆଯାଇଛି । ଗଙ୍ଗନଗର ଅଞ୍ଚଳର ୨୦୨୧ ବେଞ୍ଚ ମାର୍କ ଭ୍ୟାଲୁ ଅନୁସାରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ କରାଯାଇଥିବା ଅର୍ଥ ପରିମାଣକୁ ବିଜେଡି ଦ୍ୱାରା ପୈଠ କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ କମିଟି ବୈଠକରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକଙ୍କ ଆବେଦନ ଅନୁଯାୟୀ ବିଜେଡି ଅଫିସ ପାଇଁ ୧ ଏକର ୧୮୩ ଡେସିମିଲ ଜମି ପ୍ରଦାନ କରାଯାଇଛି ।

ସେହି ଉଚ୍ଚସ୍ତରୀୟ କମିଟି ବୈଠକରେ ଭାଜପା ଅଫିସ ପାଇଁ ଖାରବେଳ ନଗରରେ ୧ ଏକର ୨୬୯ ଡେସିମିଲ ଜମି ପ୍ରଦାନ କରାଯାଇଛି । ବିଜେଡିକୁ ପ୍ରଦାନ କରାଯାଇଥିବା ଦୁଇଟି କ୍ୱାର୍ଟର୍ସର ଭିତରେ କଞ୍ଜରଭାନ୍ସି ଲେନ୍ ବା ଉପଗଳିକୁ ଓଜିଏଲ୍‌ଏସ୍ ରୁଲ୍ ୮ ଉପଧାରା ୪ ଅନୁଯାୟୀ ଇନ୍‌ଷ୍ଟିଚ୍ୟୁଶନାଲ ରେସିଡେନ୍ସି ନିୟମରେ ଆବଣ୍ଟନ କରାଯାଇଛି। ଏହି ଦୃଷ୍ଟିରୁ ୨ଟି କ୍ୱାର୍ଟର ମଝିରେ ଥିବା ଉପଗଳିକୁ ସଡ଼କ ବୋଲି ରାଜସ୍ୱ ମନ୍ତ୍ରୀ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଭୁଲ୍ । ରାଜସ୍ୱ ମନ୍ତ୍ରୀଙ୍କୁ ବୋଧେ ଠିକ୍ ତଥ୍ୟ ଅବଗତ କରାଯାଇ ନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭାଜପାର ଏହା ଅସହିଷ୍ଣୁ ନୀତି । ଶଙ୍ଖ ଭବନ ସମ୍ପର୍କରେ ମିଡିଆରେ ଗୁଜବ ଉପୁଜାଇ ସାଧାରଣରେ ବିଭ୍ରାନ୍ତି ସୃଷ୍ଟିକରିବା ଭାଜପାର ଉଦ୍ଦେଶ୍ୟ । କେବଳ ବ୍ଲେମ୍ ଗେମ୍ କରି ଉପରଠାଉରିଆ ଭାବେ ଭାଜପା ଖସିଯିବାକୁ ଚାହୁଁଛି। ଜଣେ ସାଧାରଣ ଲୋକ କହିଥିଲେ ଦୁଃଖ ଲାଗି ନ ଥାନ୍ତା, ହେଲେ ରାଜସ୍ୱ ମନ୍ତ୍ରୀ ଏଭଳି ବିଭ୍ରାନ୍ତିକର ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛନ୍ତି, ତାହା ଆଗ ପୂରଣ କରନ୍ତୁ ବୋଲି ସେ କହିଛନ୍ତି।

# ବିହାରରେ ଇଣ୍ଡିଆ ବ୍ଲକ୍ ନେତାଙ୍କ ବିକ୍ଷୋଭ

ପାଟନା,୨୦।୭(ପି.ଟି.)

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗ

ବିହାରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାରୁ ଏହାର ପ୍ରତିବାଦରେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ନେତା ଓ କର୍ମୀମାନେ ସାରା ରାଜ୍ୟରେ ଶନିବାର ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ଆର୍‌ଜେଡି, କଂଗ୍ରେସ, ପିପିଆଇ-ଏମ୍‌ଏଲ୍(ଲିବରେଶନ), ସିପିଆଇ(ଏମ୍), ସିପିଆଇ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତା ବିକ୍ଷୋଭରେ ସାମିଲ ହୋଇଥିଲେ। ପାଟନାରେ ସେମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଇନ୍‌କମ୍ ଟ୍ୟାକ୍ସ କ୍ରସିଂରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ଯାଇଥିଲେ। ବିହାର ପିସିସି ସଭାପତି ଅଖିଲେଶ ପ୍ରସାଦ ସିଂ କହିଛନ୍ତି, ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବାବେଳେ ନୀତୀଶ କୁମାରଙ୍କ ସରକାର ଏଥିରେ ସୁଧାର ଆଣିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ପ୍ରତିଦିନ ହତ୍ୟା, ବଳାତ୍କାର, ଅପହରଣ, ବଟି ଜୁଲମ ଲାଗିରହିଛି। ବିହାର ଜନସାଧାରଣ ଏହାକୁ ବରଦାସ୍ତ କରିବେ ନାହିଁ ଏବଂ ୨୦୨୫ ବିଧାନସଭା ନିର୍ବାଚନରେ ଏନ୍‌ଡିଏକୁ ଉପଯୁକ୍ତ ଜବାବ ଦେବେ ବୋଲି ଅଖିଲେଶ କହିଛନ୍ତି। ସିପିଆଇ(ଏମ୍‌ଏଲ୍) ଲିବରେଶନ ନେତା ମେହବୁବ ଆଲମ ମଧ ଅନୁରୂପ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିହାର ସରକାର ଈଶ୍ୱରଙ୍କ ଦୟାରେ ଚାଲିଛି। ଏଠାରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲାଣି। ଗୃହ ବିଭାଗ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ଯଦି ସ୍ଥିତି ନିୟନ୍ତ୍ରଣ କରିପାରୁ ନାହାନ୍ତି, ତେବେ ସେ ଇସ୍ତଫା ଦେଇଦେବା ଆବଶ୍ୟକ ବୋଲି ଆଲମ କହିଛନ୍ତି। ନିକଟରେ ପୂର୍ବତନ ମନ୍ତ୍ରୀ ମୁକେଶ ସାହନିଙ୍କ ବାପାଙ୍କୁ ହତ୍ୟା ଓ ଅନ୍ୟାନ୍ୟ ହିଂସାକାଣ୍ଡକୁ ନେଇ ବିରୋଧୀ ନେତାମାନେ ନୀତୀଶ କୁମାର ସରକାରଙ୍କୁ ସମାଲୋଚନା କରିଥିଲେ।

# ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୨୦।୭(ଅନିଲ ଦାସ)


ଶନିବାର ଶଙ୍ଖ ଭବନଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଉଛନ୍ତି।

- ଦରବୃଦ୍ଧି, ରଥଯାତ୍ରା କୁପରିଚାଳନା, ଏଏସ୍‌ଓଙ୍କୁ ମାଡ଼, ମାଗଣା ବିଜୁଳି ପ୍ରସଙ୍ଗରେ ସରକାରଙ୍କୁ ଘେରିବ ବିଜେଡି
- ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ ଉପରେ ନଜର ରଖିବ

ଆଉ ଦିନକ ପରେ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ। ଶାସକ ଦଳରୁ ପ୍ରଥମ ଥର ପାଇଁ ବିଜେଡି ବିରୋଧୀ ଦଳର ଭୂମିକା ନିର୍ବାହ କରିବାକୁ ଯାଉଛି । ବିଧାନସଭାରେ ସରକାରଙ୍କୁ ଘେରିବା ନେଇ ବିଜେଡି ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛି କି ନାହିଁ ତାହା ଉପରେ ବିଜେଡି ନଜର ରଖିବ। ଏଥିସହିତ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେଡି ଦର ବୃଦ୍ଧି, ରଥଯାତ୍ରାର କୁପରିଚାଳନା, ଆଇନ ଶୃଙ୍ଖଳା ପରିସ୍ଥିତି, ଏଏସ୍‌ଓଙ୍କୁ ମାଡ଼ ଘଟଣା, ବାଲେଶ୍ୱରରେ ସାମ୍ପ୍ରଦାୟିକ ଦଙ୍ଗା, ଜୁଲାଇରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଆଦି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବ । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଶଙ୍ଖ ଭବନଠାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଦଳର ବିରୋଧୀ ଦଳ ନେତାଙ୍କୁ ମିଶାଇ ୫୧ ଜଣ ସଦସ୍ୟ ଯୋଗ ଦେଇଥିଲେ। ବୈଠରେ ବିଭିନ୍ନ ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ବିଧାନସଭା ଅଧିବେଶନରେ ଦଳର ରଣନୀତି ଚୂଡ଼ାନ୍ତ କରାଯାଇଛି। ପ୍ରାରମ୍ଭରେ ବିଶିଷ୍ଟ କୃଷିବିତ୍ ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିଧାନସଭାରେ ଶତ ପ୍ରତିଶତ ଉପସ୍ଥିତି ସହ ନବାଗତ ବିଧାୟକମାନଙ୍କ ତାଲିମ ଉପରେ ନବୀନ ଆଲୋକପାତ କରିଛନ୍ତି। ଏହି ଅବସରରେ ବିଧାୟକଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଓଡ଼ିଶାବାସୀ ବିଜେଡିକୁ ନୂଆ ଦାୟିତ୍ୱ ଦେଇଛନ୍ତି । ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୃଢ଼ ଆତ୍ମବିଶ୍ୱାସ ସହ ଲୋକଙ୍କ ହକ୍ ପାଇଁ ଲଢ଼େଇ କରିବାକୁ ସେ ବିଧାୟକମାନଙ୍କୁ ଆହ୍ୱାନ୍ ଦେଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଧାୟକଙ୍କୁ ଯେଉଁ ବିଭାଗର ଦାୟିତ୍ୱ ଦେଇଛନ୍ତି ସେଥିପାଇଁ ସମସ୍ତେ ପ୍ରସ୍ତୁତ ହେବେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକୁ ତଦାରଖ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି । ରାଜ୍ୟର ସାଧାରଣ ଜନତାଙ୍କ ହିତ ପାଇଁ ବିରୋଧୀ ଦଳ ହିସାବରେ ଆଗାମୀ ବିଧାନସଭାରେ ରଣନୀତିକୁ ଶାଣିତ କରାଯିବ। ସରକାର କିଭଳି ଲକ୍ଷ୍ୟ ବିଚ୍ୟୁତ ନ ହେବେ ତାହା ଉପରେ ଧ୍ୟାନ ଦିଆଯିବ । ସକାରାତ୍ମକ ଭାବେ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗକୁ ବିଜେଡି ଉଠାଇବ ବୋଲି ସେ କହିଛନ୍ତି। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଯେଉଁ କଥା କହି ଭାଜପା ସରକାରକୁ ଆସିଛି, ପ୍ରଥମେ ସେହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ। ଧାନ, ବିଦ୍ୟୁତ୍ ଓ ଭତ୍ତା ଆଦି ପ୍ରତିଶ୍ରୁତି ସରକାର ପୂରଣ କରୁଛନ୍ତି କି ନାହିଁ, ତାହା ଉପରେ ତୀକ୍ଷ୍ଣ ନଜର ରଖାଯିବ। ଏଥିସହ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ ହେବ ବୋଲି ସେ କହିଛନ୍ତି। ବିଜେଡି ପ୍ରଥମ ଥର ବିରୋଧୀ ଦଳ ଭୂମିକା ନିର୍ବାହ କରିବାକୁ ଯାଉଥିବାରୁ ଆସନ୍ତା ଅଧିବେଶନ ରୋମାଞ୍ଚକର ହେବ ବୋଲି ଅନୁମାନ କରାଯାଉଛି। ବିଧାନସଭାରେ ବିଜେଡିର ୫୧ ଜଣ ସଦସ୍ୟ ରହିଛନ୍ତି। ରାଜ୍ୟ ସରକାର ନିକଟରେ ଲକ୍ଷ୍ମୀ ବସ୍‌ର ରଙ୍ଗ ବଦଳାଇବା ସହ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ନାମ ପରିବର୍ତ୍ତନ କରିଛନ୍ତି। ଏସବୁ ପ୍ରସଙ୍ଗକୁ ବିଜେଡି ବିଧାନସଭାରେ ଉଠାଇବା ସମ୍ଭାବନା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହ୍ୱାଟ୍ସଆପ୍‌ରେ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା)

୨୦୨୩-୨୪ ଆର୍ଥିକ ବର୍ଷ ଏବଂ ମୂଲ୍ୟାଙ୍କନ ବର୍ଷ ୨୦୨୪-୨୫ ପାଇଁ ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ସମୟସୀମା ଶେଷହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ଯଦି ଟିକସଦାତାମାନେ ଜରିମାନା ଏଡ଼ାଇବା ପାଇଁ ଯଥାଶୀଘ୍ର ରିଟର୍ନ ଦାଖଲ କରିବାକୁ ଚାହୁଁଛନ୍ତି, ତେବେ ହ୍ୱାଟ୍ସଆପ୍ ମାଧ୍ୟମରେ ଆୟକର ରିଟର୍ନ ଦାଖଲ କରିବା ସହଜ ହେଉଛି। ବିଶେଷକରି ଆଉଟସୋର୍ସିଂ ବା ଅସ୍ଥାୟୀ କର୍ମଚାରୀ ହ୍ୱାଟ୍ସଆପ୍ ମାଧ୍ୟମରେ ଟିକସ ଦାଖଲ କରିବାକୁ ସହଜ ମଣୁଛନ୍ତି। ହ୍ୱାଟ୍ସଆପ୍‌ରେ ଠିକ୍ ପୈଠ କରିବାକୁ ସର୍ବପ୍ରଥମେ କ୍ଲିୟର ଟ୍ୟାକ୍ସର ହ୍ୱାଟ୍ସଆପ୍ ନମ୍ବର ସେଭ୍ କରି 'ହାଏ' ମେସେଜ୍ କରିବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ଭାଷା ଚୟନକରି ଆବଶ୍ୟକ ବିବରଣୀ ଯେପରିକି ପ୍ୟାନ୍ ନମ୍ବର, ଆଧାର ନମ୍ବର, ବ୍ୟାଙ୍କ ବିବରଣୀ ଆଦି ଦେବାକୁ ପଡ଼ିବ। ଏହାପରେ ଏଆଇ ବଟ୍ ସାହାଯ୍ୟରେ ଆଇଟିଆର୍ ଫର୍ମ ୧ ରୁ ୪ ପୂରଣକରି ଦେୟ ପ୍ରକ୍ରିୟା ସମାପ୍ତ କରିବାକୁ ହେବ। ଦେୟ ପ୍ରଦାନ ପ୍ରକ୍ରିୟା ସମାପ୍ତହେବା ନେଇ ଉପଭୋକ୍ତାଙ୍କ ନମ୍ବରକୁ ଏକ ମେସେଜ୍ ଆସିବ।

# ଟାଟା ଷ୍ଟିଲ୍‌ର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର, ୨୦।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ 'ଟାଟା ଷ୍ଟିଲ୍'କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଟାଟା ଷ୍ଟିଲ୍‌ର ଓଡ଼ିଶା ୟୁନିଟ୍ ଅନ୍ତର୍ଗତ କଟକ ଜିଲାର ଆଠଗଡ଼ସ୍ଥିତ ଫେରୋକ୍ରୋମ୍ କାରଖାନାର ଉଲ୍ଲେଖନୀୟ ସଫଳତା ସହ୍ ନୂତନ ମାଇଲଖୁଣ୍ଟ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ଟାଟା ଷ୍ଟିଲ୍‌ର ଆଠଗଡ଼ସ୍ଥିତ ଫେରୋକ୍ରୋମ୍ କାରଖାନାଠାରେ ଫେରୋକ୍ରୋମ୍ ନିର୍ମାଣରେ ବାୟୋ ମାସ୍ ବ୍ୟବହାରର ସଫଳ ପରୀକ୍ଷଣ ହୋଇଯାଇଛି। ଏପରିକି କମ୍ପାନିର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍‌ଡି) ଅଧୀନରେ କାର୍ଯ୍ୟ କରୁଥିବା ଏହି କାରଖାନା ପାରମ୍ପରିକ କାର୍ବନ ଉତ୍ସର ଦୀର୍ଘସ୍ଥାୟୀ ବିକଳ୍ପ ଭାବେ ଏହି ପରୀକ୍ଷଣ କରିବାରେ ଭାରତର ପ୍ରଥମ କମ୍ପାନୀ ଭାବେ ଉଭା ହୋଇଛି। ଅପରପକ୍ଷରେ ଦୀର୍ଘସ୍ଥାୟୀ ଫେରୋକ୍ରୋମ ଉତ୍ପାଦନ ଏବଂ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି।



ଏହି ପରୀକ୍ଷଣରେ ଜୀବାଶ୍ମ ଇନ୍ଧନକୁ ଜୈବ ପଦାର୍ଥରୁ ପ୍ରାପ୍ତ ଏକ ଅକ୍ଷୟ ଶକ୍ତି ଉତ୍ସ ବାୟୋମାସ୍ ସହିତ ବଦଳାଇବାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଫେରୋକ୍ରୋମ୍ (ବାୟୋମାସର ୫% ବ୍ୟବହାର) ୦.୦୮-ଟନ୍ ସିଓ୨ ନିର୍ଗମନ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହା ଫେରୋକ୍ରୋମ୍ ପ୍ଲାଣ୍ଟରୁ ସମୁଦାୟ ସିଓ୨ ନିର୍ଗମନର ପ୍ରାୟ ୬% ବୋଲି କୁହାଯାଉଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଏହି ପରୀକ୍ଷଣ ଦୀର୍ଘସ୍ଥାୟିତ୍ୱ ଦିଗରେ ଆମର ପ୍ରତିଶ୍ରୁତି ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଆମ ପ୍ରୟାସର ଏକ ଅଂଶ । ଏପରିକି ବାୟୋମାସ୍‌ର ବ୍ୟବହାରକରି ଆମେ ଏକ ସ୍ୱଚ୍ଛ, ଦୀର୍ଘସ୍ଥାୟୀ ଉତ୍ପାଦନ ପ୍ରକ୍ରିୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ,ଯାହା ଏକ ସବୁଜ ଭବିଷ୍ୟତ ତିଆରି କରିବାରେ ଯୋଗଦାନ କରିବ। ଏହି ପଦକ୍ଷେପ ମାଧ୍ୟମରେ ପାରମ୍ପରିକ ଇନ୍ଧନ ବଦଳରେ କାର୍ବନ ନ୍ୟୁଟ୍ରାଲ୍ ବାୟୋମାସ୍ ବ୍ୟବହାର କରାଯିବ।

# ଲମ୍ୟାନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର, ୨୦।୭ (ଅଭୟ ଦାଶ)




କେୱାଲ କିରଣ କ୍ଲୋଦିଂ ଲିମିଟେଡ୍(କେକେସିଏଲ୍)ର ମେନ୍ସ ଫ୍ୟାଶନ୍ ବ୍ରାଣ୍ଡ 'ଲମ୍ୟାନ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ କେନ୍ଦ୍ରାପଡ଼ାର ଦୁହୁରିଆ ଛକସ୍ଥିତ ରାଜକିଶୋର ମାର୍କେଟ କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏଠାରେ ସର୍ଟସ, ଟି-ଶାର୍ଟ, ଜିନ୍ସ, କାଜୁଆଲ ଶାର୍ଟ, କାଜୁଆଲ ପ୍ୟାଟ୍, କାର୍ଗୋ ଏବଂ ଟ୍ରାଭେଲ ପ୍ୟାଣ୍ଟକୁ ନେଇ ଏକ ଟ୍ରେଣ୍ଡି ପୋଷାକ ଲାଇନ ଅଫ ରହିଛି। ବିଶେଷକରି ଶ୍ରେଷ୍ଠ ଟ୍ରେଣ୍ଡିଂ ଡିଜାଇନ, ନୂଆ ଯୁଗର କପଡ଼ା, ପୁରୁଷଙ୍କ କାଜୁଆଲ୍, ୱାର୍କ ଓ ପାର୍ଟି ପୋଷାକର ମାନବୃଦ୍ଧି ମଧ୍ୟ କରାଯାଇଛି। ଏପରିକି ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଉପଯୁକ୍ତ ମୂଲ୍ୟର ପୋଷାକ ସାଙ୍ଗକୁ ଷ୍ଟୋରରେ ଗ୍ରାହକଙ୍କ ଫ୍ୟାଶନ ପୋଷାକ ଯାତ୍ରାକୁ ଦିନ ଓ ରାତି ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ୱାର୍ଡରୋବ୍ ସମାଧାନ ପ୍ରଦାନ କରାଯାଇଥାଏ। ଓଡ଼ିଶା ବଜାରରେ ବ୍ରାଣ୍ଡ ତା'ର ନୂତନ ଷ୍ଟୋରର ଶୁଭାରମ୍ଭ ସହ ଫୁଟ୍‌ପ୍ରିଣ୍ଟକୁ ଆହୁରି ସୁଦୃଢ଼ କରିବା ପାଇଁ ମଧ୍ୟ କମ୍ପାନୀ ଦୃଢ଼ ଯୋଜନା ଘୋଷଣା କରିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ କମ୍ପାନୀ ଆଉ ୫୦ଟି ଷ୍ଟୋର ଖୋଲିବାକୁ ଯୋଜନା ରଖିଛି। ଏପରିକି ସ୍ମାର୍ଟ, ଷ୍ଟାଇଲିଶ୍ ଏବଂ ଆରାମଦାୟକ ପୋଷାକ ପିନ୍ଧିବା ପାଇଁ ଓଡ଼ିଶାର ଫ୍ୟାଶନ ଫରୱାର୍ଡ ପୁରୁଷଙ୍କ ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲମ୍ୟାନ୍‌ଙ୍କ ଏହି ଦ୍ରୁତ ସମ୍ପ୍ରସାରଣ ଯୋଜନା ରହିଛି।

ଏ ସମ୍ପର୍କରେ କେକେସିଏଲ୍‌ର ନିର୍ଦ୍ଦେଶକ ଦିନେଶ ଜୈନ କହିଛନ୍ତି, କେନ୍ଦ୍ରାପଡ଼ାଠାରେ ଆମେ ଆମର ନୂଆ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସମ୍ପୃକ୍ତ ଅଞ୍ଚଳର ଗ୍ରାହକମାନଙ୍କୁ ଟପ୍-ନୋଚ୍ ଫ୍ୟାଶନ୍ ସଲ୍ୟୁସନ୍ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହା ସୂଚିତ କରୁଛି। ସେହିଭଳି ଲମ୍ୟାନ୍‌ରେ ଆମେ ସମସାମୟିକ ଡିଜାଇନଗୁଡ଼ିକୁ ଏକ ଅତୁଳନୀୟ ଆରାମରେ ବାନ୍ଧିବାର ବିଶ୍ୱାସ କରିଥାଉ। ଓଡ଼ିଶା ବଜାରରେ ଆମର ଉପସ୍ଥିତି ବଢୁଥିବା ବେଳେ ଷ୍ଟାଇଲିଶ୍ ଓ ସୁଲଭ ଫ୍ୟାଶନକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

# ଉପଭୋକ୍ତାଙ୍କ ସୁରକ୍ଷାକୁ ଟିପିସିଓଡିଏଲ୍‌ର ପ୍ରାଥମିକତା

ଭୁବନେଶ୍ୱର, ୨୦।୭ (ଅଭୟ ଦାଶ)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ସବୁବେଳେ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଆସିଛି। ଏପରିକି ନିକଟରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମୋବାଇଲ ଫୋନ୍‌କୁ ଅନଧିକୃତ ମେସେଜ୍ ଆସୁଛି,ଯେଉଁଥିରେ ପେମେଣ୍ଟ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେବାର ଧମକ ମଧ୍ୟ ଦିଆଯାଉଛି। ସେହିଭଳି ଅଣ-ଅନୁମୋଦିତ ମୋବାଇଲ ନମ୍ବର ଏବଂ ଆଇଡି ବ୍ୟବହାରକରି ଅନଧିକୃତ ବ୍ୟକ୍ତି ଏହି ମେସେଜ୍ ପଠାଉଛନ୍ତି। ଏପରିକି ବିଲ୍ ପେମେଣ୍ଟ ଏବଂ ସେବା ସକ୍ରିୟ କରିବା ସମ୍ପର୍କରେ ଅଜଣା ନମ୍ବରରୁ ଆସିଥିବା ଲିଙ୍କ୍ ଉପରେ କ୍ଲିକ୍ ନ କରିବାକୁ କିମ୍ବା ଏସ୍‌ଏମ୍‌ଏସ୍ ଓ ହ୍ୱାଟ୍ସଆପ୍ ମେସେଜ୍‌ରେ ଯୋଗାଯୋଗ ନ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଉପଭୋକ୍ତାଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହୋଇଥିଲାବେଳେ ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ, ସତର୍କତା ଅବଲମ୍ବନ କରିବା ସହିତ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ଜାଣିବାକୁ ପାଇଲେ ତୁରନ୍ତ ସୂଚନା ଦିଅନ୍ତୁ। ଆମେ ମିଳିମିଶି ଏହି ଠକେଇ କାର୍ଯ୍ୟକଳାପ ବିରୋଧରେ ଲଢ଼ିପାରିବା ଏବଂ ଆମର ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ସୁରକ୍ଷିତ ଅନୁଭୂତି ସୁନିଶ୍ଚିତ କରିପାରିବା।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

M.Tech ଶିକ୍ଷା ଥିବା ଇଞ୍ଜିନିୟର ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ବେତନ ପାଉଥିବା 29 ବର୍ଷୀୟ 5'8" ଗୌରବର୍ଣ୍ଣ ବରପାତ୍ର ପାଇଁ ଉପଯୁକ୍ତା, ଶିକ୍ଷିତା, ସୁନ୍ଦରୀ ବଙ୍ଗୀୟ କାୟସ୍ଥ/ କରଣ/ଖଣ୍ଡାୟତ ଘରୋଇ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ ନଂ.- 9078024981, 9658672800. D-754

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926. D-783

Bride Wanted (Urban/ Village) for a Odisha born Software Lead Data Engineer in a MNC at Bangalore, Caste/ Education- No bar. Whatsapp No- 7847956275, 8908700485. D-716

## GROOM WANTED

ବୟସ 32 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-75342


REAL ESTATE

## SALE

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-789

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp- 9438677819". D-713

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 850/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75762

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680




750sqft. space for Showroom, Rabi Talkies, Cuttack Puri main road, BBSR. Contact- 6370061224. D-76015

## ACCOMMODATION

Free Accommodation for Senior Citizens and Mentally ill person with all facilities. Contact- 9337160036, 7326991853. D-782




Fully relaxed body massage trained therapist. Central SPA. 9556483961. D-75763

**Full body massage experience, good looking therapist @ 999 (Bhubaneswar). 9078484455.** D-676

Relax refreshment body massage therapy by experience lady therapist. 7008773793. D-76133

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax, refresh your body, mind by expert therapist. Contact: 9938843929. D-768

## LOST

By virtue of an affidavit sworn before the Notary, Rajgangpur dated 05.06.2024 that I, Alok Ranjan Singh (43), S/o- Ganesh Ram Singh, Brahmanpara Ekma, P.O.-Ekma, P.S.- Baragaon, Dist.- Sundargarh, Aadhaar No.- 416794179148 declare that I am the rightful owner of Regd. Sale Deed Vide No.- 11761100810 of 2011 executed in Sub Registrar Office Rajgangpur that the Original Sale Deed has been lost some where at between Bargaon to Rourkela during transit by Bus and in spite of my best efforts it could not be traced out I hereby undertake that I will deposit the Original copy if it will be traced out in future. That, I Swear this affidavit to produce the same before the competent authority for reference to record. That the fact stated above are true to the best of my knowledge & belief. D-798

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

Pranaya Kumar Sahu, S/o- Sachindra Prasad Sahu, Darzipokhori, Nayabazar, Abdulpur, Balasore, Henceforth, is known as Pranay Kumar Sahu. D-797

Affidavit before Executive Magistrate, Dhenkanal, I Manjulata Dehury, W/o- Sridhar Dehury, Village- Sitalabas, Raibola, P.S.-Kamakhyanagar, Dist.-Dhenkanal, have changed my name from Sanjulata Biswal to Manjulata Dehury for LIC Policy-586487125 and all purposes. D-75439

By virtue of an affidavit sworn before the Executive Magistrate, Bhubaneswar, I, Sadhana Mohapatra, resident of LC- 135/23, Phase-II, Sailashree Vihar, Chandrasekharpur, Bhubaneswar my daughter's name has been wrongly recorded as Trisha Mahapatra, D/o- Sumadhab Mahapatra and Sadhana Mahapatra in her Birth Certificate instead of correct name Trisha Mohapatra, D/o- Sumadhab Mohapatra and Sadhana Mohapatra, Aadhaar Card No.- xxxx xxxx 7619. By this affidavit No.- 65AA800884, dated 20.07.2024, I, declare that Trisha Mahapatra, D/o- Sumadhab Mahapatra and Sadhana Mahapatra and Trisha Mohapatra, D/o- Sumadhab Mohapatra and Sadhana Mohapatra are same person. D-790

I, Bhagyashree Agarwal, W/o Piyush Agarwal, resident, N2-106, IRC Village, Nayapalli, Bhubaneswar, Khurdha, Odisha-751015, Declare by this affidavit - 12AA739117 (19.07.2024), That now onwards I shall be known as Bhagyashree Agrawal for all future purposes. D-793

# ମନେ ପଡ଼ନ୍ତି

## ଶୋକର ଛାୟା



**ସ୍ୱର୍ଗତା ଜାନକୀ ପାଢ଼ୀ**

ସ୍ୱାମୀ- ସ୍ୱର୍ଗତ ସୁରେନ୍ଦ୍ରନାଥ ପାଢ଼ୀ
ଜାହାଡ଼ା, ଧରାକୋଟ, ଗଞ୍ଜାମ
ଇହଲୀଳା: ୧୯।୦୭।୨୦୨୪ ଶୁକ୍ରବାର (ଆଷାଢ଼ ଶୁକ୍ଳପକ୍ଷ, ତ୍ରୟୋଦଶୀ) ତିଥିରେ ୮୬ବର୍ଷ ବୟସରେ ସ୍ୱର୍ଗାରୋହଣ କରି ଆମ ସମସ୍ତଙ୍କୁ ଏକୁଟିଆ କରି ଚାଲିଗଲ ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଜାହାଡ଼ା ଗ୍ରାମନିବାସୀ ।
ଧ-୭୯୬

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ. ସ୍ୱର୍ଣ୍ଣଲତା ସେଠୀ**

ମୂଳଗାଁ, ଜଗତସିଂହପୁର
ଆବିର୍ଭାବ- ୦୭.୦୩.୧୯୩୯ | ତିରୋଧାନ- ୧୩.୦୭.୨୦୨୨

ମିତ୍ରାଣି ଧନ ଧାନ୍ୟାନି ପ୍ରଜାନାଂ ସମ୍ମତାନିବ ।
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ॥

ବୋଉ, ଆଜକୁ ଦୁଇ ବର୍ଷ ହେବ ତୁମେ ଆମ ଗହଣରେ ନ ରହି ପରମଧାମକୁ ପ୍ରାପ୍ତ ହେଲ । ତୁମର ପ୍ରେରଣା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଓ ପରୋପକାରୀତା ଆମକୁ ଆଜି ନିଜ ଗୋଡ଼ରେ ଠିଆ କରାଇବାରେ ସାହାଯ୍ୟ କରିଛି । ଆଜିର ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

-: ଶୋକସନ୍ତପ୍ତ :-
ପୁତ୍ର ଓ ପୁତ୍ରବଧୂଗଣ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୩୪୩

## ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅନିରୁଦ୍ଧ ମହାନ୍ତି**
(ଗୁରୁ ପୂର୍ଣ୍ଣିମା ତିଥି)

ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭

ବାପା, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ରାମେଶ୍ୱର ଓ ଶ୍ରୀମଦ୍ ବାୟା ବାବା ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।

ତୁମର ପୁଅ, ବୋହୂ, ଝିଅ-ଜ୍ୱାଇଁ, ଝିଅ ଓ ନାତୁଣୀମାନେ ଓ ଆତ୍ମୀୟସ୍ୱଜନମାନେ
ଧ-୭୮୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଏଟିଏମ୍ କାଟି ୬ଲକ୍ଷ ଲୁଟ




ସୁନ୍ଦରଗଡ଼,୨୦।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସୁନାରୀପଡା ରାସ୍ତାର ପୁରୁଣା ସିନେମା ହଲ ସମ୍ମୁଖରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ୍‌କୁ କାଟି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୬ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକ ଅରବିନ୍ଦ କୁଣ୍ଡୁ ଶନିବାର ସକାଳେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ. ୧୯୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ୟାସ କଟରରେ ଏଟିଏମ୍‌କୁ କାଟି ସେଥିରେ ଥିବା ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏପରିକି ଲୁଟ ବେଳେ ଦୁର୍ବୃତ୍ତମାନେ ସେଠାରେ ଲାଗି ଥିବା ସିସିଟିଭି କ୍ୟାମେରା ଉପରେ କଳା ରଙ୍ଗ ବୋଳି ଦେଇଥିଲେ। ଫଳରେ ପୋଲିସ ସେମାନଙ୍କୁ ଠାବ କରିପାରୁନାହିଁ।

# ଗିରଫ ଭୟରେ ଗାଁ ଜନଶୂନ୍ୟ

ନୂଆପଡ଼ା,୨୦।୭ (ମକାରୁ ବେମାଲ)

## ପୋଲିସକୁ ଆକ୍ରମଣ ଘଟଣା

■ ତଦନ୍ତ ପାଇଁ ଗାଁରେ ପହଞ୍ଚିଲେ ଏସ୍‌ପି, ପୋଲିସ ଟିମ୍

■ ୩ ଜଣଙ୍କୁ ଅଟକ ରଖି ପଚରାଉଚରା

ନୂଆପଡ଼ା ଜିଲା କୋମନା ଥାନା ମିଛାପାଲି ପଞ୍ଚାୟତ ବରକୋଟ ଗାଁରେ ଶୁକ୍ରବାର ରାତ୍ରିରେ ପୋଲିସ ଉପରକୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଗାଁର ୧୬ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଆଣି ଥାନାରେ ଅଟକ ରଖି ପଚାରାଉଚରା କରୁଛି। ଗିରଫ ଭୟରେ ଗାଁ ଜନଶୂନ୍ୟ ହୋଇପଡ଼ିଛି। ମାମଲା ରୁଜୁ ହୋଇଥିବା ଅଭିଯୁକ୍ତମାନେ ହେଲେ ମନୋଜ ସାହୁ, ଜୟରାମ ସାହୁ, ଗଣ୍ଡାରାମ ସାହୁ, ଯଦୁମଣି ସାହୁ, କେଶବ ସାହୁ, ରିଙ୍କୁ ସାହୁ, ଧର୍ମେନ୍ଦ୍ର ସାହୁ, ବିକୁ ସାହୁ, ଆକାଶ ସାହୁ, ସୌମ୍ୟ ରଞ୍ଜନ ସାହୁ, କଲ୍ୟାଣୀ ସାହୁ, ମଞ୍ଜୁଲତା ସାହୁ, ଗୋଲାପ ସାହୁ, କାନ୍ତି ସାହୁ, ରଜନୀ ସାହୁ ଓ ସୁଜାତା ସାହୁ।

ସୂଚନା ଅନୁସାରେ ମେ' ୩୦ରେ ବରକୋଟ ଗାଁରେ ବିଦ୍ୟୁତ୍ କାଟକୁ ନେଇ ଗାଁ ଲୋକେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ୩ ଘଣ୍ଟା ଖରାରେ ବସାଇଥିଲେ। ଏ ନେଇ ବିଦ୍ୟୁତ୍ କର୍ମଚାରୀ ଗାଁର କେତେଜଣ ବ୍ୟକ୍ତିଙ୍କ ନାମରେ କୋମନା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ଗ୍ରାମର ଅଶୋକ



ଗାଁରୁ ତଦନ୍ତ କରି ଫେରୁଛନ୍ତି ଏସ୍‌ପି ଓ ଅନ୍ୟ ପୋଲିସ କର୍ମଚାରୀ।

ସାହୁଙ୍କ ନାମରେ ମାମଲା ରୁଜୁ କରିଥିଲା। ଗିରଫ ଭୟରେ ଅଶୋକ ଫେରାର ଥିଲେ। ସେ ଘରକୁ ଆସିଥିବା ଖବର ପାଇ ପୋଲିସ ଟିମ୍ ଶୁକ୍ରବାର ରାତ୍ରିରେ ତାଙ୍କୁ ଗିରଫ କରିବାକୁ ଯାଇ ପରିବାର ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ଜଣେ ଏସ୍‌ଆଇ,ଏଏସ୍‌ଆଇ ଓ ୬ ଜଣ କନଷ୍ଟେବଲ ଆହତ ହୋଇଥିଲେ। ଏହି ଘଟଣା ପରେ ଶନିବାର ନୂଆପଡା ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଅନ୍ୟ ପୋଲିସ ଅଧିକାରୀଙ୍କ ସହ ବରକୋଟ ଗାଁକୁ ଯାଇ ସରଜମିନ ତଦନ୍ତ କରି ଫେରିଛନ୍ତି। ଗିରଫ ଭୟରେ ଗାଁ ଜନଶୂନ୍ୟ ହୋଇପଡିଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାରୁ କାହାରିକୁ ଗିରଫ କରାଯାଇ ନାହିଁ। ପୋଲିସ ଜଣେ ଯୁବତୀ, ଜଣେ ବିଧବା ମହିଳା ଓ ଅନ୍ୟ ଜଣେ ବୃଦ୍ଧାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ପୋଲିସ ଉପରେ ଅତର୍କିତ ଆକ୍ରମଣ ଓ ପୋଲିସ ଗାଡି ଭାଙ୍ଗି ଥିବାରୁ ପୋଲିସ ନିଜଆଡୁ ଏକ ମାମଲା (ନଂ.୧୩୫/୨୪) ରୁଜୁକରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଜାରି ରଖିଛି।

ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରୁ ୧୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ଶୁକ୍ରବାର ରାତ୍ରିରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ କୋମନା ପୋଲିସ ଟିମ୍ ବରକୋଟ ଗାଁକୁ ଯାଇଥିଲା। ସେ ସମୟରେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ସେଥିରେ ୮ ଜଣ କର୍ମଚାରୀ ଆହତ ହୋଇଥିଲେ। ଏହାର ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ବହୁତ ଶୀଘ୍ର ଧରାଯିବ ବୋଲି ସେ କହିଥିଲେ।

# ୫ ଆନ୍ତଃ ରାଜ୍ୟ ଡକାୟତ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ସୋର, ୨୦।୭(ଜନ୍ମେଜୟ ମିଶ୍ର)

■ ୧ଲକ୍ଷ ୫୯ ହଜାର ଟଙ୍କା ଜବତ

■ ପିସ୍ତଲ ସହ ୫ ରାଉଣ୍ଡ ଗୁଳି, ୪ ମୋବାଇଲ ଜବତ

ବାଲେଶ୍ୱର ଜିଲା ସୋର ଓ ଖଇରା ଥାନା ଅଧୀନରେ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ସାଇବର କ୍ରାଇମ ଓ ବାଲେଶ୍ୱର ପୋଲିସ ମିଳିତ ଉଦ୍ୟମରେ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ ଜଣ ଫେରାର ଅଛନ୍ତି। ସେମାନଙ୍କଠାରୁ ୧ଲକ୍ଷ ୫୯ହଜାର ଟଙ୍କା, ଗୋଟିଏ ପିସ୍ତଲ, ୫ ରାଉଣ୍ଡ ଗୁଳି, ଦୁଇଟି ମୋଟରସାଇକେଲ ଓ ୪ଟି ମୋବାଇଲ ଜବତ କରାଯାଇଥିବା ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଶନିବାର ସୋର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୋର ଥାନା ଅଧୀନ ବେଲପୁର ଗ୍ରାମର ଶରତ କୁମାର ଦାସ ଗତ ୫ ତାରିଖରେ ପେଟ୍ରୋଲ ପମ୍ପ ବନ୍ଦ କରି ତାଙ୍କ ଷ୍ଟାଫ୍‌ଙ୍କ ସହିତ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ଟା ୩୦ମିନିଟ୍‌ରେ ଦୁଇଟି ବାଇକ୍‌ରେ ୫ଜଣ ଆସି ପିସ୍ତଲ ଦେଖାଇ ଭୟଭୀତ କରି ୩ଲକ୍ଷ ୨୦ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ମାମଲା (ନଂ. ୬୦୭/୨୪)ରୁଜୁ ହୋଇଥିଲା। ସେହିପରି ଖଇରା ଥାନା ଅଧୀନ ବର୍ତ୍ତନାଠାରେ ଜଣେ ପେଟ୍ରୋଲ ପମ୍ପ ମାଲିକଙ୍କଠାରୁ ଗତ ୯ ତାରିଖ ଦିନ ଦ୍ୱିପ୍ରହରରେ ୫ଜଣ ଯୁବକ ବାଇକ୍‌ରେ ଆସି ୨ରାଉଣ୍ଡ ଗୁଳି ଫୁଟାଇ ୧୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଗିରଫ ୫ଜଣଙ୍କ ନାମରେ ସୋର, ସିମୁଳିଆ, ଖଇରା, ବାଲେଶ୍ୱର, ଭଦ୍ରକ, ବାସୁଦେବପୁର ଓ ମହାରାଷ୍ଟ୍ରରେ ୬ରୁ ଅଧିକ ମାମଲା ରହିଛି ବୋଲି ଏସ୍‌ପି କହିଛନ୍ତି। ଅନ୍ୟ ୩ ଜଣ ଖୁବ୍‌ଶୀଘ୍ର ଧରାପଡ଼ିଯିବେ ବୋଲି କହିଛନ୍ତି। ଗିରଫ ଡକାୟତମାନେ ହେଲେ ସୋର ଥାନା ଦାଣ୍ଡହରିପୁର ଗ୍ରାମର ପ୍ରଫୁଲ୍ଲ ମଲିକ (୨୪), ବୁଢ଼େଇ ଗ୍ରାମର କମଳାକାନ୍ତ ଦାସ (୩୩), ଅନ୍ୟ ଜଣେ ଶରତ କୁମାର ମଲିକ (୨୬) ବେଲପୁର ଗ୍ରାମର ଏସ୍‌କେ ସମରାଜ (୨୦), ଅନ୍ୟ ଜଣେ ବିହାର ରାଜ୍ୟ ବୈଶାଳୀ ଜିଲାର ଲୋକେଶ ସିଂ (୩୦)। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ କହି ଠକେଇ

■ ଟାଉନ ଥାନାର ଦ୍ୱାରସ୍ଥ ହେଲେ ୨ ଅଭିଯୋଗକାରୀ

■ ଦିଲ୍ଲୀ ସାଇବର ଥାନା ପୋଲିସ ଦ୍ୱାରା ଖୋଳତାଡ଼

■ ଆକାଉଣ୍ଟ ଫ୍ରିଜ୍ କରିବା ପାଇଁ ବ୍ୟାଙ୍କକୁ ନୋଟିସ

ଢେଙ୍କାନାଳ,୨୦।୭(ରତନ ନାୟାର)




ଅଭିଯୋଗକାରୀ ଟାଉନ ଥାନାରେ ଅଭିଯୋଗ କରୁଛନ୍ତି।

ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ ବୋଲି କହି ଢେଙ୍କାନାଳ ଭଗବାନପୁର ଅଞ୍ଚଳର ବାପପୁଅ ସେଠାକାର ୨ଜଣଙ୍କୁ ଠକେଇ କରିଥିବା ଶନିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ୨ ଅଭିଯୋଗକାରୀ ହେଲେ ସହରସ୍ଥିତ ରାମେଶ୍ୱରପୁର ଅଞ୍ଚଳର ସ୍ୱାମୀହରା ମହିଳା ମୀନା ରାୟ ଓ ସାଗର ନାୟକ(୩୬)।

ଅଭିଯୋଗରେ ମୀନା ଓ ସାଗର ଦର୍ଶାଇଛନ୍ତି, ଅଭିଯୁକ୍ତ ବାପପୁଅ ସେମାନଙ୍କୁ ପ୍ରଲୋଭନ ଦେଖାଇ ଢେଙ୍କାନାଳ ଚନ୍ଦନ ବଜାର ଠାରେ ଥିବା ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଇଥିଲେ। ଏହାପରେ ବ୍ୟାଙ୍କରୁ ମିଳିଥିବା ଚେକ୍ ବହି, ଏଟିଏମ୍‌କୁ ଅଭିଯୁକ୍ତ ବାପପୁଅ ନିଜ ପାଖରେ ରଖିଥିଲେ। କିଛିଦିନ ତଳେ ମୀନାଙ୍କ ଆକାଉଣ୍ଟକୁ ବହୁତ ଟଙ୍କା ଆସିଥିବା ନେଇ ବ୍ୟାଙ୍କ ପକ୍ଷରୁ ଏକ ନୋଟିସ ଆସିଥିଲା। ସେହିପରି ଅନ୍ୟତମ ଅଭିଯୋଗକାରୀ ସାଗର ନାୟକଙ୍କ ଆକାଉଣ୍ଟକୁ ୧ କୋଟି ୭୫ ଲକ୍ଷ ୮୮ ହଜାର ୪୨୮ ଟଙ୍କା ଆସିଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ମଧ ନୋଟିସ୍ କରିଛନ୍ତି। ଦିଲ୍ଲୀ ଏସିପି ସାଇବର ସେଲ୍-୧ ପକ୍ଷରୁ ନଂ. ୨୮୪/୨୪ ତା ୨୮।୦୬।୨୦୨୪ରେ ମିଳିଥିବା ପତ୍ର ଅନୁଯାୟୀ ଉଭୟ ଆକାଉଣ୍ଟଧାରୀଙ୍କୁ ଢେଙ୍କାନାଳ ଚନ୍ଦନବଜାର ଠାରେ ଥିବା ଫେଡେରାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ନୋଟିସ କରିବା ସହିତ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଓ ଆକାଉଣ୍ଟ ବନ୍ଦ କରାଯିବ ବୋଲି ଜଣାଇଛନ୍ତି। ଏହି ନୋଟିସ୍ ପାଇବା ପରେ ଅଭିଯୋଗକାରୀ ମୀନା ଓ ସାଗର ବ୍ୟାଙ୍କକୁ ଯାଇ ବୁଝିବାରୁ ସେମାନଙ୍କ ଆକାଉଣ୍ଟକୁ ଆସିଥିବା ଟଙ୍କା କେହି ଉଠାଇ ନେଇଥିବା ଜାଣିବାକୁ ପାଇଛନ୍ତି। ସେମାନଙ୍କ ଆକାଉଣ୍ଟରେ ଏତେ ପରିମାଣର ଅର୍ଥ କେଉଁଠୁ ଆସିଲା ତାହା ଜାଣି ନ ଥିବା ଦୁହେଁ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ଫେଡେରାଲ ବ୍ୟାଙ୍କ ଶାଖା ପରିଚାଳକ ଲିପିଶ୍ରୀ ମହାନ୍ତି କହିଛନ୍ତି, ଆକାଉଣ୍ଟ ଖୋଲିଥିବା ମହିଳା କିମ୍ବା ପୋଲିସ ତଥ୍ୟ ମାଗିଲେ ବ୍ୟାଙ୍କ ପକ୍ଷରୁ ସେମାନଙ୍କୁ ଷ୍ଟେଟ୍‌ମେଣ୍ଟ ଦିଆଯିବ। ଯେଉଁମାନେ ଆକାଉଣ୍ଟ ଖୋଲୁଛନ୍ତି, ସେମାନଙ୍କୁ ପାସ୍‌ବୁକ ଓ ଆକାଉଣ୍ଟ ଜନିତ ତଥ୍ୟ, ଏଟିଏମ୍ ନମ୍ବର ଓ ଚେକ୍‌ବୁକ୍ କାହାକୁ ନ ଦେବାକୁ ବାରମ୍ବାର କୁହାଯାଉଛି। ଅଭିଯୋଗକାରୀ ସେମାନଙ୍କ ଆକାଉଣ୍ଟ ନମ୍ବର ଆଣିଦେଲେ ତାହାକୁ ଯାଞ୍ଚ କରାଯିବ। ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଠକେଇ ସମ୍ପର୍କିତ ଅଭିଯୋଗ ମିଳିଛି। କିନ୍ତୁ ସେଥିରେ କୌଣସି ଆକାଉଣ୍ଟ ନମ୍ବର କିମ୍ବା ତଥ୍ୟ ନାହିଁ, ତେଣୁ ମାମଲା ରୁଜୁ ହୋଇପାରିନାହିଁ। ଅଭିଯୁକ୍ତଙ୍କୁ ଆଣି ପଚରାଉଚରା କରାଯିବ। ଆକାଉଣ୍ଟ ନମ୍ବର ମିଳିଲେ ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ପୋଲିସକୁ ଧକ୍କାଦେଇ କୋର୍ଟରୁ ଅଭିଯୁକ୍ତ ଚମ୍ପଟ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୋକ୍ସୋ କୋର୍ଟ ପରିସରରୁ ଶନିବାର ପୋଲିସକୁ ଧକ୍କାଦେଇ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ଫାଣ୍ଡି ଅଞ୍ଚଳର ସୁକାନ୍ତ ନାୟକ। ସେ ଫେରାର ହେବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ସୁକାନ୍ତଙ୍କୁ ଧରିବା ପାଇଁ ବିଭିନ୍ନ ଥାନାରେ ଚଢ଼ାଉ ଜାରି ରଖିଛି।

ସୂଚନା ମୁତାବକ, ଏକ ମାମଲାରେ ସୁକାନ୍ତ ଭୁବନେଶ୍ୱର ଝାରପଡ଼ା ଜେଲରେ ବିଚାରାଧୀନ ବନ୍ଦୀଭାବେ ସଜା କାଟୁଥିଲେ। ଉକ୍ତ ମାମଲାର ଶନିବାର ଶୁଣାଣି ଥିବା ବେଳେ ଅପରାହ୍ନରେ ପୋଲିସ ତାଙ୍କୁ କଡ଼ା ସୁରକ୍ଷା ବଳୟରେ ଖୋର୍ଦ୍ଧା ପୋକ୍ସୋ କୋର୍ଟକୁ ଆଣିଥିଲା। ତେବେ ଅସାବଧାନତାରୁ ସୁକାନ୍ତ ପୋଲିସକୁ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୋର୍ଟ ପଛପଟେ ବାହାରକୁ ଆସି ଗୀତାଭବନ ପଡିଆ ଦେଇ ଜିଲାପାଳଙ୍କ ବାସଭବନ ରାସ୍ତା ଦେଇ ଖସି ଯାଇଥିଲେ। ତାଙ୍କୁ ଧରିବା ପାଇଁ ଖୋର୍ଦ୍ଧା ପୋଲିସ ଏବଂ କମିଶନରେଟ ପୋଲିସ ଗୋଡ଼ାଇଥିଲେ ମଧ ତାଙ୍କୁ ଧରିପାରି ନ ଥିଲା। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନାର ଏକ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସୁକାନ୍ତଙ୍କ କୌଣସି ସନ୍ଧାନ ପାଇପାରି ନ ଥିଲା। ସେ କୋର୍ଟ ପରିସରରୁ ଚମ୍ପଟ ମାରିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ସୁକାନ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ନଦୀରୁ ଅଚିହ୍ନା ମୃତଦେହ ଜବତ, ହତ୍ୟା ସନ୍ଦେହ

କଣ୍ଟାପଡ଼ା,୨୦।୭(ସୁରନାରାୟଣ ସାହୁ)

କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ କନ୍ଦଳ ନଦୀର ଉରାଡ଼ ଗ୍ରାମ ନିକଟ ତେଲିଯୋଡି ମୁହାଣ ନିକଟରୁ ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଶନିବାର ଜବତ କରିଛି। ମୃତକ ଜଣଙ୍କ ଧଳାରଙ୍ଗର ଶାର୍ଟ, ନୀଳରଙ୍ଗର ପ୍ୟାଣ୍ଟ ଓ ହାତରେ ଏକ ଘଣ୍ଟା ପିନ୍ଧିଥିଲେ। ତେବେ ତାଙ୍କ ମୁହଁ ଓ ବେକରେ ଗଭୀର କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, କନ୍ଦଳ ନଦୀର ତେଲିଯୋଡି ମୁହାଣରେ ସକାଳେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ଗୋବିନ୍ଦପୁର ଥାନା ଆଇଆଇସି ରବିନାରାୟଣ ବେହେରା, ଡିମିରି ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ସେଠୀ ଓ ଗୋବିନ୍ଦପୁର ଥାନା କର୍ମଚାରୀ ପହଞ୍ଚି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ସହଯୋଗରେ ପାଣିରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲେ। ଏନେଇ ଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ବେହେରା କହିଛନ୍ତି।

# ପୋଲ ତଳୁ ମଣିଷ କଙ୍କାଳ ଜବତ

ଟେନସା,୨୦।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କାଲଟା ଫାଣ୍ଡି ଅଧୀନ କାଲଟା ପୋଲ ତଳୁ ଶନିବାର ଏକ ମଣିଷ କଙ୍କାଳ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ରାଉରକେଲା ଫୋରେନସିକ ଟିମ ପହଞ୍ଚି ଅନୁଧ୍ୟାନ ଆରମ୍ଭ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୬/୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର କିଛି ଲୋକ ସେଠାରେ ବୁଲାବୁଲି କରୁଥିବା ବେଳେ ଏକ ମଣିଷ କଙ୍କାଳ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ କଙ୍କାଳକୁ ଉଦ୍ଧାର କରିବା ସହ ନିକଟରେ ପଡିଥିବା ଏକ ବ୍ୟାଗକୁ ଜବତ କରିଥିଲା। ବ୍ୟାଗରୁ ୮୦ ବର୍ଷୀୟ କୋଇଡା ବ୍ଲକ କୁସୁମଡିହି ଗ୍ରାମର ମନୋଜ ପାଶୱାନ ନାମକ ବୃଦ୍ଧାଙ୍କ ଆଧାର କାର୍ଡ ମିଳିଥିଲା। ତେବେ ତଦନ୍ତ ଓ ପରୀକ୍ଷା ପରେ ଅସଲ ପରିଚୟ ମିଳିପାରିବ ବୋଲି ପୋଲିସ ସୂଚନା ଦେଇଛି।

# ଡେଲିଭରି ବୟ ପରିଚୟ ଦେଇ ଘରେ ପଶି ଲୁଟ୍



ପୋଲିସ ସୁଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରୁଛି।

ଉମରକୋଟ,୨୦।୭(ସନ୍ତୋଷ ଶତପଥୀ)

## ବନ୍ଧୁକ ଦେଖାଇ ନେଇଗଲେ ଟଙ୍କା, ସୁନାଗହଣା

ଡେଲିଭରି ବୟ କହି ଘର ଭିତରେ ପଶିଲେ। ମୁଣ୍ଡରେ ବନ୍ଧୁକ ରଖି ଲୁଟି ନେଲେ ନଗଦ ଟଙ୍କା ଓ ସୁନାଗହଣା। ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଲିପାଟଣା ସାହିରେ ରହୁଥିବା କୋଡିଙ୍ଗ୍ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ଖରାଙ୍କ ଘରେ ଶୁକ୍ରବାର ରାତିରେ ଲୁଟ୍ ହୋଇଥିବା ଜଣାପଡ଼ିଛି। ସୁଶାନ୍ତ ଶନିବାର ଥାନାରେ ଅଭିଯୋଗ କରିବାପରେ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି।

ସୂଚନାନୁଯାୟୀ, ପାର୍ସଲ ଆସିଥିବା କହି ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ଜଣେ ବ୍ୟକ୍ତି ସୁଶାନ୍ତଙ୍କ ଗେଟ୍ ବାଡ଼େଇ ଡାକିଥିଲେ। ସୁଶାନ୍ତ ଗେଟ୍ ଖୋଲିବା ପରେ ସମ୍ପୃକ୍ତ ବ୍ୟକ୍ତ ଜଣଙ୍କ ତାଙ୍କୁ ଠେଲିଦେଇଥିଲେ। ଏହି ସମୟରେ ଅନ୍ୟ ୩ ଜଣ ଘର ଭିତରେ ପଶିଯାଇଥିଲେ। ଦୁର୍ବୃତ୍ତମାନେ ସୁଶାନ୍ତ ଏବଂ ତାଙ୍କ ସ୍ତ୍ରୀଙ୍କୁ ବାନ୍ଧି ବନ୍ଧୁକ ଦେଖାଇ ସେମାନଙ୍କ ମୋବାଇଲ ଓ ୮ ହଜାର ଟଙ୍କା ନେଇଯାଇଥିଲେ। ଏଥିସହ ସୁଶାନ୍ତଙ୍କ ସ୍ତ୍ରୀ ପିନ୍ଧିଥିବା ମଙ୍ଗଳସୂତ୍ର, ଘରେ ଥିବା ସୁନାଚେନ୍, କାନଫୁଲ, ସୁନାଚୁଡ଼ି, ବାହୁଟି, ସୁନା ମୁଦି ଆଦି ଲୁଟି ନେଇଥିଲେ। ଲୁଟ ହୋଇଥିବା ସୁନାର ଆନୁମାନିକ ମୂଲ୍ୟ ୬ରୁ ୭ ଲକ୍ଷ ଟଙ୍କା ହେବ ବୋଲି ସୁଶାନ୍ତ କହିଛନ୍ତି। କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ତେଣୁ ଭୟରେ ସୁଶାନ୍ତ କାହାରିକୁ କିଛି ନ କହି ଶନିବାର ଅପରାହ୍ନରେ ପୋଲିସକୁ ଖବର ଦେଇଥିଲେ। ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ସୌମେନ୍ଦ୍ର ସେଠ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ହିନ୍ଦୀ, ଓଡ଼ିଆ ଏବଂ ସ୍ଥାନୀୟ ଆଦିବାସୀ ଭାଷାରେ କଥା ହେଉଥିବା ସୁଶାନ୍ତ ପୋଲିସକୁ କହିଛନ୍ତି। ଘଟଣାର ତଦନ୍ତ କରାଯାଉଥିବା ନେଇ ଉମରକୋଟ ଥାନାଧିକାରୀ ଡମ୍ବରୁଧର ପ୍ରଧାନ କହିଛନ୍ତି।

# ଯୁବତୀଙ୍କ ମୁଣ୍ଡରୁ ବାହାରିଲା ଆଉ ୭ ଛୁଞ୍ଚି

ସମ୍ବଲପୁର,୨୦।୭(ପ୍ରମୋଦ ବହିଦାର)

ଗୁଣିଗାରେଡ଼ି ଓ ତନ୍ତ୍ର ଉପଚାରରେ ଗୁରୁତର ହୋଇ ବୁର୍ଲା ଭିମସାରରେ ଭର୍ତ୍ତି ହୋଇଥିବା ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଇଚଗାଁର ରେଷ୍ମା ବେହେରାଙ୍କ ମୁଣ୍ଡରୁ ଶନିବାର ପୁଣିଥରେ ଅସ୍ତ୍ରୋପଚାର କରାଯାଇ ୪ ସେଣ୍ଟିମିଟର ଆକାରର ଆଉ ୭ଟି ଛୁଞ୍ଚି ବାହାର କରାଯାଇଛି। ଫଳରେ ଅସ୍ତ୍ରୋପଚାର ଜରିଆରେ ଯୁବତୀଙ୍କ ମୁଣ୍ଡରୁ ବାହାରିଥିବା ଛୁଞ୍ଚି ସଂଖ୍ୟା ୭୭ରେ ପହଞ୍ଚିଛି। ଅସ୍ତ୍ରୋପଚାର ପରେ ଯୁବତୀ ଜଣକ ସୁସ୍ଥ ଅଛନ୍ତି।

ଭିମସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି ଯେ, ଶୁକ୍ରବାର ଅସ୍ତ୍ରୋପଚାର ପରେ ତାଙ୍କର ଏକ୍ସ-ରେ କରାଯାଇଥିଲା। ମାତ୍ର ସାଧାରଣ ଏକ୍ସ-ରେରେ ତାଙ୍କ ମୁଣ୍ଡରେ ଆହୁରି ୩ଟି ଛୁଞ୍ଚି



ଅସ୍ତ୍ରୋପଚାର ପରେ ଯୁବତୀଙ୍କ ମୁଣ୍ଡରୁ ବାହାରିଥିବା ଛୁଞ୍ଚି।

ଥିବା ଜଣାପଡ଼ିଥିଲା। ମାତ୍ର ଏ ସମ୍ପର୍କରେ ସ୍ପଷ୍ଟ ଭାବେ କିଛି ଜଣା ପଡ଼ି ନ ଥିବାରୁ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସତ୍ୟବ୍ରତ ପାଙ୍ଗଯୋଷୀଙ୍କ ତତ୍ତ୍ୱାବଧାନରେ ସିଆର୍ ସ୍କାନିଂ କରାଯାଇଥିଲା। ପରୀକ୍ଷଣରୁ ତାଙ୍କ ମୁଣ୍ଡରେ ଆହୁରି ୪ଟି ଅର୍ଥାତ୍ ମୋଟ ୭ଟି ଛୁଞ୍ଚିଥିବା ଜଣା ପଡ଼ିଥିଲା। ଫଳରେ ଡା. ପାଙ୍ଗଯୋଷୀଙ୍କ ନେତୃତ୍ୱରେ ୧୦ ଜଣିଆ ଡାକ୍ତରୀ ଦଳ ଶନିବାର ପୁଣିଥରେ ତାଙ୍କର ଅସ୍ତ୍ରୋପଚାର କରିଥିଲା। ରେଷ୍ମାଙ୍କ ମୁଣ୍ଡରୁ ଉକ୍ତ ୭ଟି ଯାକ ଛୁଞ୍ଚି କଢାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଛୁଞ୍ଚି ମୁଣ୍ଡ ଖପୁରି ହାଡ଼କୁ ସାମାନ୍ୟ ଛିଦ୍ର କରିଥିବା କଥାକୁ ଅସ୍ୱୀକାର କରିଛନ୍ତି ଡା. ରଥ। ହେଲେ ତାଙ୍କ ଶରୀରରେ ସାମାନ୍ୟ ସଂକ୍ରମଣ ରହିଥିବାରୁ ଯୁବତୀଙ୍କୁ ଆଣ୍ଟିବାୟୋଟିକ ଔଷଧ ଦିଆଯାଉଛି। ତେବେ କ୍ଷତ ଶୁଖିବାକୁ ଅନ୍ତତଃପକ୍ଷେ ଆହୁରି ୭ ଦିନ ଲାଗିବାକୁ ଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଆହୁରି ୧୫ ଦିନରୁ ଅଧିକ ସମୟ ଲାଗିପାରେ ବୋଲି କହିଛନ୍ତି ଡା. ରଥ। ଚିକିତ୍ସା କରୁଥିବା ଡାକ୍ତରୀ ଦଳ ବିଭିନ୍ନ ପ୍ରକାର ସ୍କାନିଂ କରି ତାଙ୍କ ମୁଣ୍ଡରେ ଆଉ କୌଣସି ଛୁଞ୍ଚି ନ ଥିବା ଜାଣିପାରିଛି ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ, ଇଚଗାଁର ବିଷ୍ଣୁପ୍ରସାଦ ବେହେରାଙ୍କ ଝିଅ ରେଷ୍ମା ବେହେରା(୧୯) ଅସୁସ୍ଥ ହେବାରୁ ଜାମୁଟଖୋଲା ଗ୍ରାମର ତେଜରାଜ ରଣା ନାମକ ଜଣେ ତାନ୍ତ୍ରିକ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ସେ ସୁସ୍ଥ ହେବା ପରିବର୍ତ୍ତେ ଦିନକୁ ଦିନ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ବୁର୍ଲାସ୍ଥିତ ଭିମସାର ଶଲ୍ୟ ବିଭାଗକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏକ ୧୦ ଜଣିଆ ଡାକ୍ତରୀ ଦଳ ଜରୁରିକାଳୀନ ପରିସ୍ଥିତିରେ ଗୁରୁବାର ରାତ୍ର ୨ଟା ବେଳେ ତାଙ୍କର ଅସ୍ତ୍ରୋପଚାର କରିଥିଲା। ଅସ୍ତ୍ରୋପଚାର କରି ଡାକ୍ତରୀ ଦଳ ତାଙ୍କ ମଣ୍ଡରୁ ୭୦ଟି ଛୁଞ୍ଚି ବାହାର କରିଥିଲା।

# ନବ ବିବାହିତାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୦।୭(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜଣେ ନବ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡିଆ ଅଞ୍ଚଳରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ମହିଳା ହେଲେ ଶୁଭ୍ରାଞ୍ଜଳି ପରିଡା(୨୯)। ତେବେ ସେ କାହିଁକି ଆତ୍ମହତ୍ୟା କଲେ ସେନେଇ ପୋଲିସ ସ୍ପଷ୍ଟ କରି ନ ଥିଲେ ମଧ୍ୟ ପାରିବାରିକ କଳହ ଯୋଗୁ ଶୁଭ୍ରାଞ୍ଜଳି ଏଭଳି ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି।

ପୋଲିସ ସୂଚନାନୁସାରେ, ଶୁଭ୍ରାଞ୍ଜଳିଙ୍କ ବାପଘର ନୟାଗଡ ଜିଲା କଲ୍ୟାଣପୁର ଅଞ୍ଚଳରେ ହୋଇଥିବାବେଳେ ସେ ବୌଦ୍ଧ ଜିଲା ଚାରିଛକ ଥାନା ଅଞ୍ଚଳର ସଞ୍ଜୟ କୁମାର ସାହୁଙ୍କୁ ଗତ ଫେବୃଆରୀରେ ବିବାହ କରିଥିଲେ। ସଞ୍ଜୟ ଭୁବନେଶ୍ୱରରେ ଜଣେ ଡାକ୍ତରଙ୍କ ପାଖରେ ରହି ଦାନ୍ତ ତିଆରି ବା ଲଗାଇବା କାମ କରନ୍ତି। ଶୁକ୍ରବାର ରାତି ୮ ଟାରେ ସଞ୍ଜୟ ପରିବା କିଣିବା ପାଇଁ ହାଟକୁ ଆସିଥିଲେ। ଘରକୁ ଫେରିବାବେଳେ ଶୁଭ୍ରାଞ୍ଜଳି ଲୁଗା ସାହାଯ୍ୟରେ ଘର ଭିତରେ ଝୁଲୁଥିବା ଦେଖିବାକୁ ପାଇ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ ଶୁଭ୍ରାଞ୍ଜଳିଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ଥାନାରେ ସଞ୍ଜୟଙ୍କ ନାଁରେ କୌଣସି ଅଭିଯୋଗ କରି ନ ଥିବା ପୋଲିସ କହିଛି।



ସ୍ୱର୍ଣ୍ଣ ପଦକ ବିଜୟୀ ୪x୨୦୦ ମିଟର ମହିଳା ରିଲେ ଦଳ।

# ଗମ୍ଭୀରଙ୍କ ସହକାରୀ ହୋଇପାରନ୍ତି ନାୟାର, ଡୋସ୍‌ଚେଟ୍

ନୂଆଦିଲ୍ଲୀ, ୨୦।୭ (ପି.ଟି.)

ଜୁଲାଇ ୨୭ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ ପାଇଁ ଅଭିଷେକ ନାୟାର ଓ ର୍ୟାନ ଟେନ୍ ଡୋସ୍‌ଚେଟ୍‌ଙ୍କୁ ନବ ନିଯୁକ୍ତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହକାରୀ କୋଚ୍ ଭାବେ ନିଯୁକ୍ତି ମିଳିପାରେ। ସେମାନେ ଖୁବ୍‌ଶୀଘ୍ର ଭାରତୀୟ କ୍ରିକେଟ ଦଳ ସହ ଯୋଗ ଦେଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ନାୟାର ଭାରତ ତରଫରୁ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ବେଳେ ଡୋସ୍‌ଚେଟ୍ ନେଦରଲାଣ୍ଡର ହାର୍ଡ ହିଟିଂ ଅଲରାଉଣ୍ଡର ଥିଲେ। ଆଇପିଏଲ୍‌ରେ ସେ କୋଲକାତା ନାଇଟ ରାଇଡର୍ସ (କେକେଆର)ରେ ଗମ୍ଭୀରଙ୍କ ସହିତ କାର୍ଯ୍ୟ କରିଛନ୍ତି। ନାୟାର ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ । ସେ ଦୀନେଶ କାର୍ତ୍ତିକ ଓ ରିଙ୍କୁ ସିଂଙ୍କ ଭଳି ଖେଳାଳିଙ୍କ ସହିତ କାର୍ଯ୍ୟ କରିଛନ୍ତି। ଡୋସ୍‌ଚେଟ୍ ବର୍ତ୍ତମାନ ଚଳିତ ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି)ରେ ଏଲ୍‌ଏ ନାଇଟ ରାଇଡର୍ସ ପାଇଁ କାର୍ଯ୍ୟ କରୁଛନ୍ତି। ଗମ୍ଭୀର ଖୋଲାଖୋଲି ଭାବେ ଉଚ୍‌ମ୍ୟାନଙ୍କ ପ୍ରତି ତାଙ୍କ ଇଚ୍ଛା ଜାହିର କରିଛନ୍ତି। ତେବେ ବୋଲିଂ କୋଚ୍ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ନାହିଁ। ରାହୁଲ ଦ୍ରାବିଡଙ୍କ ଅମଳରେ



ଅଭିଷେକ ନାୟାର ଓ ର୍ୟାନ ଟେନ୍ ଡୋସ୍‌ଚେଟ୍।

କାର୍ଯ୍ୟକରୁଥିବା ଟି. ଦିଲୀପ ହୁଏତ୍ ଫିଲ୍ଡିଂ କୋଚ୍ ଭାବେ ତାଙ୍କ ସ୍ଥାନ ବଜାୟ ରଖିପାରନ୍ତି। ବୋଲିଂ କୋଚ୍ ପାଇଁ ଗମ୍ଭୀର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ପୂର୍ବତନ ଭାରତୀୟ ସିମର ଆର. ବିନୟ କୁମାର ଓ ଏଲ୍ ବାଲାଜୀ ଏବଂ ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ବୋଲର ମୋର୍ନି ମୋର୍କେଲଙ୍କ ନାମ ପ୍ରସ୍ତାବ ରଖିଛନ୍ତି। ପୂର୍ବରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ବିନୟ ଓ ବାଲାଜୀଙ୍କୁ ପଛରେ ପକାଇ ମୋର୍କେଲଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ମିଳିପାରେ। କେକେଆରରେ ଗମ୍ଭୀରଙ୍କ ସହ ବିନୟ ଓ ବାଲାଜୀ କାର୍ଯ୍ୟ କରିଥିବା ବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସରେ ମୋର୍କେଲ ତାଙ୍କ ସହ କାର୍ଯ୍ୟ କରିଛନ୍ତି। ମୋର୍କେଲ ଯଦି ରାଜି ହୁଅନ୍ତି ତେବେ ଅଷ୍ଟ୍ରେଲିଆର ଜୋ ଡାୱିସଙ୍କ ପରେ ସେ ପ୍ରଥମ ବିଦେଶୀ ବୋଲିଂ କୋଚ୍ ହେବେ। ସୂଚନାଯୋଗ୍ୟ, ମୋର୍କେଲ ଭାରତରେ ୫୦ ଓଭର ବିଶ୍ୱକପ୍ ପର୍ଯ୍ୟନ୍ତ ପାକିସ୍ତାନର ବୋଲିଂ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ଭାରତୀୟ ଦଳ ଏକ ଚାର୍ଟାର୍ଡ ବିମାନ ଯୋଗେ ଜୁଲାଇ ୨୨ରେ ମୁମ୍ବାଇରୁ କଲମ୍ବୋ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ନାୟାର ଓ ଦିଲୀପ ମଧ୍ୟ ଦଳ ସହିତ ଯାଇପାରନ୍ତି। ତେବେ ଡୋସ୍‌ଚେଟ୍ ଦଳରେ କେବେ ଯୋଗ ଦେବେ ତାହା ସ୍ପଷ୍ଟ ହୋଇ ନାହିଁ।

# ଦ୍ୱିତୀୟ ଦିନରେ ଭୁବନେଶ୍ୱରକୁ ସଫଳତା

ଭୁବନେଶ୍ୱର, ୨୦।୭ (ସରୋଜ ଜେନା)

## ରାଜ୍ୟ ସନ୍ତରଣ ପ୍ରତିଯୋଗିତା

କଳିଙ୍ଗ ଷ୍ଟାଡିୟମ ପରିସରରେ ୭୪ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତାର ଦ୍ୱିତୀୟ ଦିନ ଶନିବାର ଶେଷ ହୋଇଛି। ଦ୍ୱିତୀୟ ଦିବସରେ ଖୋର୍ଦ୍ଧା-ଭୁବନେଶ୍ୱର, କିଟ୍ ଓ ସମ୍ବ୍ର ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୧୫୦୦ ମିଟର ଫ୍ରିଷ୍ଟାଇଲ୍ ମହିଳା ବର୍ଗରେ ଭୁବନେଶ୍ୱରର ଚିନ୍ମୟୀ ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୫୦୦ ମିଟର (ବାଳିକା ଗ୍ରୁପ୍-୧)ରେ ସମ୍ବଲପୁରର ଆଞ୍ଚଲ ବାଗ ସ୍ୱର୍ଣ୍ଣ ଜିତିଛନ୍ତି। ୧୦୦ ମିଟର ଫ୍ରି ଷ୍ଟାଇଲ ପୁରୁଷ ଇଭେଣ୍ଟରେ ଭୁବନେଶ୍ୱରର ଜଗଜିତ ପ୍ରଧାନ ଓ ୧୦୦ ମିଟର ବାଳକ ଗ୍ରୁପ୍-୨ରେ ଭୁବନେଶ୍ୱରର ଅଭିନବ କୁମାର ସିଂ, ଗ୍ରୁପ୍-୩ରେ ସମ୍ବଲପୁରର ଶିବାଂଶ ତ୍ରିପାଠୀସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୦ ମିଟର ମହିଳା ମେଡଲେରେ ଭୁବନେଶ୍ୱରର ଆୟୁଶ୍ରୀ ଦତ୍ତ, ଗ୍ରୁପ୍-୧ରେ ଭୁବନେଶ୍ୱରର ମନ୍ନତା ମିଶ୍ର, ବାଳିକା ଗ୍ରୁପ୍-୨ରେ ସମ୍ବଲପୁରର ଶ୍ରୀଜିତା ମହାକୁଡ ଓ ବାଳିକା ଗ୍ରୁପ୍-୩ରେସମ୍ବଲପୁରର ମ୍ରିଗାଙ୍କା ପୃଷ୍ଟି ସ୍ୱର୍ଣ୍ଣ ଜିତିଥିଲେ। ବାଳକ ୨୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟ ଗ୍ରୁପ୍-୨ରେ କିଟ୍‌ର ସାହିଲ ମାଝୀ ଓ ମହିଳା ୨୦୦ ମିଟର ବ୍ୟାକଷ୍ଟ୍ରୋକରେ ଭୁବନେଶ୍ୱରର ପ୍ରତ୍ୟାଶା ରୟ ସ୍ୱର୍ଣ୍ଣ ହାସଲ କରିଥିଲେ। ଅନ୍ୟ ପକ୍ଷରେ ୪x୨୦୦ ମିଟର ମହିଳା ରିଲେ ଦଳରେ ଦିବ୍ୟାଙ୍କା, ସୋନିଆ, ସୃଷ୍ଟି ଓ ଅଂଶିକା ଚମତ୍କାର ପ୍ରଦର୍ଶନ ସହ ୯:୧୮.୨୬ର ଟାଇମିଂ ହାସଲ କରିଥିଲେ।

# ଥାଇଲାଣ୍ଡ ୨୨ରନରେ ବିଜୟୀ

କଲମ୍ବୋ, ୨୦।୭

ମହିଳା ଟି୨୦ ଏସିଆକପ୍‌ରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଥାଇଲାଣ୍ଡ ୨୨ରନରେ ମାଲେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଥାଇଲାଣ୍ଡ ଥାଇଲାଣ୍ଡ

## ମହିଳା ଏସିଆ କପ୍

ଦଳ ପ୍ଲେୟର ଅଫ୍ ଦି ମ୍ୟାଚ ନାନାପାଟ କୋଞ୍ଚାରୋଙ୍କାଇଙ୍କ ୪୦ ଓ ଫାନିଟା ମାୟାଙ୍କ ୨୯ ରନ ସହାୟତାରେ ୬ ଉଇକେଟ ବିନିମୟରେ ୧୩୩ ରନ କରିଥିଲା ଜବାବରେ ଉଇକେଟକିପର ୱାନ ଜୁଲିଆ (୫୨ରନ, ୫୩ ବଲ୍ ୪ ଛକା)ଙ୍କ ଅର୍ଦ୍ଧଶତକ ସହାୟତାରେ ମାଲେସିଆ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୧୧ ରନ କରି ମ୍ୟାଚରେ ପରାଜିତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଥାଇଲାଣ୍ଡ:** ୨୦ ଓଭରରେ ୧୩୩/୬ (ନାନାପାଟ କୋଞ୍ଚାରୋଙ୍କାଇ-୪୦, ଫାନିଟା ମାୟାଙ୍କ ୨୯ ; ମାହିରା ଇଜାତି ଇସ୍‌ମାଇଲ-୩/୧୬)।

**ମାଲେସିଆ:** ୨୦ ଓଭରରେ ୧୧୧/୮ (ୱାନ ଜୁଲିଆ-୫୨, ୱିନିଫ୍ରେଡ୍ ଦୁରାଇ ସିଙ୍ଗମ-୨୨ ; ଓନିଚା କାମଚୋମ୍ଫୁ-୨/୨୦)।



ବୋଲିଂ ଆକ୍ସନରେ ଥାଇଲାଣ୍ଡର ଚାନିଡା ସୁଥିରିଆଙ୍ଗ।

# ସୁରକ୍ଷା ବ୍ୟବସ୍ଥା ଉପରେ ଆଇସିସିର ନଜର

ନୂଆଦିଲ୍ଲୀ, ୨୦।୭ (ପି.ଟି.)

## ମହିଳା ଟି୨୦ ବିଶ୍ୱକପ୍

ଆସନ୍ତା ଅକ୍ଟୋବରରେ ବାଂଲାଦେଶରେ ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିଯୋଗୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହି ଦେଶର ସୁରକ୍ଷା ପରିସ୍ଥିତି ଉପରେ ନଜର ରଖିଛି। ସରକାରୀ ଚାକିରି ପାଇଁ କୋଟା ବ୍ୟବସ୍ଥା ଉପରେ ସଂସ୍କାର ଦାବିରେ ଦେଶର ରାଜଧାନୀରେ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି। ଏହା ଦେଶର ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଲାଣି। ଢାକାରେ ବାଂଲାଦେଶ ପୋଲିସ କର୍ଫ୍ୟୁ ଜାରି କରିଥିବା ବେଳେ ସେନା ମୁତୟନ କରାଯାଇଛି। ମହିଳା ଟି୨୦ ବିଶ୍ୱକପ୍‌ରେ ସବୁଠାରୁ ସଫଳ ଦଳ ଭାବେ ଅଷ୍ଟ୍ରେଲିଆ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ରେକର୍ଡ ସର୍ବାଧିକ ୬ଥର ଟାଇଟଲ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଥରେ ଲେଖାଏ ଚାମ୍ପିୟନ ହୋଇପାରିଛନ୍ତି। ହରମନପ୍ରୀତ କୌରଙ୍କ ଅଧୀନରେ ଭାରତ ପ୍ରଥମ ଟାଇଟଲ ସନ୍ଧାନରେ ଅଛି। ଭାରତ ବର୍ତ୍ତମାନ ଶ୍ରୀଲଙ୍କାର ଦାମ୍ବୁଲାଠାରେ ମହିଳା ଏସିଆ କପ୍ ଖେଳୁଛି। ପେସ୍ ବୋଲର ରେଣୁକା ସିଂ କହିଛନ୍ତି, ଦଳ ଏହି ଟୁର୍ନାମେଣ୍ଟକୁ ଆଇସିସି ମେଗା ଇଭେଣ୍ଟ ଲାଗି ଏକ ପ୍ରସ୍ତୁତି ରୂପେ ବିବେଚନା କରୁଛି। ଏସିଆ କପ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଟି ୨୦ ବିଶ୍ୱକପ୍ ପୂର୍ବରୁ ଆମ ପାଖରେ ଆଉ ଅଧିକ ମ୍ୟାଚ ରହିବ ନାହିଁ। ଆମକୁ କେବଳ ଅଭ୍ୟାସ ଉପରେ ନିର୍ଭର କରିବାକୁ ପଡ଼ିବ।

## ପାକିସ୍ତାନ ଖେଳାଳିଙ୍କୁ ଏନ୍‌ଓସି ମନା

ଲାହୋର, ୨୦।୭ (ପି.ଟି.)

ଗ୍ଲୋବାଲ ଟି୨୦ ଲିଗ୍‌ରେ ଅଂଶଗ୍ରହଣ ଲାଗି ବାବର ଆଜାମ, ମହମ୍ମଦ ରିଜୱାନ ଓ ଶାହିନ ଆଫ୍ରିଦୀଙ୍କ ଭଳି ସିନିୟର ଖେଳାଳି ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ କରିଥିବା ଅନୁରୋଧକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଗ୍ରାହ୍ୟ କରିଦେଇଛି। ୨୦୨୪ ଅଗଷ୍ଟରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପାକିସ୍ତାନର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ତନ୍ମଧ୍ୟରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ମ୍ୟାଚ ଓ ଆସନ୍ତାବର୍ଷର ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ରହିଛି। ଜାତୀୟ ଚୟନ କମିଟି ଓ ୩ଜଣ ଖେଳାଳିଙ୍କ ସହ ପରାମର୍ଶ ପରେ ବୋର୍ଡ ଏହି ନିଷ୍ପତ୍ତି ନେଇଥିବା କହିଛି। କାନାଡିଆନ ଲିଗ୍ ଜୁଲାଇ ୨୫ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବ। ଏହି ୩ଜଣ ହେଉଛନ୍ତି ଅଲ୍ ଫର୍ମାଟ କ୍ରିକେଟର। ଆଗାମୀ ୮ ମାସ ମଧ୍ୟରେ ପାକିସ୍ତାନ ୧୪ ଅନ୍ତର୍ଜାତୀୟ ଦିନିକିଆ ଓ ୯ ଅନ୍ତର୍ଜାତୀୟ ଟି୨୦ ଖେଳିବ।

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

ଡାମ୍ବୁଲା, ୨୦।୭(ପି.ଟି.)

ମହିଳା ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଭାରତୀୟ କ୍ରିକେଟ ଦଳ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତୀୟ ଦଳ ଆଗୁଆ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିବ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିଲା। ଫଳରେ ୟୁଏଇ ବିପକ୍ଷରେ ଜିତିବା ସହ ଭାରତ ଆଗୁଆ ସେମିଫାଇନାଲରେ ସ୍ଥାନ ପକ୍କା କରିବ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହରମନପ୍ରୀତ କୌରଙ୍କ ଦଳ ଅଲରାଉଣ୍ଡ ପ୍ରଦର୍ଶନ କରିଥିଲା। ବୃହତ ବିଜୟ ସହ ଦଳର ନେଟ୍ ରନରେଟ୍ ମଧ୍ୟ +୨.୨୯ରେ ରହିଛି। ଭାରତ ପକ୍ଷରୁ ଦୀପ୍ତି ଶର୍ମା, ରେଣୁକା ସିଂ ଓ ପୂଜା ବସ୍ତ୍ରକାର ଚମତ୍କାର ବୋଲିଂ କରିଥିଲେ। ଯୁବ ଭାରତୀୟ ସ୍ପିନର ଶ୍ରେୟଙ୍କା ପାଟିଲ ମଧ୍ୟ ଉପଯୋଗୀ ଅବଦାନ ଦେଇଥିଲେ। ତେବେ ଉଇକେଟ ଶୂନ୍ୟ ରହିଥିବା ରାଧା ଯାଦବ ୟୁଏଇ ବିପକ୍ଷରେ ଫର୍ମକୁ ଫେରିବା ନେଇ ଆଶା କରାଯାଏ। ପାକିସ୍ତାନ ବିପକ୍ଷରେ ଭାରତର ଟପ୍ ଅର୍ଡର ଚମତ୍କାର ପ୍ରଦର୍ଶନ କରିଥିଲା। ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଚମତ୍କାର କାଉଣ୍ଟର ଆଟାକ୍ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ବ୍ୟାଟିଂ, ବୋଲିଂ ସହିତ ଫିଲ୍ଡିଂରେ ଚମତ୍କାର ପ୍ରଦର୍ଶନ କରିଥିଲା। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭାରତ ଏହାର ମିଡିଲ ଅର୍ଡର ବ୍ୟାଟରଙ୍କୁ ସୁଯୋଗ ଦେବାକୁ ଚାହିଁବ।

# କ୍ରୀଡ଼ା ଯୁବସେବା ବିଭାଗ ଓ ଫାଓ ପୁରସ୍କୃତ



ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୦।୭ (ବିଜୟ ରଣା)

## ଏଆଇଏଫ୍‌ଏଫ୍ ପୁରସ୍କାର ଉତ୍ସବ

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ପୁରସ୍କାର ଉତ୍ସବ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପୁରସ୍କୃତ ହୋଇଛନ୍ତି। ଜାତୀୟ କ୍ୟାମ୍ପ ପରିଚାଳନାଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ଏବଂ ଭିତ୍ତିଭୂମି ସହାୟତା ସମେତ ଭାରତୀୟ ଫୁଟ୍‌ବଲର ବିକାଶ କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ପାଇଁ ଓଡ଼ିଶା ସରକାରଙ୍କ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପୁରସ୍କୃତ ହୋଇଛି। ଅନ୍ୟପକ୍ଷରେ ଫାଓ ସିଜନ ୨୦୨୩-୨୪ରେ ଏଆଇଏଫ୍‌ଏଫ୍‌ର ଅଧିକାଂଶ ପ୍ରତିଯୋଗିତା ସଫଳତାର ସହିତ ଆୟୋଜନ କରିପାରିଛି। ସେଗୁଡ଼ିକ ମଧ୍ୟରେ ରହିଛି ଫିଫା ବିଶ୍ୱକପ୍ କ୍ୱାଲିଫାୟର, ଇଣ୍ଟରକଣ୍ଟିନେଣ୍ଟାଲ କପ୍, ଜୁନିୟର ବାଳକ ଓ ବାଳିକା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍, କଳିଙ୍ଗ ସୁପର କପ୍, ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ଏବଂ ସବ୍‌ଜୁନିୟର ଯୁଥ୍ ଲିଗ୍ ଅନ୍ୟତମ। ଫାଓ ତରଫରୁ ଏହାର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପୁରସ୍କାର ଗ୍ରହଣ କରିଥିଲେ।

# ମାର୍କ୍ୱେଜ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍

ନୂଆଦିଲ୍ଲୀ, ୨୦।୭ (ପି.ଟି.)

ସ୍ପେନ୍‌ର ମାନୋଲୋ ମାର୍କ୍ୱେଜ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ନୂଆ ମୁଖ୍ୟକୋଚ୍ ଭାବେ ମନୋନୀତ ହୋଇଛନ୍ତି। ବହିଷ୍କୃତ ଇଗର ଷ୍ଟିମାକ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ମାର୍କ୍ୱେଜ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଗୋଆ ଏଫ୍‌ସିର ଦାୟିତ୍ୱରେ ଅଛନ୍ତି। ଶନିବାର ଏଠାରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ବସିଥିଲା। ଏଥିରେ ୫୫ବର୍ଷୀୟ ମାର୍କ୍ୱେଜଙ୍କ ନିଯୁକ୍ତି ଚୂଡ଼ାନ୍ତ ହୋଇଥିଲା। ଜାତୀୟ ଦଳ ପାଇଁ ଫୁଲ୍ ଟାଇମ୍ କାର୍ଯ୍ୟ କରିବା ପୂର୍ବରୁ ୨୦୨୪-୨୫ ସିଜନରେ ଏହି ସ୍ପାନିଶ କୋଚ୍ ବର୍ତ୍ତମାନ ପାଇଁ ଉଭୟ ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ ଓ ଭାରତୀୟ ଦଳର ମୁଖ୍ୟ କୋଚ ଭାବେ ଦ୍ୱୈତ ଦାୟିତ୍ୱ ନିର୍ବାହ କରିବେ। ମୁଖ୍ୟ କୋଚ୍ ଭାବେ ମାର୍କ୍ୱେଜଙ୍କ କାର୍ଯ୍ୟକାଳ ଅବଧି ସମ୍ପର୍କରେ ଏଆଇଏଫ୍‌ଏଫ୍ ତରଫରୁ କୌଣସି ସୂଚନା ଦିଆଯାଇ ନାହିଁ। ଭାରତୀୟ ଦଳ



ମାନୋଲୋ ମାର୍କ୍ୱେଜ

୨୦୨୬ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରି ନ ପାରିବାରୁ ଜୁନ୍ ୧୭ରେ ଷ୍ଟିମାକ୍ ମୁଖ୍ୟ କୋଚ୍ ପଦବୀରୁ ବହିଷ୍କୃତ ହୋଇଥିଲେ। ସୂଚନାଯୋଗ୍ୟ, ମାର୍କ୍ୱେଜ ୨୦୨୦ରୁ ଭାରତୀରେ ଦଳର କୋଚିଂ ଦେଇ ଆସୁଛନ୍ତି। ସେ ଦୁଇଟି ଆଇଏସ୍‌ଏଲ କ୍ଲବ ପାଇଁ କାର୍ଯ୍ୟ କରିଛନ୍ତି। ସେ ଏଫ୍‌ସି ଗୋଆ (୨୦୨୩-ବର୍ତ୍ତମାନ)ରେ ଯୋଗ ଦେବା ପୂର୍ବରୁ ପ୍ରଥମେ ହାଇଦ୍ରାବାଦ ଏଫ୍‌ସି (୨୦୨୦-୨୩) ଦଳର କୋଚ୍ ଦାୟିତ୍ୱରେ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ହାଇଦ୍ରାବାଦ ଏଫ୍‌ସି ୨୦୨୧-୨୨ରେ ଆଇଏସ୍‌ଏଲ୍ ଟାଇଟଲ ଜିତିପାରିଥିଲା। ଓଭରଅଲ୍ ମାର୍କ୍ୱେଜ ସ୍ପେନ୍‌ରେ ବହୁଦିନ ଧରି କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସେ ୨୦୧୭ରେ ଲା' ଲିଗା ଦଳ ଲାସ୍ ପାମାସ ଦାୟିତ୍ୱରେ ଥିଲେ। ସେ ଆହୁରି ମଧ୍ୟ ଲସ୍ ପାମାସ 'ବି' ଏସ୍ପାନୟଲ 'ବି', ବାଡାଲୋନା, ପ୍ରାଟ୍ ଓ ୟୁରୋପା ଭଳି ସ୍ପାନିଶ ଲୋୟର ଡିଭିଜନ କ୍ଲବକୁ କୋଚିଂ ଦେଇଛନ୍ତି। ଭାରତୀୟ ସିନିୟର ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ହେବା ମୋ ପାଇଁ ଏକ ଗୌରବର ବିଷୟ। ଭାରତ ଏକ ସୁନ୍ଦର ଦେଶ। ଏହି ଦେଶର ଲୋକମାନଙ୍କ ସହିତ ମୁଁ ସଂଶ୍ଲିଷ୍ଟ ହୋଇଯାଇଛି। ଭାରତୀୟ ଫୁଟବଲ ଯେପରି ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ସେ ଦିଗରେ ମୁଁ ଯଥା ସମ୍ଭବ ଉଦ୍ୟମ କରିବି ବୋଲି ମାର୍କ୍ୱେଜ କହିଛନ୍ତି।

# ରେନ୍‌କୋଟ୍ ଫ୍ୟାଶନ୍



**ଯୁବପିଢ଼ି ସାଧାରଣତଃ ନିଜ ଫ୍ୟାଶନ୍‌କୁ ନେଇ ସବୁବେଳେ ସଜାଗ। ହେଲେ ବର୍ଷାଦିନେ ବର୍ଷାବେଳେ ଡ୍ରେସ୍ ଉପରେ ରେନ୍‌କୋଟ୍ ପିନ୍ଧିଲେ ଫ୍ୟାଶନ୍ ଖରାପ ହୋଇଯିବାକୁ ନେଇ ସେମାନଙ୍କ ଟେନ୍‌ସନ୍ ବଢ଼ିଯାଏ। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ଉଭୟ ଝିଅ ଏବଂ ପୁଅଙ୍କ ପାଇଁ ବିଭିନ୍ନ ପ୍ରକାରର ରେନ୍‌କୋଟ୍ ମିଳୁଛି, ଯାହାକି ନା କେବଳ ବର୍ଷାରୁ ରକ୍ଷା କରୁଛି ବରଂ ଷ୍ଟାଇଲିଶ୍ ଲୁକ୍ ବି ଦେଇପାରୁଛି...**

**ରେନ୍ ଜ୍ୟାକେଟ୍:** ଏଗୁଡ଼ିକ ଦେଖିବାକୁ ଷ୍ଟାଇଲିଶ୍ ୱିଣ୍ଟର ଜ୍ୟାକେଟ୍ ଭଳି। ଏହା ବିଭିନ୍ନ କଲରର ଆସିଥାଏ। ଏହା ସହ ରେନିଡେ ପ୍ୟାଣ୍ଟ କିମ୍ବା ଟ୍ରାଉଜର୍ ପିନ୍ଧିପାରିବେ। ୱେଷ୍ଟର୍ନ ଆଉଟ୍‌ଫିଟ୍ ବ୍ୟବହାର କରୁଥିବା ଯୁବପିଢ଼ିଙ୍କ ପାଇଁ ଏହା ସବୁଠୁ ଭଲ ରେନ୍‌କୋଟ୍ ଫ୍ୟାଶନ୍।

**ରେନି ଟ୍ରେଞ୍ଚ୍ କୋଟ୍:** ଏହି ଲଙ୍ଗ୍ ଏବଂ ବିଭିନ୍ନ କଲରର ଟ୍ରେଞ୍ଚ୍ କୋଟ୍ ୟୁନିସେକ୍ସ ହୋଇଥିବାରୁ ଉଭୟ ଯୁବତୀ ଏବଂ ଯୁବକ ଏହାକୁ ବ୍ୟବହାର କରିପାରିବେ। ଏହାର ଫ୍ରଣ୍ଟରେ ଫୁଲ୍ ଜିପ୍ ଲକ୍ ସହିତ ବଟନ୍ ବି ରହିଛି। ତା’ ସହିତ ଆଟାଚ୍ ହୁଡି ଏବଂ ୱେଷ୍ଟ ବେଲ୍ଟ ଏହାକୁ ଅଧିକ ଟ୍ରେଣ୍ଡି ଲୁକ୍ ଦେଇଥାଏ।

**ୱିଣ୍ଡଚିଟର୍ସ:** ଏହା ଅତ୍ୟନ୍ତ ପତଳା ଓ ହାଲୁକା ୱାଟର-ରେଜିଷ୍ଟାଣ୍ଟ ଫାବ୍ରିକ୍‌ରେ ପ୍ରସ୍ତୁତ ହୋଇଛି। ଏହାର ଲୁକ୍ ଖୁବ୍ କ୍ଲାସି ଓ ଆଟ୍ରାକ୍ଟିଭ୍ ହୋଇଥିବାରୁ ଯୁବପିଢ଼ି ଏହାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଏହି ରେନ୍‌କୋଟ୍‌ରେ ଅଳ୍ପ ବର୍ଷା ଏବଂ ପବନ ହେଉଥିବା ବେଳେ ଅନ୍ୟ ରେନ୍‌କୋଟ୍ ତୁଳନାରେ ଭଲ କାମ କରିଥାଏ।

**ପୋଞ୍ଚୋ:** ଏହା ଉଭୟ ଝିଅ ଏବଂ ପୁଅଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହି ରେନ୍‌କୋଟ୍ ପିନ୍ଧିଲେ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଏହାର ଲୁଜ୍ ଡିଜାଇନ୍ ପିନ୍ଧିବା ପାଇଁ ମଧ୍ୟ ବେଶ୍ କମ୍ଫର୍ଟେବଲ୍। ତା’ଛଡ଼ା ଏଥିରେ ଜିପ୍, ବଟନ୍ ଆଦି ନ ଥିବାରୁ ଅଧିକ ବର୍ଷାରେ ବି ଏହାକୁ ପିନ୍ଧିଲେ ଆଦୌ ପାଣି ଭିତରକୁ ଯାଇ ଡ୍ରେସ୍ ଓଦା କରି ନ ଥାଏ। ଏହାକୁ ପିନ୍ଧିଲେ ଟ୍ରେଣ୍ଡି ଓ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ସ୍କର୍ଟ୍ ଆଣ୍ଡ ଟପ୍ସ ରେନ୍‌କୋଟ୍:** ବର୍ତ୍ତମାନ ଏହି ରେନ୍‌କୋଟ୍ ଟ୍ରେଣ୍ଡରେ ଅଛି। ଏହାକୁ ପିନ୍ଧିଲେ ବର୍ଷାବେଳେ ଗାଡ଼ି ଚଲାଇବା ବେଳେ ହେଉ କିମ୍ବା ଚଲାବୁଲାରେ ସୁବିଧା ହେଉଛି। ତା’ଛଡା ଏହା ଅପେକ୍ଷାକୃତ ଷ୍ଟାଇଲିଶ୍ ଓ ଆଇକ୍ୟାଚି ଲାଗୁଥିବାରୁ ଅଧିକାଂଶ ଯୁବତୀ ଏହି ରେନ୍‌କୋଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଟ୍ରାନ୍ସପରେଣ୍ଟ ରେନ୍‌କୋଟ:** ବର୍ଷାଦିନେ ନିଜ ଫ୍ୟାଶନ୍ ଆଉଟ୍‌ଫିଟ୍ ରେନ୍‌କୋଟ୍ ତଳେ ଲୁଚିଯିବାକୁ ନେଇ ଦୁଃଖ କରୁଥିବା ଯୁବପିଢିଙ୍କର ବର୍ତ୍ତମାନ ସବୁଠୁ ଫେଵରେଟ୍ ପାଲଟିଛି ଟ୍ରାନ୍ସପରେଣ୍ଟ ରେନ୍‌କୋଟ୍। ଏହାକୁ ପିନ୍ଧିବା ଦ୍ୱାରା ବର୍ଷାରୁ ରକ୍ଷା ମିଳିବା ସହ ଡ୍ରେସ୍ ବି ବାହାରକୁ ଭଲ ଭାବେ ଦେଖାଯାଉଛି। ତେଣୁ ଏଭଳି ରେନ୍‌କୋଟ୍ ବର୍ତ୍ତମାନ ମାର୍କେଟ୍‌ରେ ଟ୍ରେଣ୍ଡ କରୁଛି।

**ରିଭର୍ସିବଲ୍ ରେନ୍‌କୋଟ୍:** ସାଧାରଣତଃ ଅଧିକାଂଶଙ୍କ ପାଖରେ ଗୋଟିଏ କିମ୍ବା ଦୁଇଟି ରେନ୍‌କୋଟ ହିଁ ଥାଏ। ହେଲେ ଫ୍ୟାଶନ୍ ଦୁନିଆ ସହ ଅପ୍‌ଡେଟ ଥିବା ଯୁବପିଢିଙ୍କୁ ଭଳିକି ଭଳି ଡ୍ରେସ୍ ସହିତ ରେନ୍‌କୋଟ୍ ବି ଅଧିକ ଦରକାର। ଏମିତିରେ ରିଭର୍ସିବଲ୍ ରେନ୍‌କୋଟ୍ ପାଲଟିଛି ଏମାନଙ୍କ ପ୍ରଥମ ପସନ୍ଦ। ଏହି ରେନ୍‌କୋଟ୍‌ରେ ଭିତର ଏବଂ ବାହାର ପଟେ ଦୁଇଟି ଭିନ୍ନ କଲର ଥାଏ। ତେଣୁ ଏହାକୁ ଉଭୟ ସିଧା ଏବଂ ଓଲଟାଇ ମଧ୍ୟ ପିନ୍ଧିହୁଏ।





## ରେନ୍‌କୋଟ୍ କିଣୁଥିଲେ ଜାଣିରଖନ୍ତୁ...

ଏବେ ବର୍ଷାଦିନ। ଦୀର୍ଘଦିନ ଗରମ ପରେ ଏହି ବର୍ଷା ଯଦିଓ ଆରାମଦାୟକ, ହେଲେ ପ୍ରତିଦିନ ବାହାରକୁ ଯାଉଥିବା ଯୁବପିଢ଼ିଙ୍କ ପାଇଁ ଏହା ବଢ଼ାଇଦିଏ ଟେନ୍‌ସନ୍। ଯେଉଁଥିରୁ ରକ୍ଷା ପାଇବା ଲାଗି ରେନ୍‌କୋଟ୍ ହିଁ ସବୁଠୁ ବଡ଼ ବିକଳ୍ପ। ତେଣୁ ରେନ୍‌କୋଟ୍ କିଣିବା ବେଳେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ...

- ରେନ୍‌କୋଟ୍ କିଣିବା ବେଳେ ପ୍ରଥମେ ଏହାର ଫିଟିଂ ପରଫେକ୍ଟ ଅଛି ନା ନାହିଁ ଚେକ୍ କରନ୍ତୁ। କାରଣ ରେନ୍‌କୋଟ୍ ଟାଇଟ୍ ରହିଲେ ଏହାକୁ ବଦଳିବା ପରେ ଆପଣ ପିନ୍ଧିଥିବା ଡ୍ରେସ୍ ଖରାପ ହୋଇଯାଏ। ସେହିପରି ଡ୍ରେସ୍ ଖରାପ ନ ହେବା ଲାଗି ଅଧିକ ଲୁଜ୍ ରେନ୍‌କୋଟ୍ ବି ପିନ୍ଧନ୍ତୁ ନାହିଁ, ଏହା ଲୁକ୍ ଖରାପ କରିଥାଏ।
- ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରେନ୍‌କୋଟ୍‌ର ଷ୍ଟିଚିଂ ଏରିଆ ଭିତରପଟୁ ପ୍ଲାଷ୍ଟିକ୍ ସିଲ୍ ଅଛି ନା ନାହିଁ ଚେକ୍ କରନ୍ତୁ। ନ ଚେତ୍ ଯେତେ ଦାମୀ ରେନ୍‌କୋଟ୍ କିଣନ୍ତୁ ନା କାହିଁକି ବର୍ଷାରେ ଷ୍ଟିଚ୍ ଭିତରକୁ ପାଣି ପଶି ଡ୍ରେସ୍ ଓଦା ହୋଇଯିବାର ଆଶଙ୍କା ରହିଛି।
- ରେନ୍‌କୋଟ୍‌ରେ କେବଳ ବଟନ୍ ଥିଲେ ଏହା ପାଣିରୁ ସୁରକ୍ଷା ଦେବା କଷ୍ଟ। ତେଣୁ ଉଭୟ ଜିପ୍ ଲକ୍ ସହ ବଟନ୍ ଥିବା ରେନ୍‌କୋଟ୍ ହିଁ କିଣନ୍ତୁ।
- ଅନେକେ ପୂରା ପାଦ ପର୍ଯ୍ୟନ୍ତ ଲମ୍ବା ରେନ୍‌କୋଟ୍ ପିନ୍ଧନ୍ତି। ହେଲେ ଏହାଦ୍ୱାରା ହାଇଟ୍ କମ୍ ଲାଗିବା ସହ କେବେକେବେ ଚାଲିବା ବେଳେ ମାଡ଼ି ହୋଇ ପଡ଼ିଯିବାର ବି ଆଶଙ୍କା ରହିଛି। ତେଣୁ ସିଙ୍ଗଲ୍ ପିସ୍ ରେନ୍‌କୋଟ୍ କିଣୁଥିଲେ ତାହା ଯେପରି ପାଦଠୁ ୨-୩ ଇଞ୍ଚ ଉପରକୁ ରହୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଫ୍ୟାଶନେବଲ୍ ଲୁକ୍ ପାଇଁ ଲାଇଟ୍ ପରିବର୍ତ୍ତେ ଡିପ୍ କଲର ରେନ୍‌କୋଟ୍ ବାଛନ୍ତୁ। କାରଣ ଲାଇଟ୍ କଲର ରେନ୍‌କୋଟ୍ ବାରମ୍ବାର ପାଣି, କାଦୁଅ ସଂସ୍ପର୍ଶରେ ଆସିଲେ ଶୀଘ୍ର ମଇଳା ହୋଇ ଖରାପ ଦେଖାଯାଏ।
- ରେନ୍‌କୋଟ୍‌ରେ ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ କମନ୍ ରେନ୍‌କୋଟ୍ ବଦଳରେ ରିଭର୍ସିବଲ୍ କିମ୍ବା ପୋଞ୍ଚୋ ଷ୍ଟାଇଲ୍ ରେନ୍‌କୋଟ୍ ବ୍ୟବହାର କରିପାରିବେ।







## ଏ ସପ୍ତାହର ପ୍ରଶ୍ନ

୧- ସବୁଠାରୁ ଦ୍ରୁତ ଗତିରେ ଚାଲୁଥିବା ଟ୍ରେନ୍ ...................... ?
୨- ଏକ ସମନ୍ଦର୍, ମେରେ ଅନ୍ଦର୍ ପୁସ୍ତକର ଲେଖକ .............. ?
୩- ବେଷ୍ଟ ଏଗ୍ରିକଲ୍ଚର ଷ୍ଟେଟ୍ ଆୱାର୍ଡ-୨୦୨୪ ......... ରାଜ୍ୟକୁ ମିଳିଛି ?
୪- ପ୍ରୋଜେକ୍ଟ ପରୀ (ପବ୍ଲିକ୍ ଆର୍ଟ ଅଫ୍ ଇଣ୍ଡିଆ) ......... ମନ୍ତ୍ରିଙ୍କ ପକ୍ଷରୁ ଲାଗୁ କରାଯାଇଛି ?
୫- ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍‌ର ହେଡକ୍ୱାର୍ଟର .........ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ସାର୍ କେର୍ ଷ୍ଟାର୍ମର୍
୨ ମଧ୍ୟପ୍ରଦେଶ ରାଜ୍ୟ
୩ ନ୍ୟାଶନାଲ୍ କମିଶନ୍ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ
୪ ଆସାମ
୫ ନ୍ୟୁ ସାଉଥ୍ ଚାଇନା ମଲ୍

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ଶେଖ୍ ୟାକୁବ୍, ଗୋପ


ନାଗେଶ୍ୱର ବେଶ୍ରା, ମୟୂରଭଞ୍ଜ


ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ସୁନ୍ଦର ହିଲ୍ ଷ୍ଟେଶନ୍



୧- ଗ୍ରିଣ୍ଡେଲ୍‌ୱାର୍ଲ୍ଡ ........................ ସ୍ୱିଜରଲାଣ୍ଡ
୨- ଲେକୋ ........................ ଇଟାଲୀ
୩- ହଲ୍‌ଷ୍ଟାଟ୍ ........................ ଅଷ୍ଟ୍ରେଲିଆ
୪- ଶ୍ରୀନଗର ........................ ଭାରତ
୫- ଦଲତ୍ ........................ ଭିଏତ୍‌ନାମ
୬- ଫାରୋଏ ଆଇସ୍‌ଲାଣ୍ଡ ........................ ଡେନ୍‌ମାର୍କ
୭- ଫୁସେନ୍........................ ଜର୍ମାନୀ
୮- କ୍ୱିନ୍‌ସଟାଉନ୍ ........................ ନ୍ୟୁଜିଲାଣ୍ଡ
୯- ସାଇହିଲ୍ସ ........................ କାନାଡ଼ା
୧୦- ଫାୟାର୍‌ବ୍ୟାଙ୍କ୍ସ........................ ଆଲାସ୍କା

# ଶରୀର ପାଇଁ ଲାଭଦାୟକ ରକ୍ତଦାନ

**ରକ୍ତଦାନ କରିବା ଦ୍ୱାରା କାହାର ଜୀବନ ବଞ୍ଚାଇବା ସହିତ ନିଜକୁ ମଧ୍ୟ ବିଭିନ୍ନ ରୋଗରୁ ଦୂରେଇ ରଖିପାରିବେ। ଜାଣିରଖନ୍ତୁ ରକ୍ତଦାନର ବିଭିନ୍ନ ଉପକାରିତା ସମ୍ପର୍କରେ...**



- ରକ୍ତଦାନ କରିବା ଦ୍ୱାରା ଯଥା ସମୟରେ ଶରୀରରେ ନୂତନ ରକ୍ତ ସୃଷ୍ଟି ହୋଇଥାଏ, ଯାହାକି ମଣିଷକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବା ରଖିଥାଏ।
- ଏହା ଦ୍ୱାରା ଶରୀରରେ ନୂଆ ରକ୍ତକଣିକା ସୃଷ୍ଟି ହୁଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରକୁ ବିଭିନ୍ନ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ।
- ପ୍ରତି ୩ ମାସରେ ଥରେ ରକ୍ତଦାନ କରିବା ଦ୍ୱାରା ଶରୀରରେ ଆଇରନ୍ ପରିମାଣ ଠିକ୍ ରହିଥାଏ। କେବେକେବେ ଶରୀରରେ ଆଇରନ୍ ମାତ୍ରା ଅଧିକ ହେଲେ ଏହା ଲିଭର ଅକ୍ସିଡେଶନ୍ ହୋଇ ଖରାପ ହେବାକୁ ଲାଗେ, ଏମିତିକି ଏହା ଯୋଗୁ ଲିଭର କ୍ୟାନ୍‌ସର ଆଶଙ୍କା ବି ବୃଦ୍ଧି ପାଇଥାଏ। ତେଣୁ ରକ୍ତଦାନ କରିବା ଦ୍ୱାରା ଏହି ସମସ୍ୟା ଉପୁଜି ନ ଥାଏ।
- ଏହା ହୃତ୍‌ପିଣ୍ଡକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। ଯାହାଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ହୃଦ୍‌ରୋଗ ଆଶଙ୍କା କମ୍ ହୋଇଥାଏ।
- ମେଦ ବହୁଳ ଥିଲେ ଯଦି ରକ୍ତରେ ଶର୍କରା ପରିମାଣ ଠିକ୍ ଥାଏ, ତେବେ ପ୍ରତି ତିନି ମାସରେ ଥରେ ରକ୍ତଦାନ କରିବା ଦ୍ୱାରା ଏହା ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

## ଜାଣନ୍ତୁ ଦୁନିଆ

# ମହୁ

**ମହୁ ଏକ ଏଭଳି ଉପାଦାନ, ଯାହା ଦେବକାର୍ଯ୍ୟରୁ ଆରମ୍ଭ କରି ଖାଦ୍ୟ, ଔଷଧ ଓ ରୂପଚର୍ଯ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇଥାଏ। ତେବେ ଜାଣନ୍ତୁ ପୌଷ୍ଟିକ ତତ୍ତ୍ୱରେ ପରିପୂର୍ଣ୍ଣ ମହୁ ସମ୍ପର୍କରେ କିଛି ଜଣା ଅଜଣା କଥା...**





- ଅନ୍ୟ କୌଣସି ଖାଦ୍ୟ ପଦାର୍ଥ ଭଳି ମହୁ ଅଧିକ ଦିନ ରହିଲେ ବି ଖରାପ ହୁଏ ନାହିଁ। ଏହାର ମୁଖ୍ୟ କାରଣ ହେଉଛି ଏଥିରେ ମଶ୍ଚର ବା ଆର୍ଦ୍ରତା ଅଂଶ ଖୁବ୍ କମ୍ ହୋଇଥିବା ବେଳେ ଏହାର ପିଏଚ୍ ଏସିଡିକ୍, ଯାହାକି ବ୍ୟାକ୍ଟେରିଆ କିମ୍ବା ଅନ୍ୟ ଅଣୁଜୀବଙ୍କୁ ମହୁରେ ବାସ କରି ଏହାକୁ ଖରାପ କରିବାକୁ ଦିଏନାହିଁ। ତେବେ ଆଶ୍ଚର୍ଯ୍ୟ କଥା ହେଉଛି, ଏକ ରିସର୍ଚ୍ଚ ସମୟରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ପୁରୁଣା ଇଜିପ୍ଟର ଏକ ଗମ୍ବୁଜ ମଧ୍ୟରୁ ମାଠିଆ ଭର୍ତ୍ତି ମହୁ ପାଇଥିଲେ, ଯାହାକି ହଜାର ବର୍ଷ ପୁରୁଣା ହୋଇଥିଲେ ସୁଦ୍ଧା ଖାଦ୍ୟ ଉପଯୋଗୀ ଅବସ୍ଥାରେ ରହିଥିଲା।
- ସବୁ ମହୁର ସ୍ୱାଦ ଓ ଗନ୍ଧ ସମାନ ନ ଥାଏ। କାରଣ ମହୁମାଛି ବିଭିନ୍ନ ପ୍ରକାରର ଗଛରୁ ମହୁ ସଂଗ୍ରହ କରିଥାନ୍ତି। ତେଣୁ ମହୁଫେଣା ନିକଟରେ ଯେଉଁ ଜାତିର ଫୁଲ ଅବା ଫଳ ଗଛ ଅଧିକ ମାତ୍ରାରେ ଥାଏ, ମହୁର ସ୍ୱାଦ ଓ ଗନ୍ଧ ସେହିଭଳି ହେବାର ସମ୍ଭାବନା ଅଧିକ। ବର୍ତ୍ତମାନ ଅଧୁନିକ ପଦ୍ଧତିରେ ମହୁମାଛି ପାଳନ କରାଯାଇ ବିଭିନ୍ନ ଫ୍ଲେଭରର ମହୁ ପ୍ରସ୍ତୁତ କରାଯାଉଛି।
- ମହୁର ରଙ୍ଗ ସବୁବେଳେ ସମାନ ନ ଥାଏ। କାରଣ କିଛି ମହୁ ହାଲୁକା ଅରେଞ୍ଜ ହୋଇଥିବା ବେଳେ ଆଉ କେତେକ ଡାର୍କ ବ୍ରାଉନ୍ କିମ୍ବା ବ୍ଲାକ ଭଳି ଦେଖାଯାଏ।
- ମାତ୍ର ଏକ ପାଉଣ୍ଡ ମହୁ ପ୍ରସ୍ତୁତ କରିବା ଲାଗି ମହୁମାଛି ଦଳଙ୍କୁ ପ୍ରାୟ ୫୫,୦୦୦ ମାଇଲ୍ ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ। ଏଥିପାଇଁ ସେମାନେ ପାଖାପାଖି ୨୦ ଲକ୍ଷ ଫୁଲରୁ ମହୁ ସଂଗ୍ରହ କରିଥାନ୍ତି। ତେବେ ଗୋଟିଏ ମହୁମାଛି ତା’ ଜୀବନକାଳ ମଧ୍ୟରେ ସମୁଦାୟ ୧ରୁ ୧.୫ ଚାମଚ ମହୁ ସଂଗ୍ରହ କରିପାରେ।
- ମହୁକୁ ଆୟୁର୍ବେଦରେ ଏକ ଜରୁରୀ ମେଡିସିନ୍ ଭାବେ ଗ୍ରହଣ କରାଯାଇଛି। ଥଣ୍ଡା, କାଶ ଦୂର କରିବା ଲାଗି ତୁଳସୀପତ୍ର ସହିତ ମହୁ ମିଶାଇ ଖିଆଯାଏ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜୁଲାଇ ୨୧, ୨୦୨୪ Bhubaneswar, Sunday, July 21, 2024

# ପ୍ୟାରିସ୍‌ରେ ଭାରତୀୟ ଆର୍ଚେରୀ, ରୋଇଂ ଦଳ

ପ୍ୟାରିସ୍,୨୦।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଶୁକ୍ରବାର ଗେମ୍ସ ଭିଲେଜରେ ପହଞ୍ଚିଛି ଭାରତୀୟ ଆର୍ଚେରୀ ଓ ରୋଇଂ ଦଳ। ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳର ଚିଫ୍ ଡି ମିଶନ ରହିଥିବା ଗଗନ ନାରଙ୍ଗ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମ ଭାରତୀୟ ଦଳ ଭାବରେ ଆର୍ଚେରୀ ଓ ରୋଇଂ ଦଳ ପହଞ୍ଚିଥିବା ବେଳେ ଭାରତୀୟ ହକି ଦଳ ଶନିବାର ବିଳମ୍ବିତ ରାତ୍ରିରେ ପହଞ୍ଚିବେ ବୋଲି ନାରଙ୍ଗ ସୂଚନା ଦେଇଛନ୍ତି। ବର୍ତ୍ତମାନ ଭାରତୀୟ ହକି ଦଳ ନେଦରଲାଣ୍ଡରେ ଏହାର ପ୍ରସ୍ତୁତି ଶିବିର ଜାରି ରଖିଛି। ଚିଫ୍ ଡି ମିଶନ ରହିଥିବା ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ନାରଙ୍ଗ ଶୁକ୍ରବାର ପହଞ୍ଚିଥିବା ବେଳେ ଭାରତୀୟ ଖେଳାଳିମାନେ ଗେମ୍ସ ଭିଲେଜରେ ଧୀରେ ଧୀରେ ଆଡଜଷ୍ଟ କରୁଥିବା କହିଛନ୍ତି। ଏହା ସହ ଖେଳାଳିମାନେ ଗେମ୍ସ ଭିଲେଜକୁ ଏକ୍ସପ୍ଲୋର କରୁଛନ୍ତି। ଖେଳାଳିମାନେ ଅଲିମ୍ପିକ୍ସ ଭିଲେଜରେ ପହଞ୍ଚିବାକୁ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି ନାରଙ୍ଗ। ଆଥଲେଟ ଥିବା ସମୟର ଅଭିଜ୍ଞତା ଆଉଥରେ ସତେଜ ହୋଇଗଲା ବୋଲି ସେ କହିଛନ୍ତି। ଭାରତୀୟ ଆଥଲେଟ ଗେମ୍ସ ଭିଲେଜରେ ପହଞ୍ଚିବା ଆଗରୁ ସବୁ ସୁବିଧା ଯେମିତି ଉପଲବ୍ଧ ଥିବ ସେ ବ୍ୟବସ୍ଥା କରିବାକୁ ଆମେ ପ୍ରୟାସ କରୁଛୁ ବୋଲି ମଧ୍ୟ ନାରଙ୍ଗ କହିଛନ୍ତି। ଚିଫ୍ ଡି ମିଶନ ଏକ ବୃହତ୍ତର ଉପଲବ୍ଧି। ଏଭଳି ଏକ ଦାୟିତ୍ୱ ପ୍ରଦାନ କରିଥିବାରୁ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ)କୁ ଧନ୍ୟବାଦ ଜଣାଇଛନ୍ତି ଖେଳରତ୍ନ ଓ ପଦ୍ମଶ୍ରୀ ବିଜେତା ନାରଙ୍ଗ। ୨୦ ଟି କ୍ରୀଡ଼ା ବର୍ଗରେ ୧୧୭ ଜଣ ଆଥ୍‌ଲେଟ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏହି ଦଳରେ ରହିଥିବା ସମସ୍ତ ଖେଳାଳି କେବଳ ବିଶ୍ୱସ୍ତରର ପ୍ରତିଯୋଗୀଙ୍କ ସହ ଖେଳିବାକୁ ଯୋଗ୍ୟ ତା’ ନୁହେଁ ବରଂ ଏମାନେ ଦେଶ ପାଇଁ ସୁନାମ ଆଣିବାରେ ମଧ୍ୟ ସମର୍ଥ। ଚଳିତ ଅଲିମ୍ପିକ୍ସରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ନାରଙ୍ଗ ଆଶାପ୍ରକାଶ କରିଛନ୍ତି।



ଅଲିମ୍ପିକ୍ସ ଗେମ୍ସ ଭିଲେଜରେ ପହଞ୍ଚିବା ପରେ ଭାରତୀୟ ଆର୍ଚେରୀ ଦଳ।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୫ ଦିନ**

# ପ୍ରଥମ ଥର ୨ ମହିଳା ସାମିଲ

## ଭାରତୀୟ ସେନାର ୨୪ ଖେଳାଳି

ନୂଆଦିଲ୍ଲୀ,୨୦।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଭାରତ ୧୧୭ ଜଣିଆ ଦଳ ଘୋଷଣା କରିଛି। ତେବେ ଭାରତୀୟ ସେନାର ମୋଟ ୨୪ ଜଣ ଆଥଲେଟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଷ୍ଟାର ଜାଭେଲିନ୍ ଥ୍ରୋୟର ଭାରତୀୟ ସେନାର ଅଂଶ ରହିଥିବା ବେଳେ ଦୁଇଜଣ ମହିଳା ଆଥଲେଟ ମଧ୍ୟ ରହିଛନ୍ତି। ପ୍ରଥମ ଥର ପାଇଁ ୨ ଜଣ ମହିଳା ଆଥଲେଟ ଭାରତୀୟ ସେନାରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରୁଛନ୍ତି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ୨୬ ତାରିଖରୁ ପ୍ୟାରିସ୍ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ସେନାରେ ସୁବେଦାର ରହିଥିବା ନୀରଜ ଚୋପ୍ରା ପଦକ ତାଲିକାରେ ଫେଭରିଟ୍ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ନୀରଜ ୨୦୨୩ ଏସିଆନ ଗେମ୍ସ, ୨୦୨୩ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ, ୨୦୨୪ ଡାଏମଣ୍ଡ ଲିଗ୍ ଓ ୨୦୨୪ ପାଭୋ ନୁର୍ମି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୁଇ ମହିଳା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ବକ୍ସର ଜସ୍ମିନ୍ ଲାମ୍ବୋରିଆ ଓ ରେସ୍‌ଲର ରୀତିକା ହୁଡା। ହାବିଲଦାର ରହିଥିବା ଜସ୍ମିନ୍ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଅନ୍ୟ ପକ୍ଷରେ ସିପିଓ ରହିଥିବା ରୀତିକା ୨୦୨୩ ଏସିଆନ୍ ରେସ୍‌ଲିଂ ଚାମ୍ପିୟନଶିପରେ ବ୍ରୋଞ୍ଜ ଜିତିଥିଲେ। ୨ ମହିଳା ପ୍ରଥମ ଥର ଅଲିମ୍ପିକ୍ସରେ ଯୋଗ ଦେଇ ଇତିହାସ ରଚିଥିବା ବେଳେ ପ୍ରତିରକ୍ଷା ମନ୍ତ୍ରାଳୟ ଶୁଭେଚ୍ଛା ଜଣାଇଛି।

ଅନ୍ୟମାନଙ୍କ ମଧ୍ୟରେ ସୁବେଦାର ଅମିତ ପଙ୍ଘାଲ(ବକ୍ସିଂ), ସିପିଓ ତାଜିନ୍ଦର ପାଲ ସିଂ ତୁର(ଶଟ୍‌ପୁଟ୍), ସୁବେଦାର ଅବିନାଶ ମୁକୁନ୍ଦ ସାବଲେ(୩୦୦୦ ମିଟର ଷ୍ଟିପଲଚେଜ୍), ସିପିଓ ମହମ୍ମଦ ଅନସ ୟାହିୟା, ପିଓ ମହମ୍ମଦ ଆଜମଲ, ସୁବେଦାର ସନ୍ତୋଷ କୁମାର ତାମିଲରସନ ଓ ଜେଡବ୍ଲ୍ୟୁଓ ମିଜୋ ଚାକୋ କୁରିଆନ(୪x୪୦୦ ମିଟର ପୁରୁଷ ରିଲେ), ଜେଡବ୍ଲ୍ୟୁଓ ଅବଦୁଲ୍ଲା ଅବୁ ବକର (ଟ୍ରିପଲ ଜମ୍ପ), ସୁବେଦାର ତରୁଣଦୀପ ରାୟ ଓ ସୁବେଦାର ଧୀରଜ ବୋମ୍ମାଦେବରା(ଆର୍ଚେରୀ) ଓ ନାଏବ ସୁବେଦାର ସନ୍ଦୀପ ସିଂ (ଶୁଟିଂ) ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଭାରତୀୟ ସେନା ଏହାର ଏକ୍ସ ପେଜ୍‌ରେ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛି। ପୂର୍ବରୁ ସିଡିଏସ୍ ଉପେନ୍ଦ୍ର ଦ୍ୱିବେଦୀ ସମସ୍ତ ଖେଳାଳିଙ୍କ ସହ ଭିଡିଓ କନଫରେନ୍ସରେ କଥା ହୋଇଥିଲେ।




ଜସ୍ମିନ୍ ଲାମ୍ବୋରିଆ ଓ ରୀତିକା ହୁଡା।

# ଓଡ଼ିଶା ପୁରୁଷ ଦଳ ବିଜୟୀ, ମହିଳା ପରାସ୍ତ

କୋଲକାତା, ୨୦।୭ (ପି.ଟି.)

**ପୂର୍ବାଞ୍ଚଳ ଜୁନିୟର ହକି**

ପୂର୍ବାଞ୍ଚଳ ଜୁନିୟର ପୁରୁଷ ଓ ମହିଳା ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ବିଜୟ ଲାଭ କରିଥିବା ବେଳେ ମହିଳା ଦଳ ପରାଜିତ ହୋଇଛି। ମହିଳା ବିଭାଗରେ ମଣିପୁର ଓ ଝାଡ଼ଖଣ୍ଡ ଯଥାକ୍ରମେ ବିହାର ଓ ଓଡ଼ିଶାକୁ ପରାସ୍ତ କରି ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ପୁରୁଷ ବିଭାଗରେ ଓଡ଼ିଶା କିନ୍ତୁ ବିହାରକୁ ୫–୨ ଗୋଲ୍‌ରେ ପରାଜିତ କରିଛି। ସ୍ଥାନୀୟ ସଲ୍ଟଲେକ୍‌ସ୍ଥିତ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରଠାରେ ମହିଳା ବିଭାଗରେ ଝାଡ଼ଖଣ୍ଡ ୪–୧ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଥିବା ବେଳେ ମଣିପୁର ୫–୩ ଗୋଲ୍‌ରେ ବିହାରକୁ ହରାଇ ଦେଇଛି। ମହିଳା ବିଭାଗରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଆୟୋଜକ ବେଙ୍ଗଲ ୫–୩ ଗୋଲ୍‌ରେ ଆସାମକୁ ପରାସ୍ତ କରିଛି। ଶନିବାର ପୁରୁଷ ବିଭାଗର ଅନ୍ୟ ଏକ ମ୍ୟାଚରେ ଝାଡ଼ଖଣ୍ଡ ୭–୦ ଗୋଲ୍‌ରେ ବେଙ୍ଗଲକୁ ହରାଇ ଦେଇଛି।

# ଅନିଲ କୁମାର ଏଆଇଏଫ୍‌ଏଫ୍ ମହାସଚିବ

ନୂଆଦିଲ୍ଲୀ,୨୦।୭(ପି.ଟି.)

ସର୍ବଭାରତୀୟ ଫୁଟବଲ ଫେଡେରେଶନ୍ (ଏଆଇଏଫ୍‌ଏଫ୍) ପକ୍ଷରୁ ଶନିବାର କେରଳର ଅନିଲ କୁମାର ପ୍ରଭାକରନଙ୍କୁ ନୂତନ ମହାସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ଏମ୍. ସତ୍ୟନାରାୟଣ ନିଜ ଦାୟିତ୍ୱରୁ ଅବ୍ୟାହତି ନେଇଥିବା ବେଳେ ଅନିଲ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶାଜି ପ୍ରଭାକରନଙ୍କୁ ବିଦା କରିବା ପରେ ସତ୍ୟନାରାୟଣ ଅନ୍ତରୀଣ ମହାସଚିବ ଦାୟିତ୍ୱରେ ରହିଥିଲେ। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ପ୍ରସ୍ତାବ ଉପରେ କାର୍ଯ୍ୟକାରୀ ପରିଷଦର ମୋହର ବାଜିବା ସହ ଅନିଲ କୁମାର ମହାସଚିବ ନିଯୁକ୍ତ ହୋଇଥିଲେ। ପୂର୍ବରୁ ଅନିଲ କୁମାର ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ ପରିଷଦ ସମେତ ଅନ୍ୟାନ୍ୟ କମିଟିର ସଦସ୍ୟ ରହିଥିଲେ। ତେବେ ମହାସଚିବ ନିଯୁକ୍ତ ହେବା ସହ ସେ ଅନ୍ୟ ସମସ୍ତ କମିଟି ଓ କାର୍ଯ୍ୟକାରୀ ପରିଷଦରୁ ଇସ୍ତଫା ଦେଇଛନ୍ତି। ଏଆଇଏଫ୍‌ଏଫ୍ ସମ୍ବିଧାନ ଅନୁସାରେ ଅନିଲ କୁମାରଙ୍କ ନିଯୁକ୍ତି ମିଳିଥିବା ବେଳେ ସେ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦୨୩ରେ ଶାଜି ପ୍ରଭାକରନଙ୍କୁ ଏଆଇଏଫ୍‌ଏଫ୍ ମହାସଚିବ ପଦରୁ ହଟାଯାଇଥିଲା।




ଖୁସିର 100 ଦିନ | ନିଜର କିଣାବିକା ଉପରେ 100% କ୍ୟାଶବ୍ୟାକ୍^ ଜିତିବାର ସୁଯୋଗ ପାଆନ୍ତୁ

INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ˇOffer amount and combination of offer may vary for model/variant and states and it is applicable on select models only. Offer may change without any prior intimation, cash discount is applicable on purchase through Flipkart only. Flipkart cash discount is not applicable on virtual wallet transactions and is available at select dealerships only, T&C apply. For more details, please visit your nearest authorised Hero outlet. ^This Centennial Celebration Campaign is open only for Indian residents who buys a new Hero two wheeler during Campaign Period. This Campaign is valid from 26th June 2024 to 3rd Oct 2024. Cashback money can be claimed by the winning Participant within 90 days from the date of declaration of winner status. Any claim raised after expiry of above 90 days period shall not be entertained. Terms & Conditions apply. *Ex-showroom price of HF Deluxe Drum Brake Kick Start in Bhubaneswar.

କଲ୍ ଟୋଲ ଫ୍ରି 1800 266 0018

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors, Ph- 6372753989, Jeypore: Supreme Sales, Ph- 8144822656.

VML.5743.2024ORI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ